एक निरपेक्ष प्रगतिशील सम्बादपत्र

ଦିନଲିପି

THE DINALIPI

• Vol.- 46, Issue No.5
• Sunday, 5 April 2026
• ରବିବାର, ୫ ଏପ୍ରିଲ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ହର୍ମୁଜ ଖୋଲିବାକୁ ୪୮ ଘଣ୍ଟାର ମହଲତ

★ ନଚେତ୍ 'ନରକ'ଭୋଗିବ ଇରାନ: ଟ୍ରମ୍ପ
★ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ପାଇଁ ଇରାନର ନିର୍ଦ୍ଦେଶ
★ ହର୍ମୁଜ ପାଇଁ ପ୍ରୋଟୋକଲ ମାନିବା ଉପରେ ଗୁରୁତ୍ୱ
★ ଏଯାବତ୍ ୮ ଭାରତୀୟ ଜାହାଜ ଅତିକ୍ରମ କରିଛି

ନୂଆଦିଲ୍ଲୀ,୪।୪: ମଧ୍ୟପ୍ରାଚ୍ୟ ଯୁଦ୍ଧ ୩୬ ଦିନରେ ପହଞ୍ଚିଛି। ଇରାନକୁ ଏକ ସଦ୍ୟତମ ଚେତାବନୀ ଦେଇ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ତେହେରାନକୁ ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ଏକ ଚୁକ୍ତି କରିବାକୁ ୪୮ ଘଣ୍ଟାର ସମୟସୀମା ଦେଇଛନ୍ତି, ନଚେତ୍ 'ନରକ' ଭୋଗିବାକୁ ପ୍ରସ୍ତୁତ ହୁଅ ବୋଲି ଚେତାବନୀ ଦେଇଛନ୍ତି। ଟ୍ରୁଥ ସୋସିଆଲରେ ଏକ ପୋଷ୍ଟରେ ଟ୍ରମ୍ପ ଲେଖିଛନ୍ତି, 'ମନେରଖ ଯେତେବେଳେ ମୁଁ ଇରାନକୁ ପୂର୍ବରୁ ଏକ ଚୁକ୍ତି କରିବାକୁ କିମ୍ବା ହର୍ମୁଜ୍ ପ୍ରଣାଳୀ ଖୋଲିବା ପାଇଁ ଦଶ ଦିନ ସମୟ ଦେଇଥିଲି, ସମୟ ସରି ଆସୁଛି ।' ୨୮ ଫେବୃଆରୀରେ ଆମେରିକା-ଇସ୍ରାଏଲ ଆକ୍ରମଣର ପ୍ରତିକ୍ରିୟାରେ ଇରାନ ହର୍ମୁଜ୍ ପ୍ରଣାଳୀ ଉପରେ ନିଜର କବ୍ଜା ରଖିଥିବା ବେଳେ ଏହି ରାସ୍ତା ଦେଇ ସର୍ବାଧିକ ସଂଖ୍ୟକ ଜାହାଜ ଯାଉଥିବା ଦେଶମାନଙ୍କ ମଧ୍ୟରୁ ଭାରତ ଅନ୍ୟତମ ଭାବରେ ଉଭା ହୋଇଛି। ସଂଘର୍ଷ ଆରମ୍ଭ ହେବା ପରଠାରୁ ଅତି କମ୍‌ରେ ଆଠଟି ଭାରତୀୟ ଜାହାଜ ହର୍ମୁଜ୍ ପ୍ରଣାଳୀ ଦେଇ ଯାଇଛି। ଇରାନର ତସନିମ୍ ସମ୍ବାଦ ସଂସ୍ଥା ଶନିବାର ଉଦ୍ଧୃତ କରିଥିବା ଏକ ଚିଠି ଅନୁଯାୟୀ, ଇରାନ ହର୍ମୁଜ୍ ପ୍ରଣାଳୀ ଦେଇ ଏହାର ବନ୍ଦରଗୁଡ଼ିକୁ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରୁଥିବା ଜାହାଜଗୁଡ଼ିକୁ ଅନୁମତି ଦେଇଛି। ଚିଠିରେ ସୂଚିତ ହୋଇଛି ଯେ ଓମାନ ଉପସାଗରରେ ଥିବା ବନ୍ଦରଗୁଡ଼ିକ ସମେତ ଇରାନ ବନ୍ଦରଗୁଡ଼ିକୁ ଯାଉଥିବା ଜାହାଜଗୁଡ଼ିକୁ କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟ ରକ୍ଷା କରିବାକୁ ପଡିବ ଏବଂ ପ୍ରଣାଳୀ ପରିବହନ ପାଇଁ ପ୍ରତିସ୍ଥାପିତ ପ୍ରୋଟୋକଲ ପାଳନ କରିବାକୁ ପଡିବ। ୨୮ ଫେବୃଆରୀରୁ ଆରମ୍ଭ ହୋଇଥିବା ଆମେରିକା-ଇସ୍ରାଏଲ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଇରାନ ହର୍ମୁଜ୍ ପ୍ରଣାଳୀକୁ ପ୍ରଭାବଶାଳୀ ଭାବରେ ବନ୍ଦ କରିଦେଇଛି, ଯାହା ସାଧାରଣତଃ ବିଶ୍ୱର ମୋଟ ତୈଳ ବାଣିଜ୍ୟର ପ୍ରାୟ ଏକ-ପଞ୍ଚମାଂଶ ବହନ କରେ।

ଆମେରିକାକୁ ଇରାନର ପ୍ରତିଜବାବ

'ଈଗଲ୍' ଲଢୁଆ ବିମାନକୁ ଗୁଳି କରି ଖସାଇଲା

■ ଏ-୧୦ ଥ୍ରାର୍ଥୋଗ୍ ବିମାନ ଉପରେ ମଧ୍ୟ ଆକ୍ରମଣ
■ ଅପ୍ଟିକାଲ୍ ଓ ଇନଫ୍ରାରେଡ୍ ସେନ୍ସରର ସହାୟତା ନେଉଛି ଇରାନ

ନୂଆଦିଲ୍ଲୀ,୪।୪:ଇରାନ ଦୁଇଟି ଆମେରିକୀୟ ଯୁଦ୍ଧ ବିମାନକୁ ଗୁଳି କରି ଖସାଇ ଦେଇଥିବା ଦାବି କରିଛି। ଆମେରିକା ବିରୋଧରେ ଏହା ଏକ ଅତ୍ୟନ୍ତ ବିରଳ ଆକ୍ରମଣ ଯାହା ୨୦ ବର୍ଷରୁ ଅଧିକ ସମୟ ଧରି ଘଟିନାହିଁ । ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବରେ ଇରାନ ଉପରେ ପ୍ରଥମେ ଆକ୍ରମଣ କରିବାର ପାଞ୍ଚ ସପ୍ତାହ ପରେ ଏହି ଆକ୍ରମଣ ଘଟିଛି। ଟ୍ରମ୍ପ ଏହି ସପ୍ତାହର ଆରମ୍ଭରେ କହିଥିଲେ ଯେ ତେହେରାନର 'କ୍ଷେପଣାସ୍ତ୍ର ଏବଂ ଡ୍ରୋନ ନିକ୍ଷେପ କରିବାର କ୍ଷମତା ନାଟକୀୟ ଭାବରେ ହ୍ରାସ ପାଇଛି'। ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ ଇରାନ ଶୁକ୍ରବାର ଏକ ଆମେରିକୀୟ ଏଫ୧୫-ଇ ଷ୍ଟାଇକ ଜରିଆରେ 'ଈଗଲ୍' ଲଢୁଆ ବିମାନକୁ ଗୁଳି କରି ଖସାଇ ଦେଇଛି, ଯେଉଁଥିରେ ଜଣେ ସେବା ସଦସ୍ୟଙ୍କୁ ଉଦ୍ଧାର କରାଯାଇଛି ଏବଂ ଦ୍ୱିତୀୟ ଥର ପାଇଁ ସନ୍ଧାନ ଜାରି ରହିଛି। ଇରାନୀ ସରକାରୀ ଗଣମାଧ୍ୟମ ମଧ୍ୟ କହିଛି ଯେ ଇରାନୀ ପ୍ରତିରକ୍ଷା ବାହିନୀ ଦ୍ୱାରା ଆଘାତ ପାଇବା ପରେ ଏକ ଆମେରିକୀୟ ଏ-୧୦ ଥ୍ରାର୍ଥୋଗ୍ ବିମାନ ପାରସ୍ୟ ଉପସାଗର ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଆମେରିକା-ଇସ୍ରାଏଲୀୟ ବିମାନ ଆକ୍ରମଣର ପ୍ରତିଜବାବ ଏକ ମାସରୁ ଅଧିକ ସମୟ ପରେ ଘଟିଛି।ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ଦ୍ୱାରା ପ୍ରକାଶିତ ଫୁଟେଜ୍ ଯେଉଁଥିରେ ଆମେରିକୀୟ ଲଢୁଆ ଜେଟଗୁଡ଼ିକୁ ପୃଷ୍ଠରୁ ଆକାଶ କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରାଯାଉଥିବା ଦର୍ଶାଯାଇଛି, ତାହା ପାରମ୍ପରିକ ରାଡାର-ଆଧାରିତ ଟ୍ରାକିଂ ବଦଳରେ ଅପ୍ଟିକାଲ୍ ଏବଂ ଇନଫ୍ରାରେଡ୍ ସେନ୍ସର ଦ୍ୱାରା କଏଦ କରାଯାଇଥିଲା।

ନେରେଡ଼ି ବ୍ୟାରେଜ୍ ନିର୍ମାଣ ପାଇଁ ପଥ ପରିଷ୍କାର

ଭୁବନେଶ୍ୱର, ୪।୪: ବଂଶଧାରା ନଦୀ ଜଳ ବିବାଦ ନେଇ ଦୀର୍ଘ ଦୁଇ ଦଶନ୍ଧିର ଆଇନଗତ ଲଢ଼େଇ ପରେ ଟ୍ରିବ୍ୟୁନାଲ୍‌ଙ୍କ ଚୂଡ଼ାନ୍ତ ରାୟ ଆସିଛି। କେନ୍ଦ୍ର ଗେଜେଟ୍ ବିଜ୍ଞପ୍ତି ପରେ ନେରେଡ଼ି ବ୍ୟାରେଜ୍ ନିର୍ମାଣ ପାଇଁ ସବୁଜ ସଙ୍କେତ ମିଳିଛି, ଯାହାକୁ ନେଇ ଏବେ ଗଜପତି ଓ ରାୟଗଡ଼ାର ଚାଷୀକୁଳ ଆତଙ୍କିତ। ସେପଟେ ରାୟକୁ ନେଇ ରାଜନୈତିକ ବୟାନବାଜି ଡେଇଁଛି। ଚୂଡ଼ାନ୍ତ ରାୟ ପରେ ଆନ୍ଧ୍ରପ୍ରଦେଶର ନେରେଡ଼ି ବ୍ୟାରେଜ୍ ପ୍ରକଳ୍ପ ପାଇଁ ପ୍ରତିବନ୍ଧକ ଦୂର ହୋଇଛି। ୮୦୦ କ୍ୟୁସେକ୍ କ୍ଷମତା ବିଶିଷ୍ଟ ସ୍ଲୁଇସ୍ ଗେଟ୍ ନିର୍ମାଣ କରିବାକୁ ଅନୁମତି ମିଳିଛି। ଏଥିସହ ବଂଶଧାରା ନଦୀରେ ଥିବା ଗୋଟ୍ଟା ବ୍ୟାରେଜରେ ଉପଲବ୍ଧ ଜଳର ପରିମାଣ ୧୧୫ ଟିଏମ୍‌ସି ସ୍ଥିର ହୋଇଛି। ନଦୀର ଜଳକୁ ଉଭୟ ରାଜ୍ୟ ୫୦:୫୦ ଅନୁପାତରେ ବାଣ୍ଟି ନେବେ ବୋଲି ନିଷ୍ପତ୍ତି ହୋଇଛି। ଫଳରେ ଓଡ଼ିଶାର ରାୟଗଡ଼ା, ଗଜପତି ଜିଲ୍ଲା ଚାଷୀଙ୍କ ଏହା ଚିନ୍ତା ବଢ଼ାଇଛି।

ଘରୋଇ ସ୍କୁଲର ମନମାନିକୁ ତାଗିଦା

ଭୁବନେଶ୍ୱର,୪।୪: ଘରୋଇ ସ୍କୁଲର ମନମାନି ଉପରେ ଏବେ ସରକାରଙ୍କ କଡ଼ା ନଜର ପଡ଼ିଛି। ବହି ବିକ୍ରି ନାଁରେ ଅଭିଭାବକଙ୍କ ପକେଟ୍ କାଟୁଥିବା

ସ୍କୁଲଗୁଡ଼ିକୁ ଚେତାବନୀ ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଏଣିକି ଘରୋଇ ସ୍କୁଲରେ ଏନସିଇଆରଟି ବହି ପଢ଼ାଯିବା ବାଧ୍ୟତାମୂଳକ ହେବ । ଘରୋଇ ସ୍କୁଲ ଗୁଡ଼ିକରେ ନିଜସ୍ୱ ପ୍ରକାଶନୀ ବହି ବିକ୍ରି କରି ଅଭିଭାବକଙ୍କୁ ଶୋଷଣ କରିବା ଘଟଣାକୁ ଗୁରୁତର ସହ ନେଇଛନ୍ତି ରାଜ୍ୟ ସରକାର । ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, କେତେକ ବେସରକାରୀ ଶିକ୍ଷାନୁଷ୍ଠାନ ଅଧିକ ଲାଭ ଆଶାରେ ନିଜସ୍ୱ ବହି ପଢ଼ିବାକୁ ପିଲାଙ୍କୁ ବାଧ କରୁଛନ୍ତି, ଯାହା ଶିକ୍ଷା ନୀତିର ଖୋଲାଖୋଲି ଉଲ୍ଲଂଘନ । ନୂତନ ଜାତୀୟ ଶିକ୍ଷା ନୀତି ଅନୁସାରେ ପିଲାମାନେ ଏନସିଇଆରଟି ବହି ପଢ଼ିବା ଆବଶ୍ୟକ, ଯାହା ସୁଲଭ ମୂଲ୍ୟରେ ଉପଲବ୍ଧ ।

ତାଳଚେରରେ ପାରଦ ସର୍ବାଧିକ ୪୦.୨ ଡିଗ୍ରୀ

ଭୁବନେଶ୍ୱର,୪।୪: ଶନିବାର ପ୍ରବଳ ଗ୍ରୀଷ୍ମପ୍ରବାହ ସମଗ୍ର ରାଜ୍ୟକୁ ପ୍ରଭାବିତ କରିଛି। ବହୁ ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ସେଲ୍ସିୟସ୍ ଉପରେ ରେକର୍ଡ କରାଯାଇଥିଲା। ରାଜ୍ୟ ଯେପରି ତତଲା କଡ଼େଇରେ ପରିଣତ ହୋଇ ଥିଲା। ତାଳଚେରରେ ରାଜ୍ୟର ପାରଦ ସର୍ବାଧିକ ୪୦.୨ ଡିଗ୍ରୀ ସେଲସିୟସ୍ ଛୁଇଁଥିଲା ।ଫଳରେ ଏହା ସବୁଠାରୁ ଉତ୍ତପ୍ତ ସ୍ଥାନ ଭାବରେ ଉଭା ହୋଇଥିଲା। ଏହା ପଛକୁ ଝାରସୁଗୁଡ଼ା ଏବଂ ପାରଳାଖେମୁଣ୍ଡି, ଉଭୟରେ ୪୦.୦ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ସେହିପରି ଅନୁଗୁଳ ୩୯.୭ ଡିଗ୍ରୀ, ବାରିପଦା ୩୯.୦ ଡିଗ୍ରୀ , ସୁନ୍ଦରଗଡ଼ ୩୯.୦ ଡିଗ୍ରୀ , ହୀରାକୁଦ ୩୯.୦ ଡିଗ୍ରୀ , ବରଗଡ଼ ୩୯.୦ ଡିଗ୍ରୀ , ଭଦ୍ରକ ୩୯.୩ ଡିଗ୍ରୀ , ଭୁବନେଶ୍ୱର ୩୮.୮ ଡିଗ୍ରୀ , ଚାନ୍ଦବାଲି ୩୮.୮ ଡିଗ୍ରୀ , କଟକ ୩୭.୮ ଡିଗ୍ରୀ ଏବଂ ସମ୍ବଲପୁରରେ ୩୮.୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା ।ଆଗାମୀ ଦିନରେ ଅନେକ ଜିଲ୍ଲାରେ ଗରମ ଏବଂ ଆର୍ଦ୍ର ପରିସ୍ଥିତି ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ସତର୍କ କରାଇ ଦେଇଛି।

୧୬ ପ୍ରସ୍ତାବ ଉପରେ ବାଜିଲା ମୋହର

■ ରାଜ୍ୟରେ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା
■ ଶିକ୍ଷାନୁଷ୍ଠାନରେ ବଢ଼ିଲା ସଂରକ୍ଷିତ ଆସନ ■ ଖୋଲିବ ବଡମ୍ବା ଚିନିଶିଳ୍ପ

ଭୁବନେଶ୍ୱର,୪।୪: ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୧୬ ପ୍ରସ୍ତାବ ଉପରେ ମୋହର ବାଜିଛି। ୧୩ଟି ବିଭାଗର ୧୯ ପ୍ରସ୍ତାବ ମଧ୍ୟରୁ ୧୬ଟି ପ୍ରସ୍ତାବ ଅନୁମୋଦିତ ହୋଇଥିଲା । ରାଜ୍ୟରେ ପ୍ରଥମକରି ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା । ଏହି ଯୋଜନାରେ ହିତାଧିକାରୀଙ୍କୁ ମାସକୁ ଅଧିକ ୫ କେଜି ଚାଉଳ ମିଳିବ। ପ୍ରତି ମାସରେ ଏହି ଯୋଜନା ଲାଗି ୭୩୪ କୋଟି ଖର୍ଚ୍ଚ ହେବ। ସେହିପରି ଏସସି/ଏସ୍‌ଟି, ପଛୁଆବର୍ଗଙ୍କ ପାଇଁ ସଂରକ୍ଷିତ ଆସନ ସଂଖ୍ୟା ବୃଦ୍ଧି ପାଇଛି । ରାଜ୍ୟରେ ଖୋଲିବ ବଡମ୍ବା ସମବାୟ ଚିନି ଶିଳ୍ପ। ଏଥିଲାଗି ୩୫୨ କୋଟି ଖର୍ଚ୍ଚ ହେବ।

ମିଳିଲା ଜଙ୍ଗଲ ଜମି ଅନୁମତି: ଆଉ ପାଦେ ଆଗେଇଲା ପୁରୀ ବିମାନବନ୍ଦର

ଭୁବନେଶ୍ୱର,୪।୪(ନିପ୍ର): ପ୍ରସ୍ତାବିତ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ମିଳିଛି ଜଙ୍ଗଲଜମି ଅନୁମତି । ଶ୍ରୀଜଗନ୍ନାଥ ବିମାନବନ୍ଦର ପାଇଁ କେନ୍ଦ୍ର ସରକାରଙ୍କ ଷ୍ଟେଜ୍-୧ ଅନୁମୋଦନ ମିଳିଛି । ପ୍ରକଳ୍ପକୁ ବାସ୍ତବରେ ରୂପାୟନ କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ । ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି । ପୁରୀ ଜଙ୍ଗଲ ବିଭାଗର ୨୭.୮୮୭ ହେକ୍ଟର ଜଙ୍ଗଲ ଜମି ଯୋଗାଇ ଦିଆଯିବ ।

୪୪୭.୧୧ କୋଟି ଟଙ୍କା ହେଲା ମଞ୍ଜୁର

ପଶ୍ଚିମ ଓଡ଼ିଶା ରାଜପଥର ହେବ ଉନ୍ନତିକରଣ

ଭୁବନେଶ୍ୱର, ୪।୪: କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଓଡ଼ିଶାର ନୂଆପଡ଼ା ଏବଂ ବଲାଙ୍ଗୀର ଜିଲ୍ଲାରେ ଜାତୀୟ ରାଜପଥ ୩୫୩ ଏବଂ ୫୯ ଉପରେ ୧୦୩.୫୨ କିଲୋମିଟର ବ୍ୟାପୀ କୁରୁମପୁରା-ରାଜ ଖରିଆର ରାସ୍ତା ଅଂଶର ଉନ୍ନତିକରଣ ପାଇଁ କେନ୍ଦ୍ର ସରକାର ୪୪୭.୧୧ କୋଟି ଟଙ୍କା ମଞ୍ଜୁର କରିଥିବା ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ ଛତିଶଗଡ଼ର ରାୟପୁର-ମହାସମୁନ୍ଦ ଅଞ୍ଚଳକୁ ଓଡ଼ିଶା ସହିତ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃରାଜ୍ୟ କରିଡର ଗଠନ ଲାଗି ଉଦ୍ଦିଷ୍ଟ। ଚୁହୁପୁର ଏବଂ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ଏହା ବିସ୍ତାରିତ ହେବ। ସମ୍ପୂର୍ଣ୍ଣ ହେବା ପରେ, ଏହା ନୂଆପଡ଼ା, ବଲାଙ୍ଗୀର, କଲାହାଣ୍ଡି, କନ୍ଧମାଳ ଏବଂ ଗଞ୍ଜାମ ସମେତ ବିଭିନ୍ନ ଜିଲ୍ଲାରେ ଯାତ୍ରୀ ଏବଂ ମାଲ ପରିବହନରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଏହି କରିଡର ଦାରିଙ୍ଗବାଡି, ସୁନାବେଡା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ନିକଟବର୍ତ୍ତୀ ପାହାଡିଆ ଅଞ୍ଚଳ ଭଳି ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ଉତ୍ତମ ପ୍ରବେଶ ସୁବିଧା ପ୍ରଦାନ କରିବ। ଫଳରେ ସ୍ଥାନୀୟ ପର୍ଯ୍ୟଟନ ଏବଂ ଆର୍ଥିକ ବିକାଶକୁ ଏକ ଦୃଢ଼ ପ୍ରୋତ୍ସାହନ ଦେବ। ଏହି

ପଦକ୍ଷେପ ଦ୍ରୁତ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ସମନ୍ୱିତ ଏବଂ ବହୁମୁଖୀ ଭିତ୍ତିଭୂମି ଯୋଜନା ଲକ୍ଷ୍ୟରେ ସରକାରଙ୍କ ଗତି ଶକ୍ତି ମିଶନ ସହିତ ସମନ୍ୱିତ।ପଶ୍ଚିମ ଓଡ଼ିଶାର ସଂଯୋଗୀକରଣକୁ ସୁଦୃଢ଼ କରିବା ଏବଂ ଏହି ଅଞ୍ଚଳରେ ଶିଳ୍ପ ଲଜିଷ୍ଟିକ୍ସ ଏବଂ ପର୍ଯ୍ୟଟନ ସମ୍ଭାବନାକୁ ସମର୍ଥନ କରିବା ଦିଗରେ ଏକ ପଦକ୍ଷେପ ଭାବରେ ଏହି ଘୋଷଣାକୁ ସ୍ୱାଗତ କରାଯାଇଛି।

ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

ଖଡ଼ିଛୁଆଁ ଆମ ସଂସ୍କୃତିରେ ପବିତ୍ର ପରମ୍ପରା

● ଜଣେ ବି ଶିଶୁ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତୁ
● ଆମର ଲକ୍ଷ୍ୟ ଶତ ପ୍ରତିଶତ ନାମଲେଖା
● ଏଥି ପାଇଁ ବାଣ୍ଟିଛୁ ୫ ଲକ୍ଷ ନିମନ୍ତ୍ରଣ ପତ୍ର
● ପିଲାଙ୍କୁ ନିଜ ପିଲାଭଳି ସ୍ନେହ କରନ୍ତୁ ଶିକ୍ଷକ, ଶିକ୍ଷୟିତ୍ରୀ
● ପର୍ଯ୍ୟାୟକ୍ରମେ ଶିଶୁବାଟିକାରେ ମିଶିବ ଅଙ୍ଗନବାଡ଼ି

ଭୁବନେଶ୍ୱର,୪।୪(ନିପ୍ର): ଶନିବାର ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ଭୁବନେଶ୍ୱର ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଖଡ଼ି ଓ ସିଲଟରେ ମା' ଓ ବାପା ଶବ୍ଦ ଲେଖାଇ ପାଠପଢା ଆରମ୍ଭ କରାଇଥିଲେ। ଜଣେ ଅନୁଭବୀ ଶିକ୍ଷକ ଓ ମୁରବି ଭଳି ପିଲାର ମାନସିକତାକୁ ଲକ୍ଷ୍ୟ କରି ମୁଖ୍ୟମନ୍ତ୍ରୀ ପିଲାଙ୍କ ମନ ଜିଣିବା ଭଳି ପିଲାଙ୍କୁ ପଚାରିଥିଲେ 'ମା'ଙ୍କ ନାଁ କଣ ବାପାଙ୍କ ନାଁ କଣ ? ମାମୁ ଘର କେଉଁଠି ? କଣ ଖାଇକି ଆସିଛ ? ଇତ୍ୟାଦି'। ଏହିପରି ମନକୁ ଛୁଇଁଲା ପରି କଥାବାର୍ତ୍ତା ଜରିଆରେ ସେମାନଙ୍କର ଉତ୍ସାହ ବୃଦ୍ଧି କରି ବିଦ୍ୟାରମ୍ଭକୁ ସହଜ କରିଥିଲେ ମୁଖ୍ୟମନ୍ତ୍ରୀ । ପ୍ରଥମେ ମୁଖ୍ୟମନ୍ତ୍ରୀ 'ନିପୁଣ ଓଡ଼ିଶା' ଓ 'ପଢ଼ିବା, ଗଢ଼ିବା ଓଡ଼ିଶା' ଅଭିଯାନରେ ବିଭିନ୍ନ ବିଦ୍ୟାଳୟରେ ପିଲାଙ୍କ ପାଇଁ ବିକଶିତ କରାଯାଇଥିବା ବିଷୟବସ୍ତୁ ଆଧାରିତ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଛୋଟ ଛୋଟ ପିଲାମାନେ ମଧ୍ୟ ସେମାନଙ୍କ ସ୍ୱଅଙ୍କିତ ଚିତ୍ର ମୁଖ୍ୟମନ୍ତ୍ରୀଙ୍କୁ ଉପହାର ଦେଇଥିଲେ। ପିଲାମାନଙ୍କୁ ତଥା ଉପସ୍ଥିତ ଅଭିଭାବକମାନଙ୍କୁ ଶୁଭକାମନା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଖଡ଼ିଛୁଆଁ ଆମ ଓଡ଼ିଆ ସଂସ୍କୃତିରେ ଏକ ପବିତ୍ର ପରମ୍ପରା। ଗତ ବର୍ଷଠାରୁ ଏହି ପରମ୍ପରାକୁ ସରକାରୀ ସ୍ତରରେ କାର୍ଯ୍ୟକାରୀ କରାଯାଇଛି। ପିଲାଙ୍କ ନାମଲେଖା ହାରକୁ ବ୍ୟାପକ କରିବା ଲକ୍ଷ୍ୟରେ ଆମେ ରାଜ୍ୟରେ ରେକର୍ଡ ସଂଖ୍ୟକ ପ୍ରାୟ ୫ ଲକ୍ଷ ନିମନ୍ତ୍ରଣ ପତ୍ର ଚଳିତ ବର୍ଷ ବଣ୍ଟନ କରିଛୁ। ରାଜ୍ୟରେ କୌଣସି ବି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତୁ, ତାକୁ ସୁନିଶ୍ଚିତ କରିବା ପାଇଁ ଆମେ ଏହି ଉତ୍ସବ ଆରମ୍ଭ କରିଛୁ। ଶିଶୁର ମନରେ ଶିକ୍ଷାପ୍ରତି ଯେପରି ଭୟ ନୁହଁ, ଆଗ୍ରହ ଓ ଶ୍ରଦ୍ଧା ସୃଷ୍ଟି ହେବ, ଆମେ ସେଥିପାଇଁ ସମସ୍ତ ପଦକ୍ଷେପ ନେଉଛୁ। ଆମର ଲକ୍ଷ୍ୟ ହେଉଛି ଶତ ପ୍ରତିଶତ ନାମଲେଖା ବୋଲି ସେ କହିଥିଲେ। ନୂତନ ଶିକ୍ଷାନୀତି ଅନୁଯାୟୀ ଅଙ୍ଗନବାଡି ଗୁଡିକ ପର୍ଯ୍ୟାୟକ୍ରମେ ଶିଶୁବାଟିକାରେ ମିଶିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ଜନସାଧାରଣଙ୍କ ମଧ୍ୟରେ ଏକ ସେତୁ ଭଳି କାମ କରିଥାନ୍ତି। ଓଡିଶାର ପ୍ରତିଟି ଶିଶୁ ହେଉଛି ଆମର ଭବିଷ୍ୟତ। ତେଣୁ ଶିକ୍ଷା ହିଁ ପ୍ରକୃତ ସମ୍ପଦ ବୋଲି ଜନସଚେତନତା ସୃଷ୍ଟି କରନ୍ତୁ। ଆମର ଏହି ଶିକ୍ଷା ଅଭିଯାନକୁ ଆପଣମାନେ ବିଭିନ୍ନ ଗଣମାଧ୍ୟମ ଜରିଆରେ ରାଜ୍ୟବ୍ୟାପୀ ଏକ ଆନ୍ଦୋଳନରେ ପରିଣତ କରନ୍ତୁ। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇ କହିଲେ ଯେ, ପିଲାମାନଙ୍କୁ ନିଜ ପିଲାଭଳି ସ୍ନେହ କରନ୍ତୁ, ସେମାନଙ୍କ ପ୍ରତିଭାକୁ ସଠିକ୍ ଭାବେ ନିରୂପଣ କରି ତା'ର ବିକାଶ ପ୍ରତି ଯତ୍ନବାନ ହୁଅନ୍ତୁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ।

ଆଶୀର୍ବାଦ ପାଇଁ କିଛି ପ୍ରତିକାର





ଏ ଜଗତ ହେଉଛି ସ୍ୱୟଂ ଈଶ୍ୱରଙ୍କର ପରିପ୍ରକାଶ। ସେହି ଈଶ୍ୱରଙ୍କର ଆନନ୍ଦ ହିଁ ଯାବତୀୟ ରୂପ ପରିଗ୍ରହଣ କରିଛି। ସମସ୍ତ ଜୀବନ ସମାନ। କ୍ଷୁଦ୍ରାଦପିକ୍ଷୁଦ୍ର ପ୍ରାଣୀ ଅନ୍ତରରେ ମଧ୍ୟ ସେହି ଏକ ବିଶ୍ୱ ଜୀବନ ସ୍ପନ୍ଦିତ ହେଉଛି। ଈଶ୍ୱର ହିଁ ସମସ୍ତ ଜୀବନଙ୍କ ଠାରେ ବିଦ୍ୟମାନ। ମାଳାର ସବୁ ଫୁଲ ମଧ୍ୟରେ ଯେପରି ଗୋଟିଏ ହିଁ ସୂତା ଗୁନ୍ଥି ହୋଇଥାଏ, ସକଳ ଜୀବଙ୍କ ମଧ୍ୟରେ ସେହିପରି ଏକ ଆତ୍ମା ହିଁ ବିଦ୍ୟମାନ ହୋଇଛନ୍ତି। ସକଳ ଜୀବଙ୍କ ଠାରେ ସେହି ଈଶ୍ୱରଙ୍କୁ ଦର୍ଶନ କରନ୍ତୁ। ସବୁରି ସେବା କରନ୍ତୁ। ସମସ୍ତଙ୍କୁ ପ୍ରେମ କରନ୍ତୁ। ସମସ୍ତଙ୍କ ପ୍ରତି ସଦୟ ହୁଅନ୍ତୁ। ବିଭେଦର, ଦ୍ୱୈତର ଧାରଣା ପରିହାର କରନ୍ତୁ। ଜଗତ୍ କି ଭଲ, କି ମନ୍ଦ - ସବୁ ମନସୃଷ୍ଟ। ମନର ପ୍ରକ୍ରିୟା ହିଁ ଏସବୁର ସୃଷ୍ଟି କରିଛି। ଯେ ସତ୍, ଯେ ଭଲ, ତା'ପାଇଁ ସମସ୍ତ ଜଗତ୍ ସମ୍ପୂର୍ଣ୍ଣ ଭଲ, ସମ୍ପୂର୍ଣ୍ଣ ମଙ୍ଗଳମୟ। ନିଜେ ଭଲ ତ ଦୁନିଆ ଭଲ। କିନ୍ତୁ ଯେ ଅସତ୍, ଯେ ମନ୍ଦ, ତା'ପାଇଁ ଜଗତଟା ଯାକ ମନ୍ଦ; ତା'ପାଇଁ ଜଗତ ଅମଙ୍ଗଳରେ ପୂର୍ଣ୍ଣ। ଯାହା ଅମଙ୍ଗଳ ବୋଲି କୁହାଯାଇଛି, ତାହା ଜଗତରେ ନାହିଁ। ଅଛି ମନ ଭିତରେ। ମନୁଷ୍ୟ କେବଳ ତାର ନିଜ ମନର ପ୍ରତିକୃତିକୁ ହିଁ ଦେଖେ। ଆପଣ ଯଦି ନିଜେ ସତ୍, ନିଜେ ସଚ୍ଚୋଟ ଓ ସିଦ୍ଧ ହୋଇଛନ୍ତି, ତେବେ ଜଗତ ଆପଣଙ୍କୁ ସତ୍ ରୂପରେ ହିଁ ଦେଖାଯିବ। ସର୍ବଦା ସକଳ ବସ୍ତୁରେ କେବଳ ଆତ୍ମାକୁ ଦର୍ଶନ କରନ୍ତୁ। ଆପଣଙ୍କୁ କୌଣସି ବିଷୟ ମନ୍ଦ ବୋଲି ଦେଖାଯିବ ନାହିଁ। ଆପଣ ସର୍ବତ୍ର ଭଲ ହିଁ ଦେଖିବାକୁ ପାଇବେ। ଫଳରେ ଆପଣ ଶାନ୍ତି ଲାଭ କରିବେ।

ସକାଳୁ ଉଠି ମାତା ପିତା, ଗୁରୁ ଏବଂ ବୟସ୍କଙ୍କୁ ପ୍ରଣାମ କରନ୍ତୁ। ତାଙ୍କ ଆଶୀର୍ବାଦ ଯୋଗୁଁ ଶୁଭ ଫଳ ପ୍ରାପ୍ତି ହୋଇଥାଏ। ପ୍ରତିଦିନ ଗାଈକୁ ଗୁଡ଼ ଓ ରୋଟି ଦିଅନ୍ତୁ। ଯଦି ସମ୍ଭବ ହୁଏ ଗାଈକୁ ପୂଜା କରନ୍ତୁ। ପ୍ରତିଦିନ କୁକୁରକୁ ରୋଟି ଖାଇବାକୁ ଦିଅନ୍ତୁ। ପକ୍ଷୀଙ୍କୁ ମଧ୍ୟ ଖାଇବାକୁ ଦେବା ଭଲ। ଯଦି ଆପଣଙ୍କ ସହରରେ ଗାଈ ନ ଥାଏ ତେବେ ନଦୀ କିମ୍ବା ସାଗର ଥିବ ନିଶ୍ଚୟ, ସେଠାରେ କଇଁଛ ଓ ମାଛକୁ ଅଟା ଗୋଲି ଖାଇବାକୁ ଦିଅନ୍ତୁ। ପ୍ରତିଦିନ ଖାଇବା ପିଇବା ଖାଦ୍ୟରୁ କିଛି ଚିଲ ଓ କାଉଙ୍କୁ ଦିଅନ୍ତୁ। ଘରକୁ ଆସିଥିବା ଅତିଥିଙ୍କ ସେବା ନିଷ୍କାମ ଭାବରେ କରନ୍ତୁ। ପ୍ରତିଦିନ ସକାଳୁ ଭୋଜନ ତିଆରି କରିବା ସମୟରେ ଏକ ରୋଟି ଅଗ୍ନିଦେବ ନାମରେ ତିଆରି କରି ଘିଅ କିମ୍ବା ଗୁଡ଼ ସହ ଭଗବାନ ବୃହସ୍ପତିଙ୍କୁ ଅର୍ପଣ କରନ୍ତୁ। ଏହାଦ୍ୱାରା ବାସ୍ତୁ ପୁରୁଷଙ୍କୁ ଭୋଗ ଲାଗିଯାଏ। ଏହାଦ୍ୱାରା ଅନ୍ନପୂର୍ଣ୍ଣା ମଧ୍ୟ ପ୍ରସନ୍ନ ହୁଅନ୍ତି। ସକାଳୁ ଗାଧୋଇ ଭଗବାନ ଶଙ୍କରଙ୍କ ଶିବଲିଙ୍ଗ ଉପରେ ଜଳ ଲାଗି କରି ୧୦୮ଥର 'ଓଁ ନମଃ ଶିବାୟ' ଗାଆନ୍ତୁ। ସକାଳୁ ଗାଧୋଇବା ପରେ ସୂର୍ଯ୍ୟନାରାୟଣଙ୍କୁ ଲାଲ ପୁଷ୍ପ ଚଢ଼ାଇ ହାତଯୋଡ଼ି ବାରମ୍ବାର ନମସ୍କାର କରନ୍ତୁ। ପ୍ରତ୍ୟେକ ଶନିବାର ଓସ୍ତ ବୃକ୍ଷ ଉପରେ ଜଳ, କଞ୍ଚା କ୍ଷୀର ଚଢ଼ାନ୍ତୁ। ସାତଥର ପରିକ୍ରମା କରି ସୂର୍ଯ୍ୟ, ଶଙ୍କର, ଓସ୍ତ ଏହି ତିନିଦେବତାଙ୍କୁ ବିଧି ପୂର୍ବକ ପୂଜା ତଥା ଚଢ଼ାଯାଇଥିବା ଜଳକୁ ଆଖିରେ ଲଗାନ୍ତୁ। ଏହାପରେ ପିତୃ ଦେବାୟ ନମଃ ଚାରିଥର ବୋଲନ୍ତୁ। ଏହାଦ୍ୱାରା ରାହୁ, କେତୁ, ଶନି ଓ ପିତୃ ଦୋଷ କଟିଥାଏ। ପ୍ରାତଃ କାଳ ସୂର୍ଯ୍ୟ ସମ୍ମୁଖରେ ବସି ଏକାନ୍ତରେ ଭଗବତ ଭଜନ କିମ୍ବା ମନ୍ତ୍ର ବା ଗୁରୁମନ୍ତ୍ର ଜପ କରନ୍ତୁ। ଯଥା: ଶକ୍ତି କିଛି ନା କିଛି ଗରିବଙ୍କୁ ଦାନ ଦିଅନ୍ତୁ। ଅବକ୍ଷୟ ବସ୍ତୁକୁ କେବେ ବି ଗ୍ରହଣ କରନ୍ତୁ ନାହିଁ। ପ୍ରତ୍ୟେକ ପ୍ରାଣୀ ପ୍ରତି ଯଥାଶକ୍ତି ଦୟା, ସ୍ନେହ ଓ ସେବା ଭାବନା ରହିବା ଦରକାର। ରବିବାର କିମ୍ବା ମଙ୍ଗଳବାର କରଜ କରନ୍ତୁ ନାହିଁ। ବୁଧବାର କରଜ କରିପାରିବେ। ମଙ୍ଗଳବାର କରଜ ଶୁଝି ଦେବା ଭଲ। ପ୍ରସ୍ତୁତ ପ୍ରଥମ ରୋଟି ଗାଈକୁ ଓ ଶେଷ ରୋଟି କୁକୁରକୁ ଦିଅନ୍ତୁ।

ପଣ୍ଡିତ ସୋମନାଥ ଦାଶ,
କଟକ, ମୋ: ୭୦୦୮୦୦୦୮୯୮

ଭାଗବତ ଓ ଭଗବଦ୍ ଗୀତା ଆବଶ୍ୟକ କାହିଁକି

ଆଧ୍ୟାତ୍ମିକ ସନ୍ତୋଷ ଦେଇଥାଏ ଭାଗବତ

ଭାଗବତ କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ ବରଂ ଆଧ୍ୟାତ୍ମିକ ଏବଂ ନୈତିକ ଶିକ୍ଷାର ଏକ ଉତ୍ସ। ଭାଗବତ ପାଠ କରିବା ଦ୍ୱାରା ମନକୁ ଧୈର୍ଯ୍ୟ ଏବଂ ଶାନ୍ତି ମିଳିଥାଏ। ଆଜିର ବ୍ୟସ୍ତବହୁଳ ଏବଂ ଚାପପୂର୍ଣ୍ଣ ଜୀବନରେ ଲୋକମାନେ ମନର ଶାନ୍ତି ପାଇବା ପାଇଁ ବିଭିନ୍ନ ଉପାୟ ଖୋଜୁଛନ୍ତି। ଏପରି ପରିସ୍ଥିତିରେ, ଭାଗବତର ଶ୍ଳୋକ ଏବଂ ବାଣୀ ମନକୁ ଶାନ୍ତ କରିଥାଏ ଏବଂ ଆଧ୍ୟାତ୍ମିକ ସନ୍ତୋଷ ପ୍ରଦାନ କରିଥାଏ। ଏହା ଭକ୍ତିକୁ ବୃଦ୍ଧି କରିଥାଏ। ଭାଗବତ ବିଶେଷ ଭାବରେ ଭକ୍ତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରେ। ଏହା ଈଶ୍ୱରଙ୍କ ପ୍ରତି ଭକ୍ତି ଏବଂ ପ୍ରେମ ବିକଶିତ କରିବାର ସର୍ବୋତ୍ତମ ଉପାୟ। ଏହା ଲୋକମାନଙ୍କୁ ସେମାନଙ୍କର ଅହଂକାର ତ୍ୟାଗ କରି ଏକ ସରଳ ଏବଂ ନମ୍ର ଜୀବନଯାପନ କରିବାକୁ ପ୍ରେରଣା ଦିଏ। ଭାଗବତ ପାଠ କରିବା ଦ୍ୱାରା ନୈତିକ ମୂଲ୍ୟବୋଧରେ ଉନ୍ନତି ଆଣିଥାଏ। ଏହି ପୁସ୍ତକ ଧାର୍ମିକତା, ସତ୍ୟବାଦିତା, ଦୟା, କରୁଣା ଏବଂ ସଚ୍ଚୋଟତା ଭଳି ଗୁଣ ଉପରେ ବହୁତ ଗୁରୁତ୍ୱ ଦିଏ। ଏହାକୁ ପଢ଼ିବା ଦ୍ୱାରା ଲୋକଙ୍କୁ ଭଲ ମଣିଷ ହେବାକୁ ପ୍ରେରଣା ମିଳେ ଏବଂ ସମାଜରେ ଏକ ସକାରାତ୍ମକ ପରିବେଶ ସୃଷ୍ଟି ହୁଏ। ଏହା ଆତ୍ମ-ଜ୍ଞାନ ଏବଂ ଜୀବନର ସତ୍ୟକୁ ବୁଝିବାରେ ସାହାଯ୍ୟ କରେ। ଭାଗବତର ବାଣୀ ଜୀବନର ଅନିତ୍ୟତା, କର୍ମର ପରିଣାମ ଏବଂ ମୋକ୍ଷର ପଥ ବିଷୟରେ ସୂଚନା ପ୍ରଦାନ କରେ। ଏହା ଜଣେ ବ୍ୟକ୍ତିଙ୍କୁ ସଠିକ ଦିଗରେ ଗତି କରିବାକୁ ପ୍ରେରଣା ଦିଏ।

ଭଗବଦ୍ ଗୀତାରେ ଅଛି ଶାନ୍ତି ଏବଂ ସନ୍ତୁଳନର ସୂତ୍ର

ସେହିଭଳି ଭଗବଦ୍ ଗୀତାର ସାମାଜିକ ଆବଶ୍ୟକତା କ'ଣ? ଆସନ୍ତୁ ଜାଣିବା। ଆଜିର ସମାଜ ଦୁର୍ନୀତି, ହିଂସା, ମିଥ୍ୟା ଏବଂ ଅନ୍ୟାନ୍ୟ ଅନେକ ଅନୈତିକ କାର୍ଯ୍ୟ ଦ୍ୱାରା ଜର୍ଜରିତ। ଭଗବଦ୍ ଗୀତାର ଶିକ୍ଷା ବ୍ୟକ୍ତିମାନଙ୍କୁ ନୈତିକ ଏବଂ ସତ୍ୟବାଦୀ ହେବାକୁ ସଶକ୍ତ କରେ, ଯାହା ଏକ ସୁସ୍ଥ ସମାଜ ଆଡ଼କୁ ନେଇଯାଏ। ଆଜିର ବିଶ୍ୱରେ, ଲୋକମାନେ ଚିନ୍ତା, ଚାପ ଏବଂ ଅଶାନ୍ତି ସହିତ ବଞ୍ଚନ୍ତି। ଭଗବଦ୍ ଗୀତା ପଢ଼ିବା ଏବଂ ଶୁଣିବା ଦ୍ୱାରା ଜୀବନରେ ମନର ଶାନ୍ତି ଏବଂ ସନ୍ତୁଳନ ଆସେ। ଭଗବଦ୍ ଗୀତା ଲୋକଙ୍କୁ ପ୍ରେମ, ସହଯୋଗ ଏବଂ ଭ୍ରାତୃତ୍ୱ ଶିଖାଏ। ଏହା ସମସ୍ତ ଜାତି, ଧର୍ମ ଏବଂ ବର୍ଗର ଲୋକଙ୍କୁ ଏକତ୍ର କରିବାରେ ସାହାଯ୍ୟ କରେ। ଭଗବଦ୍ ଗୀତା ଆମକୁ ପରିବାର ଏବଂ ସମ୍ପର୍କର ଗୁରୁତ୍ୱ ବିଷୟରେ ଅନେକ ଶିକ୍ଷା ଦିଏ। ଏହା ପରିବାର ମଧ୍ୟରେ ପ୍ରେମ, ସମ୍ମାନ ଏବଂ ଏକତାକୁ ପ୍ରୋତ୍ସାହିତ କରେ। ଆଜିର ଯୁବପିଢ଼ି ପ୍ରାୟତଃ ସଠିକ୍ ପଥରୁ ବିଚ୍ୟୁତ ହୁଅନ୍ତି। ଭଗବଦ୍ ଗୀତାର ଶିକ୍ଷା ଲୋକଙ୍କୁ ସଠିକ୍ ଦିଗରେ ମାର୍ଗଦର୍ଶନ କରେ ଏବଂ ସତ୍ୟ, ନୀତି ଏବଂ ଆଦର୍ଶ ଉପରେ ଆଧାରିତ ଜୀବନଯାପନ କରିବାକୁ ପ୍ରେରଣା ଦିଏ।ଆଜିର ସମୟରେ, ବିଜ୍ଞାନ ଏବଂ ପ୍ରଯୁକ୍ତିର ଉନ୍ନତି ସତ୍ତ୍ୱେ, ଲୋକଙ୍କ ମନରେ ମାନସିକ ଶାନ୍ତିର ଅଭାବ ରହିଛି। ଏହି ସମୟରେ ଭଗବଦ୍ ଗୀତାର ବହୁତ ଆବଶ୍ୟକତା ଅଛି। ଏହା ଲୋକଙ୍କୁ ଆତ୍ମବିଶ୍ୱାସ, ସହନଶୀଳତା ଏବଂ ଧୈର୍ଯ୍ୟ ପ୍ରଦାନ କରେ। ଭଗବଦ୍ ଗୀତା ଆମକୁ ଶିକ୍ଷା ଦିଏ ଯେ ପ୍ରକୃତ ଧନ ଆଧ୍ୟାତ୍ମିକ ସମ୍ପତ୍ତିରେ ନାହିଁ, ଭୌତିକ ସମ୍ପତ୍ତିରେ ଅଛି। ଏହା ଲୋକଙ୍କୁ ନିଜ ମନକୁ ନିୟନ୍ତ୍ରଣ କରିବାକୁ ଏବଂ ସରଳ ଜୀବନଯାପନ କରିବାକୁ ପ୍ରେରଣା ଦିଏ। ଭଗବଦ୍ ଗୀତା ପଠନ ସାମାଜିକ ଏକତାକୁ ମଜବୁତ କରେ। ଏକାଠି ବସିବା, ଭଗବଦ୍ ଗୀତା ଶୁଣିବା କିମ୍ବା ପଠନ ସହଯୋଗ, ଭାଇଚାରା ଏବଂ ବନ୍ଧୁତାକୁ ପ୍ରୋତ୍ସାହିତ କରେ। ଭଗବଦ୍ ଗୀତା ପଠନ ଆଧ୍ୟାତ୍ମିକ ଶାନ୍ତି, ନୈତିକ ଶକ୍ତି ଏବଂ ଜୀବନରେ ସଠିକ୍ ଦିଗ ପ୍ରଦାନ କରେ। ଏହା ଆମ ଜୀବନକୁ ଶୁଭ ଏବଂ ସଫଳ କରିବା ପାଇଁ ଏକ ଅତ୍ୟାବଶ୍ୟକ ଉପକରଣ। ଶ୍ରୀମଦ୍ ଭଗବଦ୍ ଗୀତା ଏକ ମୂଲ୍ୟବାନ ଧାର୍ମିକ ଏବଂ ସାମାଜିକ ଗ୍ରନ୍ଥ। ଏହାର ମହିମା ଅପାର ଏବଂ ଏହା ଲୋକଙ୍କୁ ନୈତିକ, ଆଧ୍ୟାତ୍ମିକ ଏବଂ ସାମାଜିକ ଭାବରେ ସଶକ୍ତ କରେ।

ଡ. ଅମୂଲ୍ୟ କୁମାର ପଣ୍ଡା, ଯାଜପୁର
ମୋ: ୮୨୪୯୫୦୨୭୭୬

ସରଳ ଭକ୍ତି ମୋକ୍ଷ ଆଡ଼କୁ ନେଇପାରେ

ଭାରତୀୟ ସଂସ୍କୃତି ଏବଂ ଧାର୍ମିକ ପରମ୍ପରାରେ, ଶ୍ରୀମଦ୍ ଭାଗବତ ପୁରାଣ ଏକ ଅତ୍ୟନ୍ତ ପବିତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ। ଏହାକୁ ମହର୍ଷି ବ୍ୟାସଙ୍କ ଦ୍ୱାରା ରଚିତ ବୋଲି ବିଶ୍ୱାସ କରାଯାଏ। ଭାଗବତ ପୁରାଣ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାବଳୀ, ଧର୍ମ, ଭକ୍ତି ଏବଂ ଜୀବନର ଉଚ୍ଚ ଆଦର୍ଶ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରେ। ଏହା କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ, ବରଂ ଜୀବନର ଏକ ଦର୍ଶନ ଯାହା ବ୍ୟକ୍ତିଙ୍କୁ ସଠିକ ପଥ ଅନୁସରଣ କରିବାକୁ ପ୍ରେରଣା ଦିଏ। ଭାଗବତ ପୁରାଣ ଭକ୍ତି ଉପରେ ଆଧାରିତ। ଏହା ଈଶ୍ୱରଙ୍କ ପ୍ରତି ବିଶ୍ୱାସ ଏବଂ ଭକ୍ତି ଭାବରେ ରହିବାକୁ ଶିକ୍ଷା ଦିଏ। ଏହା ଦର୍ଶାଏ ଯେ ସରଳ ଭକ୍ତି ମୋକ୍ଷ ଆଡ଼କୁ ନେଇପାରେ। ଭାଗବତ ଅନେକ କାହାଣୀ ଏବଂ ଉଦାହରଣ ମାଧ୍ୟମରେ ନୈତିକ ଶିକ୍ଷା ପ୍ରଦାନ କରେ। ପ୍ରହ୍ଲାଦଙ୍କ ଭକ୍ତି, ଧ୍ରୁବଙ୍କ ଭକ୍ତି ଏବଂ ଅମ୍ବରୀଶଙ୍କ ଭକ୍ତି ସତ୍ୟ, ଧାର୍ମିକତା ଏବଂ ସହନଶୀଳତାର ମୂଲ୍ୟ ଶିକ୍ଷା ଦିଏ। ଭାଗବତର ଦଶମ ଅଧ୍ୟାୟ ଭଗବାନ ଶ୍ରୀକୃଷ୍ଣଙ୍କ ବାଲ୍ୟକାଳ, ଯୌବନ ଏବଂ ପରିଣତ ବୟସରେ ତାଙ୍କର ଲୀଳା ବର୍ଣ୍ଣନା କରେ। ଗୋପୀମାନଙ୍କ ସହିତ ତାଙ୍କର ମିଳନ ସାକ୍ଷାତ, କଂସଙ୍କ ବଧ ଏବଂ ଗୀତାର ଶିକ୍ଷା ଧର୍ମ ଏବଂ କର୍ତ୍ତବ୍ୟର ଶିକ୍ଷା ଦିଏ। ଭଗବଦ୍ ଗୀତା ଆମକୁ କହେ ଯେ ଏହି ଜୀବନ ଅନିତ୍ୟ ଏବଂ ପ୍ରବଞ୍ଚନାପୂର୍ଣ୍ଣ। ତେଣୁ, ଜୀବନକୁ ସଫଳ କରିବା ପାଇଁ, ଧର୍ମ, କର୍ମ ଏବଂ ଭକ୍ତିରେ ବୁଡ଼ି ରହିବା ଉଚିତ। ଭଗବଦ୍ ଗୀତାର ମହତ୍ତ୍ୱ ଜନ୍ମ ଏବଂ ମୃତ୍ୟୁର ଶିକୁଳିରୁ ମୁକ୍ତି ଦେବାର କ୍ଷମତାରେ ରହିଛି। ଏହା ଆତ୍ମାର ପବିତ୍ରତା ଏବଂ ପରମ ଶାନ୍ତି ପ୍ରାପ୍ତ କରିବାର ଉପାୟ ପ୍ରଦାନ କରେ।



ଜ୍ୟୋତିର୍ଲିଙ୍ଗ ଏବଂ ଶକ୍ତିପୀଠଙ୍କୁ ଏକାଠି ଦର୍ଶନ କରିପାରିବେ ଶ୍ରଦ୍ଧାଳୁ

ଭାରତରେ ଦିବ୍ୟ ଶକ୍ତିରେ ଭରି ରହିଛି । ଏଠାରେ ହଜାର ହଜାର ମନ୍ଦିର, ତୀର୍ଥ, ଶକ୍ତିପୀଠ, କିନ୍ତୁ କିଛି ସ୍ଥାନ ଅଛି ଯାହା ନିଜର ବିଶେଷତା ହେତୁ ସମଗ୍ର ଦେଶରେ ଅନନ୍ୟ ବୋଲି ବିବେଚନା କରାଯାଏ । କିନ୍ତୁ ଆପଣ ଜାଣନ୍ତି କି ଭାରତରେ ଏକ ପବିତ୍ର ତୀର୍ଥ ମଧ୍ୟ ଅଛି, ଯେଉଁଠାରେ ଭଗବାନ ଶିବଙ୍କର ଜ୍ୟୋତିର୍ଲିଙ୍ଗ ଏବଂ ମାଆଙ୍କର ଶକ୍ତିପୀଠ ଉଭୟ ଗୋଟିଏ ପରିସରରେ ରହିଛି ।

ଦେଶର ଅନେକ ଶ୍ରଦ୍ଧାଳୁଙ୍କ ପାଇଁ ଏହି ସ୍ଥାନ କେବଳ ଏକ ମନ୍ଦିର ନୁହେଁ ବରଂ ଆଧ୍ୟାତ୍ମିକ ଶକ୍ତିର କେନ୍ଦ୍ର ଭାବେ ବିବେଚନା କରାଯାଇଥାଏ । ତେବେ ଆସନ୍ତୁ ଜାଣିବା ଦେଶର ଏକମାତ୍ର କେଉଁ ସ୍ଥାନ ଯେଉଁଠାରେ ଜ୍ୟୋତିର୍ଲିଙ୍ଗ ଏବଂ ଶକ୍ତିପୀଠ ଏକା ସହିତ ରହିଛି । ଏହି ଆଶ୍ଚର୍ଯ୍ୟଜନକ ସ୍ଥାନ ହେଉଛି ଆନ୍ଧ୍ରପ୍ରଦେଶର ନାଲାମାଲା ଜଙ୍ଗଲରେ ଅବସ୍ଥିତ ଶ୍ରୀଶୈଳମ୍ । ଏହା ହେଉଛି ସେହି ଭୂମି ଯେଉଁଠାରେ ଶିବ ଏବଂ ଶକ୍ତିଙ୍କ ଉର୍ଜାକୁ ଏକ ସଙ୍ଗେ ଅନୁଭବ କରାଯାଇପାରିବ ।

ଘଞ୍ଚ ଜଙ୍ଗଲ ଏବଂ ପର୍ବତ ଦ୍ୱାରା ଘେରି ରହିଥିବା କୃଷ୍ଣା ନଦୀ କୂଳରେ ଅବସ୍ଥିତ ଶ୍ରୀଶୈଳମ । ସତେ ଯେମିତି କୌଣସି ପ୍ରାଚୀନ କାହାଣୀ ଜୀବନ୍ତ ହୋଇଛି ଏହି ସ୍ଥାନରେ । ଏଠାକାର ଶାନ୍ତି, ଏଠାକାର ପବନ ଏବଂ ଏଠାକାର ପବିତ୍ରତା ହୃଦୟକୁ ଛୁଇଁଯାଏ । ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ କୁହନ୍ତି ଯେ ଶ୍ରୀଶୈଳମରେ ପହଞ୍ଚିବା ମାତ୍ରେ ମନକୁ ଏକ ଅନନ୍ୟ ଶାନ୍ତି ମିଳିଥାଏ । ଶ୍ରୀଶୈଳମର ମୁଖ୍ୟ ମନ୍ଦିରର ନାମ ହେଉଛି ମଲ୍ଲିକାର୍ଜୁନ ସ୍ୱାମୀ ମନ୍ଦିର ।

ଭଗବାନ ଶିବଙ୍କ ୧୨ ଟି ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଏହା ଅନ୍ୟତମ । ବିଶ୍ୱାସ କରାଯାଏ ଯେ ଭଗବାନ ଶିବ ନିଜେ ତାଙ୍କ ପୁତ୍ର କାର୍ତ୍ତିକେୟଙ୍କୁ ମନାଇବା ପାଇଁ ଏଠାରେ ଆବିର୍ଭାବ ହୋଇଥିଲେ, ଯିଏକି କିଛି ଭୁଲ ବୁଝାମଣା ହେତୁ କ୍ରୌଞ୍ଚ ପର୍ବତରେ ରହିବାକୁ ଯାଇଥିଲେ । ଏଠାରେ ଥିବା ଶକ୍ତି ଏତେ ଶାନ୍ତ ଏବଂ ପବିତ୍ର ବୋଲି ବିବେଚନା କରାଯାଏ ଯେ ଭକ୍ତମାନେ କେବଳ ପରିଦର୍ଶନ କରିବା ଦ୍ୱାରା ହିଁ ଏଠାକାର ଆଧ୍ୟାତ୍ମିକତା ଅନୁଭବ କରନ୍ତି ।

ଜ୍ୟୋତିର୍ଲିଙ୍ଗର ଠିକ୍ ପାଖରେ ମା' ଭ୍ରମରାମ୍ବାଙ୍କର ଶକ୍ତିପୀଠ ରହିଛି, ଯାହା ୧୮ଟି ମହାଶକ୍ତି ପୀଠ ମଧ୍ୟରୁ ଅନ୍ୟତମ । ପୁରାଣ ଅନୁସାରେ, ଏହା ହେଉଛି ସେହି ସ୍ଥାନ ଯେଉଁଠାରେ ମାତା ସତୀଙ୍କ ବେକ ପଡ଼ିଥିଲା ଏବଂ ସେବେଠାରୁ ଏଠାରେ ଦେବୀଙ୍କୁ ଭ୍ରମରାମ୍ବ ଅର୍ଥାତ୍ ମହୁମାଛିଙ୍କ ରାଣୀ ଭାବରେ ପୂଜା କରାଯାଏ । ବିଶ୍ୱାସ କରାଯାଏ ଯେ ଏଠାକୁ ଆସିଲେ ଶ୍ରଦ୍ଧାଳୁମାନେ ସେମାନଙ୍କର ଅସୁବିଧା, ନକାରାତ୍ମକ ଶକ୍ତି ସବୁକିଛିରୁ ମୁକ୍ତ ହୁଅନ୍ତି । ଶ୍ରୀଶୈଳମ୍ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ମଧ୍ୟ ଜଣାଶୁଣା ।

ସ୍ୱାସ୍ଥ୍ୟ ପାଇଁ ଭଲ ପନିର ଓ ପିଜୁଳି

ବ୍ୟସ୍ତବହୁଳ ଜୀବନ ମଧ୍ୟରେ ମଣିଷ ନିଜ ସ୍ୱାସ୍ଥ୍ୟପ୍ରତି ବିଶେଷ ଧ୍ୟାନ ଦେଇ ନ ଥାଏ । ତେବେ ସ୍ୱାସ୍ଥ୍ୟପ୍ରତି ଲାଭଦାୟକ ପନିର ଓ ପିଜୁଳି ସଂପର୍କରେ ଏଠାରେ ସାମାନ୍ୟ ଆଲୋଚନା କରାଯାଇଛି। ପନିର ଏକ ଦୁଗ୍ଧ ଜାତୀୟ ପଦାର୍ଥ।ଥଣ୍ଡା ପ୍ରବଣ ଅଞ୍ଚଳଗୁଡିକରେ ପନିର ଅଧିକ ମାତ୍ରାରେ ବ୍ୟବହାର ହୋଇଥାଏ।

କଞ୍ଚା ପନିରରେ କ୍ୟାଲସିୟମ ଓ ଫସଫରସ୍ ବହୁ ମାତ୍ରାରେ ଥାଏ। ପ୍ରତିଦିନ ୫୦ ଗ୍ରାମ କଞ୍ଚା ପନିର ଖାଇବା ଦ୍ୱାରା ମଣିଷର ହାଡ଼ ଶକ୍ତ ହୋଇଥାଏ। ଏଥିସହ ଦେହରେ ଲାଗି ରହିଥିବା ଯନ୍ତ୍ରଣାରୁ ମଧ୍ୟ ତ୍ରାହି ମିଳିଥାଏ। କଞ୍ଚା ପନିର ଖାଇବା ଦ୍ୱାରା ପାଚନ ପ୍ରକ୍ରିୟ ଶକ୍ତିଶାଳୀ ହୋଇଥାଏ। ଏଥିସହ ପେଟ ଜନିତ ସମସ୍ୟା ଏସିଡିଟିରୁ ମଧ୍ୟ ମୁକ୍ତି ମିଳିଥାଏ। କଞ୍ଚା ପନିରରୁ ଓମେଗା-୩ ଫ୍ୟାଟି ଏସିଡ୍ ମିଳିଥାଏ। ଏହା ଡାଇବେଟିସ ବା ମଧୁମେହ ଆକ୍ରାନ୍ତ ଲୋକଙ୍କୁ ଉପକାର ଦେଇଥାଏ।

କଞ୍ଚା ପନିର ସେବନ କରିବା ଦ୍ୱାରା ମଣିଷ ଦେହରେ ଶର୍କରା ବା ସୁଗାର ନିୟନ୍ତ୍ରଣ ହୋଇଥାଏ। ଏଥିରୁ ପ୍ରୋଟିନ ମିଳିବା ସହ ବହୁ ପୋଷକ ତତ୍ତ୍ୱ ମଧ୍ୟ ମିଳିଥାଏ। ପ୍ରତିଦିନ କଞ୍ଚା ପନିର ଖାଇବା ଦ୍ୱାରା ମଣିଷର ଥକ୍କାପଣ ଓ ଦୁର୍ବଳତା ଦୂର କରିଥାଏ। କଞ୍ଚା ପନିର ମଧ୍ୟ ଶରୀରର ମୋଟାପଣ ଦୂର କରିଥାଏ। ପନିର ଖାଇବା ପୂର୍ବରୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ଉପାଦେୟ ହୋଇଥାଏ।

ପନିର ଭଳି ଉପକାରୀ ପିଜୁଳି। ଏହା ଖାଇବାକୁ ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟପାଇଁ ମଧ୍ୟ ସେତିକି ଉପକାରୀ । ବିଶେଷ କରି ମଧୁମେହ ରୋଗୀଙ୍କ ପାଇଁ ପିଜୁଳି ରାମବାଣ ସଦୃଶ ହୋଇଥାଏ । କେବଳ ଏତିକି ନୁହେଁ, ବ୍ଲଡ ସୁଗାର ପରିମାଣକୁ ନିୟନ୍ତ୍ରଣ କରିବାରେ ପିଜୁଳି ସହାୟକ ହୋଇଥାଏ । ପ୍ରତିଦିନ ଗୋଟିଏ ଲେଖାଏ ପିଜୁଳି ଖାଇଲେ ବ୍ଲଡସୁଗାର ନିୟନ୍ତ୍ରଣରେ ରହିଥାଏ । ପିଜୁଳିରେ ପ୍ରଚୁର ପରିମାଣରେ ଫାଇବର୍ ରହିଥାଏ । ଫଳରେ ଏହାକୁ ଖାଇଲେ ଡାଇବେଟିସର ଆଶଙ୍କା କମିଯାଏ । ପିଜୁଳିରେ ଲାଇକୋପିନ ନାମକ ଫାଇଟୋ ନ୍ୟୁଟ୍ରିଏଣ୍ଟସ ପ୍ରଚୁର ପରିମାଣରେ ରହିଥାଏ । ଯାହା କର୍କଟ ବା କ୍ୟାନ୍ସରର ଆଶଙ୍କାକୁ କମ କରିଥାଏ । ପିଜୁଳି ଶରୀରର ରୋଗପ୍ରତିରୋଧକ ଶକ୍ତି ବଢାଇଥାଏ । ଫଳରେ ସାଧାରଣ ଥଣ୍ଡା, କାଶର ଆଶଙ୍କା ଖୁବ କମ୍ ହୋଇଯାଏ । ପିଜୁଳିର ପତ୍ରକୁ ବାଟି ସେଥିରେ କଳା ଲୁଣ ମିଶାଇ ଖାଇଲେ ପେଟକାଟିବା ଦୂର ହୋଇଥାଏ । ଏହି ଫଳରେ ବିଟା କ୍ୟାରୋଟିନ ନାମକ ପୋଷକ ତତ୍ତ୍ୱ ମୁହଁରେ ଦେଖାଯାଉଥିବା ଅନେକ ସମସ୍ୟା ଦୂର କରିଥାଏ । ଏହି ଫଳ ମଧ୍ୟ କୋଷ୍ଠକାଠିନ୍ୟ ଦୂର କରିଥାଏ ।

- **ଦୀପକ କର,** ଭୁବନେଶ୍ୱର

୧୬ ବର୍ଷରୁ କମ୍ ଏଲିଟ କ୍ୟାମ୍ପ ଏନ୍‌ସିଏ ଶିବିରରେ କେନ୍ଦୁଝରରୁ ଆଶୁତୋଷ

କେନ୍ଦୁଝର,(ନିପ୍ର): ଏନସିଏ ୧୬ ବର୍ଷରୁ କମ୍ ବାଳକ ଏଲିଟ କ୍ୟାମ୍ପ ଲାଗି ଓଡିଶାର ୩ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଗତ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ଚୟନ ହୋଇଥିବା ଖେଳାଳିଙ୍କୁ ନେଇ ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ)ଦେଶର ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ଶିବିର ଆୟୋଜନ କରୁଛି। ତୃଣମୂଳ ସ୍ତରରୁ ଦେଶର ବଛା ବଛା କ୍ରିକେଟ ଖେଳାଳିଙ୍କୁ ନେଇ ହେବାକୁ ଥିବା ଏହି ଶିବିରରେ ଯୋଗଦେବା ପାଇଁ ଓଡିଶାର ୩ ଜଣ ଖେଳାଳି ଚୟନ ହୋଇଛନ୍ତି । ଏହି ଶିବିର

ଏକାଦିକ୍ରମେ ଅହମ୍ମଦାବାଦ, ଡେରାଡୁନ ଏବଂ ଜୟପୁର ଠାରେ ଆସନ୍ତା ମେ ୧୧ରୁ ଆରମ୍ଭ ହୋଇ ଜୁନ ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ରାଜସ୍ଥାନର ଜୟପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ଯୋଗଦେବା ପାଇଁ କେନ୍ଦୁଝର ଜିଲ୍ଲା ବଲାଣିରୁ ଆଶୁତୋଷ କୁମାର ନାଏକ ସ୍ଥାନ ପାଇଥିବାର ଜଣାଯାଇଛି । ଆଶୁତୋଷଙ୍କ ପିତା ସଞ୍ଜୟ କୁମାର ନାଏକ ଜିଲ୍ଲାର ଜଣେ ପୂର୍ବତନ କ୍ରିକେଟ ଖେଳାଳି ହୋଇଥିବା ବେଳେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଏବଂ ମା ନନ୍ଦିନୀ ନାଏକ ଜଣେ ଗୃହିଣୀ । ଆଶୁତୋଷ ମନୋନୀତ ହୋଇଥିବା ଖବର ମିଳିବା ପରେ ସମଗ୍ର ଜିଲ୍ଲାରେ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଆଶୁତୋଷଙ୍କୁ ଶୁଭେଚ୍ଛା ଜଣେଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଜାତୀୟ କନିଷ୍ଠ ଖୋ ଖୋ ଚାମ୍ପିୟନସିପ ଉଦ୍‌ଯାପିତ

ବାଳିକାରେ ତାମିଲନାଡୁ ଓ ବାଳକରେ ମହାରାଷ୍ଟ୍ର ଚାମ୍ପିୟନ

ଆଠଗଡ଼,(ନିପ୍ର): ଜାତୀୟ କନିଷ୍ଠ ଖୋ-ଖୋ ଚମ୍ପିୟାନସିପ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ମହୋତ୍ସବ ପଡ଼ିଆରେ ଆୟୋଜିତ ପ୍ରତିଯୋଗିତାରେ ବାଳିକା ବର୍ଗରେ ତାମିଲନାଡୁ ଚମ୍ପିୟାନ ହୋଇଥିବାବେଳେ ପଶ୍ଚିମବଙ୍ଗ ରନର୍ସ ଅପ, ତୃତୀୟା ସ୍ଥାନରେ ମହାରାଷ୍ଟ୍ର ଓ ଚତୁର୍ଥ ସ୍ଥାନରେ ଓଡ଼ିଶା ରହିଛି।

ସେହିପରି ବାଳକ ବର୍ଗରେ ମହାରାଷ୍ଟ୍ର ଚମ୍ପିୟାନ ହୋଇଥିବାବେଳେ କର୍ଣ୍ଣାଟକ ରନର୍ସ ଅପ, ତୃତୀୟ ସ୍ଥାନରେ ଓଡ଼ିଶା ଓ ଚତୁର୍ଥ ସ୍ଥାନରେ ହରିୟାଣା ରହିଛି। ଉଦ୍‌ଯାପନୀ ସଭାରେ ଖୋ ଓଡ଼ିଶାର ସଭାପତି ଲକ୍ଷ୍ମୀ ନାରାୟଣ ଭଞ୍ଜଙ୍କ ଅଧ୍ୟକ୍ଷତା କରିଥିବାବେଳେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଏବଂ ସମ୍ମାନିତ ଅତିଥି ଭାବେ କଟକ ଜିଲ୍ଲା (ଗ୍ରାମୀଣ) ବିଜେପି ସଭାପତି ରାମନାରାୟଣ ମହାନ୍ତି,ଖୋ ଖୋ ଭାରତ କାର୍ଯ୍ୟକାରୀ ସଭାପତି ବିନୋଦ କୁମାର ସିଂହ, ମୁଖ୍ୟ ଉପଦେଷ୍ଟା ସୁରେଶ ଶର୍ମା, ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତା ଡ.ପ୍ରତ୍ୟୁଷ ବେହେରା,ଆଠଗଡ଼ ଓକିଲ ସଂଘର ସଭାପତି ଜଗଦାନନ୍ଦ ତ୍ରିପାଠୀ, ସଂପାଦକ ବନବିହାରୀ ସାହୁ, ଡାକ୍ତର ଶଶିଭୂଷଣ ପଣ୍ଡା ଓ ଡାକ୍ତର କିଶୋର କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ ସିନ୍ଦେ ଓ ଉପଜିଲ୍ଲାପାଳ ଶର୍ମା ବିଜେତା ଟିମକୁ ଚମ୍ପିୟାନ ଓ ରନର୍ସ ଟ୍ରଫି ପ୍ରଦାନ କରିଥିଲେ।

ମଣ୍ଡଳସ୍ତରୀୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ

କୃଷ୍ଣପ୍ରସାଦ,(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ ହୋଇଥିଲା । କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ଆନୁଷ୍ଠାନିକ ଭାବେ ରଥର ଉଦଘାଟନ କରିଥିଲେ । ଏପ୍ରେଲ ୪ ରୁ ୧୦ ତାରିଖ ପର୍ଯ୍ୟନ୍ତ ବ୍ଲକର ସମସ୍ତ ଗ୍ରାମ ପରିକ୍ରମା କରି ବିଦ୍ୟାଳୟକୁ ନୂତନ ଶିକ୍ଷାର୍ଥୀ ଆସିବା ନିମନ୍ତେ ସଚେତନତା କରାଇବ ବୋଲି ଜଣାପଡିଛି। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ବିଡ଼ିଓ,ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ,ଚିଲିକା ନୂଆପଡା ପଞ୍ଚାୟତ ସରପଞ୍ଚ,ଚିଲିକା ନୂଆପଡା ଗ୍ରାମ୍ୟ



କମିଟି ସଭାପତି , ବିଆରସିସି ,ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଉତ୍ସବର ଉଦଘାଟନ ବ୍ଲକ ଅଧ୍ୟକ୍ଷା ଏବଂ ବିଡ଼ିଓଙ୍କ ଅନୁଷ୍ଠିତ ହୋଇଥିଲା । ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଉଗ୍ରେସନ ଶଙ୍ଖୁଆଳ, ସିଆରସିସି ସୁନୀଲ କୁମାର ଜେନା, ସିଆରସିସି ରମାକାନ୍ତ ଜେନା, ସିଆରସିସି ପ୍ରଶାନ୍ତ କୁମାର ପ୍ରଧାନ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ।

ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀଗୃହରେ ଚାଲିଛି ୯୧୩ ବିଦ୍ୟାଳୟ

ରାୟଗଡା ଜିଲ୍ଲାରେ ଏମିତି ଶିକ୍ଷା ବ୍ୟବସ୍ଥା !

ରାୟଗଡା,(ନିପ୍ର): ରାୟଗଡା ଭଳି ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ଡ୍ରପଆଉଟ ସଂଖ୍ୟା ଚିନ୍ତାଜନକ ହୋଇଥିବା ବେଳେ ଭିତ୍ତିଭୂମି ଅଭାବରୁ କିଭଳି ଗୋଟିଏ କିମ୍ବା ଦୁଇଟି କୋଠରୀରେ ପାଠ ପଢ଼ା ଚାଲୁଥିବାରୁ ଜିଲ୍ଲାରେ ବିପର୍ଯ୍ୟସ୍ତ ହୋଇପଡିଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା । ଆବଶ୍ୟକ ଭିତ୍ତିଭୂମି ଓ ଶ୍ରେଣୀ ଗୃହ ନଥିବା ଯୋଗୁଁ ଅଧିକାଂଶ ବିଦ୍ୟାଳୟରେ ଶିକ୍ଷାର ମାନଦଣ୍ଡ କମିବାରେ ଲାଗିଛି । ଗୋଟିଏ ଦୁଇଟି କୋଠରିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନେ ପଢୁଛନ୍ତି । ସୂଚନା ଅନୁଯାୟୀ ଜିଲ୍ଲାର କାଶୀପୁର ବ୍ଲକରେ ୫୫ଟି ବିଦ୍ୟାଳୟ ଗୋଟିଏ କୋଠରିରେ ଚାଲୁଥିବା ବେଳେ ୧୨୨ଟି ବିଦ୍ୟାଳୟ ୨ଟି କୋଠରି ରେ ଚାଲୁଛି, ସେହିଭଳି ବିଷମକଟକ ବ୍ଲକରେ ୧୨ଟି ବିଦ୍ୟାଳୟ ଗୋଟିଏ କଠୋରି ଏବଂ ୮୮ଟି ବିଦ୍ୟାଳୟ ୨ଟି କୋଠରି ,ଚନ୍ଦ୍ରପୁର ବ୍ଲକରେ ୧୪ଟି ବିଦ୍ୟାଳୟ ଗୋଟିଏ କୋଠରି ଏବଂ ୪୦ଟି ବିଦ୍ୟାଳୟ ୨ଟି କୋଠରି ,ଗୁଡାରୀ ବ୍ଲକରେ ୨୦ଟି ବିଦ୍ୟାଳୟ ଗୋଟିଏ କୋଠରି ଓ ୪୪ଟି ବିଦ୍ୟାଳୟ ୨ଟି କୋଠରି ,ଗୁଣପୁର ବ୍ଲକରେ ୨୩ଟି ବିଦ୍ୟାଳୟ ଗୋଟିଏ କୋଠରି ଓ ୫୦ ବିଦ୍ୟାଳୟ ୨ଟି କୋଠରି ,କଲ୍ୟାଣସିଂହପୁର ବ୍ଲକରେ ୧୩ଟି ବିଦ୍ୟାଳୟ ଗୋଟିଏ କୋଠରି ଏବଂ ୮୯ଟି ବିଦ୍ୟାଳୟ ୨ଟି କୋଠରି ,କୋଲନରା ବ୍ଲକରେ ୬ଟି ବିଦ୍ୟାଳୟ ଗୋଟିଏ କୋଠରିରେ ଓ ୫୭ଟି ବିଦ୍ୟାଳୟ ୨ଟି କୋଠରି ,ମୁନିଗୁଡା ବ୍ଲକରେ ୧୩ଟି ବିଦ୍ୟାଳୟ ଗୋଟିଏ କୋଠରି ଏବଂ ୬୬ଟି ବିଦ୍ୟାଳୟ ୨ଟି କୋଠରି ,ପଦ୍ମପୁର ବ୍ଲକରେ ୩ଟି ବିଦ୍ୟାଳୟ ଗୋଟିଏ କୋଠରି ଏବଂ ୨୪ ବିଦ୍ୟାଳୟ ୨ଟି

କୋଠରୀ, ରାମନାଗୁଡା ବ୍ଲକରେ ୧୨ଟି ବିଦ୍ୟାଳୟ ଗୋଟିଏ କୋଠରି ଏବଂ ୩୦ଟି ବିଦ୍ୟାଳୟ ୨ଟି କୋଠରି ଏବଂ ରାୟଗଡା ବ୍ଲକରେ ୩୦ଟି ବିଦ୍ୟାଳୟ ଗୋଟିଏ କୋଠରିରେ ଚାଲୁଥିବା ବେଳେ ୯୯ଟି ବିଦ୍ୟାଳୟ ୨ଟି କୋଠରିରେ ଚାଲୁଥିବା ଜଣାପଡିଛି । ଜିଲ୍ଲାର ୨୦୪ଟି ବିଦ୍ୟାଳୟରୁ ୭୪ଟି ବିଦ୍ୟାଳୟକୁ ଛାତ୍ରଛାତ୍ର ଉପସ୍ଥାନ କମ୍ ରହୁଥିବାରୁ ସରକାରଙ୍କ ନିର୍ଦ୍ଦେଶ ଅନୁଶାରେ ବନ୍ଦ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡିଛି । ଜିଲ୍ଲାରେ ସମୁଦାୟ ୭୦୯ଟି ବିଦ୍ୟାଳୟ ୨ଟି କୋଠରିରେ ଚାଲୁଥିବା ଜଣାପଡିଛି । ଜିଲ୍ଲାର ଖଣିଖାଦାନ ଓ ଶିଳ୍ପ ଅଞ୍ଚଳ କୁହାଯାଉଥିବା କାଶୀପୁର ବ୍ଲକରେ ଏହି ସମସ୍ୟା ସର୍ବାଧିକ ହୋଇଥିବା ବେଳେ ପଦ୍ମପୁର ବ୍ଲକରେ ସର୍ବନିମ୍ନ ରହିଥିବା ଜଣାପଡିଛି । ଏନେଇ ଅତିରୀକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝିଙ୍କୁ ପଚାରିବାରୁ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ରାୟଗଡା ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜମିଜମା ସମସ୍ୟା ରହିଥିବାରୁ ଅନେକ ଗ୍ରାମରେ ବିଦ୍ୟାଳୟ ନିର୍ମାଣ ହୋଇପାରୁନାହିଁ । ଯାହା ସରକାରୀ ଜମିରେ ଅଛି ସେଥିରେ ସମସ୍ୟା ନାହିଁ, କିନ୍ତୁ କିଛି ବିଦ୍ୟାଳୟ ବ୍ୟକ୍ତିଗତ ଜାଗାରେ ରହୁଥିବାରୁ ସ୍ଥାନୀୟ ଅଧିବାସୀମାନେ ଶ୍ରେଣୀଗୃହ ନିର୍ମାଣ ପାଇଁ ଅନୁମତି ଦେଉନାହାନ୍ତି । ଏଥିପାଇଁ ଏହି ସମସ୍ୟା ହେଉଛି । ଏହି ସମସ୍ୟାକୁ ଜିଲ୍ଲା ସମୀକ୍ଷା ବୈଠକରେ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ନେଇ ତହସିଲଦାରମାନଙ୍କ ସହ ଆଲୋଚନା କରି କିପରି ସରକାରୀ ସ୍ଥାନରେ ବିଦ୍ୟାଳୟ ନିର୍ମାଣ ହେବ ସେନେଇ ପଦକ୍ଷେପ ଗ୍ରହଣ କରିବୁ ବୋଲି ଏଡିଇଓ ଶ୍ରୀ ମାଝି ପ୍ରକାଶ କରିଛନ୍ତି । ଜିଲ୍ଲାରେ ଶିକ୍ଷା ବିଭାଗର ୧୦୫୦ଟି ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ଉଚ୍ଚପ୍ରାଥମିକ ବିଦ୍ୟାଳୟ ୪୫୭ଟି ରହିଥିବା ବେଳେ ଲକ୍ଷାଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ।

ଓଡ଼ିଆରେ ନାମଫଳକ ଅଭିଯାନ ଓ ସଚେତନତା ପଦଯାତ୍ରା

ପାରଳାଖେମୁଣ୍ଡି,(ନିପ୍ର): ପାରଳାଖେମଣ୍ଡି ଠାରେ ରାଜ୍ୟ ସରକାରଙ୍କ ତରଫରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଗଜପତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଓଡ଼ିଆରେ ନାମଫଳକ ଅଭିଯାନ ଓ ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନ୍ନନାଗା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅନୁଷ୍ଠିକ ଭାବରେ ସଚେତନତା ପତାକା ଦେଖାଇ ଶୁଭ ଆରମ୍ଭ କରିଛନ୍ତି।

ଏହାର ଉଦ୍ଦେଶ୍ୟ ଜିଲ୍ଲାରେ ଓଡିଆ ଭାଷାର ନାମ ଫଳକ ଲିପିବଦ୍ଧ ନିମନ୍ତେ ଜନସାଧାରଣଙ୍କୁ ସଚେତନତା ସୃଷ୍ଟି କରିବା। ନିଜ ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ନାମଫଳକ ଓଡ଼ିଆରେ ଲେଖି ଓଡ଼ିଆ ଭାଷାକୁ ସମ୍ମାନ ଦେବା ପାଇଁ ପଦଯାତ୍ରା କରାଯାଇଛି। ଏହି ସଚେତନତା

କାର୍ଯ୍ୟକ୍ରମରେ ଓଡ଼ିଶା ଦୋକାନ ଓ ବାଣିଜ୍ୟକ ପ୍ରତିଷ୍ଠାନ ଆଇନ୍ ଅନୁଯାୟୀ ଓଡ଼ିଆ ଭାଷାରେ ନାମ ଫଳକ ଲେଖା ସମ୍ବନ୍ଧରେ ବିଭିନ୍ନ ପ୍ଲାକାର୍ଡ, ଫାମ୍ପଲେଟ ବ୍ୟାନର ଇତ୍ୟାଦି ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ବାହାରି ମହାରାଜା ପେଲେସ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା । ଏହି ଅବସରରେ ସହରର ସମସ୍ତ ଦୋକାନ ଓ ବ୍ୟବାୟୀକ ପ୍ରତିଷ୍ଠାନ ଓ ବସରେ ନାମ ଫଳକକୁ ଓଡିଆ ଭାଷାରେ ଲିପିବଦ୍ଧ କରିବା ନିମନ୍ତେ ଅନୁରୋଧ କରାଯାଇଛି।

ଏହି ଶୋଭାଯାତ୍ରାରେ ଜିଲ୍ଲା ଶ୍ରମ ଅଧିକାରୀ ଗଜପତି ଭାରତୀ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ, ଅତିରିକ୍ତ ଶ୍ରମ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋରମା ଦେବୀ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ସମେତ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶ୍ରମିକ କର୍ମଚାରୀମାନେ ସାମିଲ ହୋଇ ସଚେତନତା କରାଇଥିଲେ।

ନେରେଡି ବ୍ୟାରେଜ ରାୟକୁ ତୀବ୍ର ବିରୋଧ

କାଶୀନଗର,(ନିପ୍ର): ନେରେଡି ବ୍ୟାରେଜ ଯାହାକି ୨୦୦୬ ମସିହାରୁ ଟ୍ରିବ୍ୟୁନାଲ କେସ ବଂଶଧାରା ନଦୀରେ ବ୍ୟାରେଜ ନିର୍ମାଣ ସକାଶେ ମାମଲା ରୁଜୁ ହୋଇଥିଲା ତାର ଟ୍ରିବ୍ୟୁନାଲ ରାୟ ଏକ ଚାଟିଆ ଭାବେ ଆନ୍ଧ୍ର ସରକାରଙ୍କ ସପକ୍ଷରେ ଆସିଥିବାରୁ ଏହାକୁ କାଶୀନଗର ବ୍ଲକ ଅନ୍ତର୍ଗତ ବଂଶ ଧାରା ନଦୀ ତଟର ଖଣ୍ଡାବା ଓ ବୁଦୁରା ପଞ୍ଚାୟତର ବହୁ ଗ୍ରାମର ଗ୍ରାମବାସୀମାନେ ଟ୍ରିବ୍ୟୁନାଲ ରାୟକୁ ତୀବ୍ର ବିରୋଧ କରି ଏହି ବ୍ୟରେଜ ନିର୍ମାଣ ହେବା ଫଳରେ ଏହି ଅଞ୍ଚଳରେ ବ୍ୟାପକ ଭାବେ ଧାନ ଜୀବନ ନଷ୍ଟ ହେବା ନିଶ୍ଚିତ।

ସରକାର ଯଦି ଏହି ମାମଲାକୁ ହସ୍ତକ୍ଷେପ କରି କିଛି ବିହୀତ ପଦକ୍ଷେପ ନ ନିଅନ୍ତି ତା ହେଲେ ଏକ ବିରାଟ ଜନ ଆନ୍ଦୋଳନ କରି ନିଜ ଭିଟାମାଟି ନ ଛାଡି ଆତ୍ମହୁତି ଦେବାକୁ ପଛେଇବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଖଣ୍ଡାବା ଗ୍ରାମବାସୀଙ୍କ କହିବା ଅନୁଯାଇ ପ୍ରଥମେ ୨୦୦୬ , ୨୦୧୩ ଓ ୨୦୧୮ ମସିହା ରେ କ୍ଷେତ୍ର ପରିଦର୍ଶନ



ପାଇଁ ଆନ୍ଧ୍ର ଓ ଓଡିଶାର ମିଳିତ ଏକ ଟ୍ରିବ୍ୟୁନାଲ ଟିମ ଆସି ଯାହା ନିଷ୍ପତ୍ତି ହେବ ଗ୍ରାମସଭା ମାଧ୍ୟମରେ ଗ୍ରାମବାସୀଙ୍କ ମତାମତ ସଂଗ୍ରହ କରି ନିଆଯିବ ବୋଲି ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କୌଣସି ପଲ୍ଲୀ ସଭା ନ କରି ଓଡିଶା ସରକାରଙ୍କ ବିପକ୍ଷରେ ବର୍ତ୍ତମାନ ଟ୍ରିବ୍ୟୁନାଲ ଯେଉଁ ରାୟ ଆନ୍ଧ୍ର ସରକାରଙ୍କ ସପକ୍ଷରେ ଦେଇଛନ୍ତି ତା ହେଲେ କାଶୀନଗର ବ୍ଲକର ପାଲସିଂ,ସାରା, ବାଡ଼ାଗାଁ, ଖଣ୍ଡାବା, କିତିଙ୍ଗି, ବୋଥବା, ବୁଦୁରା, ଇଦୁଡ଼ି ଗ୍ରାମ ଗୁଡିକ ବଂଶଧାରା ନଦୀରେ ଲୀନ ହୋଇଯିବା ସହ ଭୌଗୋଳିକ ମାନଚିତ୍ରରୁ ଲୋପ୍ ପାଇଯିବ ବୋଲି କିଛି ଗ୍ରାମବାସୀ ମତ ବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଏହି ଗ୍ରାମ ଅଧିବାସୀମାନଙ୍କ ମନରେ ଚିନ୍ତା ଆସିଲା ଯେ ଏମାନେ ନିଜ ଭିଟାମାଟି ଛାଡି କୁଆଡେ ଯିବେ, ଏମାନଂକୁ କିଏ ସାହା ହେବ ସରକାର ଏମାନଙ୍କ ଦୁଃଖ ବୁଝିବ ନା ନାଇଁ ଏମିତି ଅନେକ ପ୍ରଶ୍ନ ସେମାନଂକୁ ପ୍ରଭାବିତ କରୁଛି। ରାଜ୍ୟ ସରକାର ଯଦି ପଲ୍ଲୀ ସଭା ମାଧ୍ୟମରେ ଏହି ବିବାଦର ସମାଧାନର ରାସ୍ତା ବାହାର ନ କରନ୍ତି ତା ହେଲେ ବହୁ ପରିବାର ନିଜ ଘର, ଜମି ବାଡ଼ି ସର୍ବସ୍ୱ ହରେଇ ସର୍ବସ୍ୱାନ୍ତ ହୋଇଯିବେ।

ଏମ୍‌ସିଏଲରେ ୩୫ତମ ପ୍ରତିଷ୍ଠା ଦିବସ

ସମ୍ବଲପୁର,(ନିପ୍ର): ଚଳିତ ଆର୍ଥିକ ବର୍ଷରେ କମ୍ପାନୀର ଚମତ୍କାର ପ୍ରଦର୍ଶନକୁ ପାଳନ କରି ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍.ସି.ଏଲ୍) ଶୁକ୍ରବାର ଏହାର ୩୫ ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ କମ୍ପାନୀ ମୁଖ୍ୟାଳୟରେ 'ରନ୍ ଫର୍ ଏକ୍ସେଲେନ୍ସ'ରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମସ୍ତ ନିର୍ଦ୍ଦେଶକ, ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି), କର୍ମଚାରୀ ଏବଂ ସେମାନଙ୍କ ପରିବାର ଉତ୍ସାହର

ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏମ୍.ସି.ଏଲର ସିଏମଡି ଉଦୟ ଅନନ୍ତ କାଓଲେ କମ୍ପାନୀର ୩୫ତମ ପ୍ରତିଷ୍ଠା ଦିବସ ଅବସରରେ ଏମ୍.ସି.ଏଲ୍ ପରିବାରକୁ ଶୁଭେଚ୍ଛା ଜଣାଇବା ସହିତ ୨୦୨୫-୨୬ ଆର୍ଥିକ ବର୍ଷରେ କ୍ରମାଗତ ଭାବେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ଅତ୍ୟନ୍ତ ଆନନ୍ଦ ଏବଂ ସନ୍ତୋଷର ବିଷୟ ଯେ ଆମର କମ୍ପାନୀ ଭଲ ପ୍ରଦର୍ଶନ ଜାରି ରଖିଛି ଏବଂ ଦେଶର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। କମ୍ପାନୀର ପୂର୍ବତନ ନେତୃତ୍ୱଙ୍କ ଅବଦାନ ପାଇଁ କୃତଜ୍ଞତା ବ୍ୟକ୍ତ କରି ଶ୍ରୀ କାଓଲେ ଦେଶର ଶକ୍ତି ଆବଶ୍ୟକତା ପୂରଣରେ ଏମ୍.ସି.ଏଲକୁ ନିରନ୍ତର ସମର୍ଥନ ପାଇଁ କୋଇଲା ମନ୍ତ୍ରଣାଳୟ, କୋଲ ଇଣ୍ଡିଆ, ଓଡ଼ିଶା ରାଜ୍ୟ ପ୍ରଶାସନ, ଜନ ପ୍ରତିନିଧି ଏବଂ ଟ୍ରେଡ ୟୁନିଅନକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

ପୂର୍ବତନ ସି.ଏମ.ଡି ଏ.ଆର୍ ଶର୍ମା, ଏସ୍.ଏନ୍ ଶର୍ମା, ଏସ୍.ଆର୍ ଉପାଧ୍ୟାୟ, ଏ.ଏନ୍ ସହାୟ, ଏ.କେ ଝା, ଆରଆର୍ ମିଶ୍ର, ବି.ଏନ୍ ଶୁକ୍ଲା, ପି.କେ ସିହ୍ନା ଏବଂ ଓ.ପି. ସିଂହଙ୍କ ସହିତ କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ); ପି.କେ ପଟେଲ, ମୁଖ୍ୟ ସତର୍କତା ଅଧିକାରୀ; ଅଜିତ କୁମାର ବେହୁରା, ନିର୍ଦ୍ଦେଶକ (ଅର୍ଥ) ଏବଂ ଏସ୍.କେ ଝା, ନିର୍ଦ୍ଦେଶକ (ବୈଷୟିକ) ଏହି ଅବସରରେ ଉପସ୍ଥିତ ଥିଲେ। 'ଷ୍ଟାର ନାଇଟ୍' କାର୍ଯ୍ୟକ୍ରମ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା।

ଆସିକାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଦ୍ୟାରମ୍ଭ

ଆସିକା,(ନିପ୍ର): ଚଳିତ ବର୍ଷ ଆସିକାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଦ୍ୟାରମ୍ଭ ପୂଜା ଅନୁଷ୍ଠିତ ହୋଇଯାଇଛି ।ରାଜ୍ୟ ସରକାରଙ୍କ ବିଦ୍ୟାରମ୍ଭ ଓ ପ୍ରବେଶ ଉତ୍ସବକୁ ଶିକ୍ଷା ବର୍ଷ ଆରମ୍ଭରୁ କରିବା ପାଇଁ ବାଧ୍ୟତାମୂଳକ କରିଛନ୍ତି। ଏହି ପରିପେକ୍ଷୀରେ ଆସିକାର ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର, ଆରୀୟାନ ପବ୍ଲିକ ସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଏନ ଏ ସି ନୋଡାଲ ହାଇସ୍କୁଲ, ହରିହର ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ଡି ପଲ ସ୍କୁଲ, ଆଦି ବିଭିନ୍ନ ବିଦ୍ୟାଳୟରେ ବିଦ୍ୟାରମ୍ଭ ପୂଜା ଅନୁଷ୍ଠିତ ହୋଇଯାଇଛି। ପୁଣ୍ୟ ତୋୟା ଋଷିକୂଲ୍ୟା ନଦୀ ଠାରେ ସୂର୍ଯ୍ୟପୂଜା କରି ଜଳ ବିଦ୍ୟାଳୟ ଛାତ୍ରଛାତ୍ରୀ ଗୁରୁଜୀ ଗୁରୁମାମାନଙ୍କ ଦ୍ୱାରା ଅଣାଯାଇଥିଲା। ପରେ ବିଦ୍ୟାଳୟରେ ପ୍ରଭୁ ଶ୍ରୀ ଗଣେଷ, ମାଆ ସରସ୍ୱତୀଙ୍କ ମୂର୍ତ୍ତିରେ ନୂତନ ବସ୍ତ୍ର,ଫୁଲ ମାଳ ପ୍ରଦାନ କରାଯାଇ ବିଦ୍ୱାନ ପଣ୍ଡିତ ଦିଲ୍ଲିପ କୁମାର କରଙ୍କ ଦ୍ୱାରା ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ବିଦ୍ୟାରମ୍ଭ ଉତ୍ସବରେ ବିଦ୍ୟାଳୟ ସମ୍ପାଦକ କମଳେନ୍ଦୁ ହୋତା କର୍ତ୍ତା ହୋଇ ହୋମ କାର୍ଯ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାମନ୍ଦିର ସହସମ୍ପାଦକ ଦିଲ୍ଲିପ କୁମାର ଶତପଥୀ, ପ୍ରଧାନ ଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ, ଗୁରୁମା କାଦମ୍ବିନୀ ହୋତା, ଲିନା କୁମାରୀ ସ୍ୱାଇଁ, ସୁନିତା ମହାପାତ୍ର,ଅଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମି ସାହୁ ପ୍ରମୁଖ ସହଯୋଗ କରିଥିଲେ।

ଦିବ୍ୟାଙ୍ଗ ଉପଯୋଗୀ ଉପକରଣ ବଣ୍ଟନ

ରଣପୁର,(ନିପ୍ର): ନୟାଗଡ଼ ଜିଲ୍ଲା ରଣପୁର ଏନଏସି ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଅଭୀଷ୍ଟ ଚାରିଟେବୁଲ ଟ୍ରଷ୍ଟ, ମହାବୀର ବିକଳାଙ୍ଗ ସହାୟତା ସମିତି ଏବଂ ଓଡ଼ିଶା ସ୍ପେସିଆଲ୍ ଏଜୁକେଟର ଫେଡ଼େରସନ ଫର୍ ଦିବ୍ୟାଙ୍ଗ ସଂଘର ମିଳିତ ସହଭାଗିତାରେ ବିଶ୍ୱ ସ୍ୱପରାୟଣତା ଦିବସ ପାଳନ ଓ ଦିବ୍ୟାଙ୍ଗ ଉପଯୋଗୀ ଶିକ୍ଷା ସାମଗ୍ରୀ, ଶ୍ରାବଣ ଯନ୍ତ୍ର, ଆଶାବାଡ଼ି ଓ ହ୍ୱିଲଚେୟାର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଏଲି ପାଢ଼ୀ ଜୈନ ପ୍ରାରମ୍ଭିକ ବକ୍ତବ୍ୟରେ ଅଟିଜିମ୍ ଏକ ସ୍ନାୟବିକ ତ୍ରୁଟିଯୁକ୍ତ ଶାରୀରିକ ବିକାଶ ଯେଉଁଥିରେ ଅନ୍ୟ ଲୋକମାନଙ୍କ ସହିତ ସାମାଜିକ ଭାବ ବିନିମୟ ଓ ଯୋଗାଯୋଗ କରିବାରେ ସମସ୍ୟା ଦେଖାଯାଏ ବୋଲି କହିବା ସହ ଅଟିଜିମର ନିରାକରଣ ବିଷୟରେ ବିସ୍ତୃତ ଭାବେ ଆଲୋଚ୍ନା କରିଥିଲେ। ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ରଙ୍ଗିନ ମହାନ୍ତି, ରଣପୁର ବିଡ଼ିଓ ମନୋଜ କୁମାର ନାୟକ, ରଣପୁର ତହସିଲଦାର ଆର୍ଯ୍ୟ କୁମାର ସର୍ବଦାମନ, ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର, ଜିଲ୍ଲା ସାମାଜିକ ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଅଟିଜିମ୍ ସଚେତନତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚ୍ନା କରିଥିଲେ।

ଏହି ଅବସରରେ ପ୍ରାୟ ୩୦ ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ସ୍ୱତନ୍ତ୍ର ଶିକ୍ଷା ସାମଗ୍ରୀ,୩୬ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ଓ ୨୩ ଜଣ ଶ୍ରବଣ ବାଧିତ ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କ ଶ୍ରବଣ ଯନ୍ତ୍ର ପ୍ରଦାନ ପୂର୍ବକ ସମୁଦାୟ ପ୍ରାୟ ୧୦୦ ଜଣ ଦିବ୍ୟଙ୍ଗଙ୍କୁ ସମାଜରେ ସ୍ୱାବଲମ୍ବୀ ଦିନରେ ଆବଶ୍ୟକ ଉପକରଣ ପ୍ରଦାନ କରାଯାଇଥିଲା। ବିଧାନସଭାର ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂପନ୍ନ ହୋଇଥିଲା।

ସ୍ୱାଧୀନତା ସଂଗ୍ରାମୀଙ୍କ ସହଧର୍ମିଣୀଙ୍କୁ ପାସୋରି ଦେଲେ !

ରାୟଗଡା(ନି:ପ୍ର)ସ୍ୱାଧୀନତା ସଂଗ୍ରାମୀଙ୍କ ସହଧର୍ମିଣୀଙ୍କୁ ପାସୋରି ଦେଲେ ସରକାର, ସ୍ୱାଧୀନତା ସଂଗ୍ରାମୀ ପେନସନ ପାଇବାରୁ ବଞ୍ଚିତ ହୋଇଥିବା ସ୍ଥାନୀୟ ସାଧାରଣରେ ଆଲୋଚନାର ବିଷୟ ହୋଇଛି ।ରାୟଗଡା ଜିଲ୍ଲା ଅନ୍ତର୍ଗତ ରାମନାଗୁଡ଼ା ବ୍ଲକ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଟୁଡୁକୁ ଶବରଙ୍କ ସହଧର୍ମିଣୀ ମାଙ୍ଗି ଶବରଙ୍କ ପ୍ରତି ସରକାରଙ୍କ ଅଣଦେଖା କରିଥିବା ଅଭିଯୋଗ ହୋଇଛି। ୧୯୭୫ ମସିହାରେ ଭାରତ ସରକାର ସ୍ୱର୍ଗତ ଟୁଡୁକୁ ଶବରଙ୍କ ବଳିଦାନକୁ ରାଷ୍ଟ୍ରପତି ଫଳକ ସହିତ ପେନସନ ଦେଇ ସ୍ୱୀକୃତି ପ୍ରଦାନ କରିଥିଲେ। ପ୍ରାୟ ୪୦ ବର୍ଷ ପୂର୍ବେ ତାଙ୍କ ସ୍ୱର୍ଗବାସ ପରେ ତାଙ୍କ ବିଧବା ପତ୍ନୀ ମାଙ୍ଗି ଶବର, ଯାହାଙ୍କୁ ୯୦ ବର୍ଷ ଟପିବାକୁ ବସିଲାଣି, ସେ ଆଜି ସମ୍ପୂର୍ଣ୍ଣ ଭାବେ ଅବହେଳିତ ଅବସ୍ଥାରେ ରହିଛନ୍ତି ।ସେ ଭୂମିହୀନ ତଥାପି ତାଙ୍କୁ କେନ୍ଦ୍ରୀୟ ରାଜ୍ୟ ଗୃହ ଯୋଜନାରୁ ବାଦ୍ ପଡିଛନ୍ତି। ସେ ସମ୍ପ୍ରତି ତାଙ୍କ ନାତିଙ୍କ ଘରେ ଆଶ୍ରିତ ରହିଛନ୍ତି ।ମାଙ୍ଗୀ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବାର୍ଦ୍ଧକ୍ୟଭତ୍ତା ହିଁ ପାଉଥିବା ବେଳେ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଉଦ୍ଦିଷ୍ଟ ପାରିବାରିକ ଭତ୍ତା ଏଯାଏଁ ତାଙ୍କ ଭାଗ୍ୟରେ ଜୁଟି ନଥିବାରୁ ସେ ଦୁଃଖିତ ବୋଲି କହିବା ସହ ଦେଶ ପାଇଁ ଯେଉଁମାନେ ଏପରି ଭାବେ ଆତ୍ମ ବଳିଦାନ ଦେଇଥିଲେ ସେମାନଙ୍କ ପ୍ରତି ସରକାରଙ୍କ ଏଭଳି ଅସମ୍ମାନ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କ୍ଷୋଭର ସହ କହିଛନ୍ତି।

ଆସିକା ବିଜ୍ଞାନ ମହାବିଦ୍ୟାଳୟରେ 'ପରମାଣୁ ଉର୍ଜ୍ଜା ଏବଂ ଏହାର ବ୍ୟବହାର' ପାଠଚକ୍ର

ଆସିକା,(ନିପ୍ର): ଜନମାନସରୁ ପରମାଣୁ ଉର୍ଜ୍ଜାମାନେ କେବଳ ଆଟାମବମ୍ବ ନିର୍ମାଣର ଭ୍ରାନ୍ତଧାରଣାକୁ ଦୂର କରିବା ନିମନ୍ତେ ଭାରତ ସରକାରଙ୍କ ସଫଳ ପ୍ରଚେଷ୍ଟାର ଏକ ନିଦର୍ଶନ ଦେଖିବାକୁ ମିଳିଛି ଗଂଜାମ ଜିଲ୍ଲାର ଆସିକା ବିଜ୍ଞାନ ମହାବିଦ୍ୟାଳୟରେ। ଆଜି ମନୁଷ୍ୟ ସମାଜ ପରମାଣୁ ଉର୍ଜ୍ଜାର ନକାରାତ୍ମକ କୋପ ଭାଜନ ହେଉଛି ଏବଂ ମାନବିକତା ଲୁପ୍ତ ହେଇଯାଉଛି। ନକାରତ୍ମକ ଚିନ୍ତନରୁ ଦୂରୀଭୂତ ହେବା ପାଇଁ ଏବଂ ବସୁଧୈବ କୁଟୁମ୍ବକଂର ବାର୍ତ୍ତା ନେଇ ଭୌତିକ ସଂସ୍ଥାନ, ଭୁବନେଶ୍ୱର ଏବଂ ପଦାର୍ଥ ବିଜ୍ଞାନ ବିଭାଗ, ଆସିକା ବିଜ୍ଞାନ ମହାବିଦ୍ୟାଳୟ, ଆସିକାର ମିଳିତ ସହଭାଗିତାରେ 'ପରମାଣୁ ଉର୍ଜ୍ଜା ଏବଂ ଏହାର ବ୍ୟବହାର' ସଂନ୍ଦର୍ଭ ପାଠଚ୍କ୍ର ଏକ ମନୋଜ୍ଞ ଏବଂ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଡ. ଗୀତାଞ୍ଜଳି ଦାଶ ଏବଂ ସମ୍ମାନିତ ଅତିଥି ରୂପେ ଭାରତୀୟ ବିରଳ ମୃତିକା, ମାଟିଖାଲ, କାଳିଆବାଲି, ଛତ୍ରପୁର ଗଂଜାମର ମୁଖ୍ୟ ମହାପ୍ରବନ୍ଧକ ଡକ୍ଟର ସି. ଭେଙ୍କଟ ରମଣ ମୂର୍ତ୍ତି ଏବଂ ଭୌତିକ ସଂସ୍ଥାନ, ଭୁବନେଶ୍ୱରର ନିର୍ଦ୍ଦେଶକ ଡ. କରୁଣାକର ନନ୍ଦ ଏବଂ ମୁଖ୍ୟବକ୍ତା ରୂପେ ନିର୍ଦ୍ଦେଶକ, ରାଜଭାଷା ପରମାଣୁ ଉର୍ଜ୍ଜା ବିଭାଗ, ମୁମ୍ବାଇ ଶ୍ରୀ ଅଚ୍ଳେଶ୍ୱର ସିଂହ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଭୁତି ଭୂଷଣ ବେବର୍ତ୍ତା ସମସ୍ତ ଅତିଥି ଏବଂ ଶିକ୍ଷାର୍ଥୀ ମାନଙ୍କ ପାଇଁ ସ୍ୱାଗତ ଭାଷଣ

ରଖିଥିଲେ। ସମସ୍ତ ଅତିଥିଙ୍କ ସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଉପକୁଳାଧିପତିଙ୍କୁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆଗନ୍ତୁକ ଅତିଥିମାନଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ମୁଖ୍ୟ ଅତିଥି ଡ. ଦାଶ ଦେଶ ବିକାଶଧାରାକୁ ତ୍ୱରାନ୍ୱିତ କରିବାକୁ ହେଲେ ବିଜ୍ଞାନ ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ କେବଳ ସହରାଞ୍ଚଳରେ ନ ହୋଇ ଗ୍ରାମାଞ୍ଚଳରେ ମଧ ହେବା ନିତାନ୍ତ ଆବଶ୍ୟକ ବୋଲି ଦୃଢୋକ୍ତି ରଖିଥିଲେ। ସମ୍ମାନିତ ଅତିଥି ଡ. ମୂର୍ତ୍ତି ପରମାଣୁ ଉର୍ଜ୍ଜା ନିମନ୍ତେ କୃଷ୍ଣକାୟ ବାଲୁକା, ଛତ୍ରପୁର, ଗଂଜାମର ମହତ୍ତ୍ୱକୁ ପରମାଣୁ ଶକ୍ତି ନିମନ୍ତେ ବିଶ୍ୱର କୋଣ ଅନୁକୋଣରେ ଏହାର ଚାହିଦା ଏବଂ ପ୍ରସିଦ୍ଧିର ସବିଶେଷ ମତ ରଖିଥିଲେ। ସମ୍ମାନିତ ଅତିଥି ଡ. ନନ୍ଦ ବିଜ୍ଞାନ ଅନୁସନ୍ଧାନର ପ୍ରତ୍ୟେକ କ୍ଷେତ୍ରରେ ମୌଳିକ ବିଜ୍ଞାନର ଆବଶ୍ୟକତାକୁ ଶିକ୍ଷାର୍ଥୀମାନଙ୍କୁ ସୂଚାଇ ଥିଲେ। ମୁଖ୍ୟବକ୍ତା ଶ୍ରୀ ସିଂହ ପରମାଣୁ ଶକ୍ତିର ଉଚିତ୍ ବ୍ୟବହାର ଅବଧାରଣାକୁ ପିପିଟି ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କୁ ଅବଗତ କରିଥିଲେ। ପାଠଚକ୍ରର ଦ୍ୱିତୀୟ ପର୍ଯ୍ୟାୟ ପ୍ରଯୁକ୍ତି ସତ୍ରରେ ନାଭିକୀୟ ଇନ୍ଧନ କେନ୍ଦ୍ର, ହାଇଦରାବାଦର ସହ ନିର୍ଦ୍ଦେଶିକା କୁଞ୍ଜନ ତ୍ରିପାଠୀ, ଭାରୀ ଜଳ ବୋର୍ଡ, ମୁମ୍ବାଇର ଉପ-ପ୍ରବନ୍ଧକ ଭାସ୍କରନନ୍ଦ ଝା, ପରମାଣୁ ଉର୍ଜ୍ଜା ବିଭାଗ, ମୁମ୍ବାଇର ସହନିର୍ଦ୍ଦେଶିକା ବିଦ୍ୟାଶ୍ରୀ ଆଦି ସମସ୍ତ ପ୍ରଯୁକ୍ତି ବିଜ୍ଞାନୀ ପରମାଣୁ ଶକ୍ତି କିପରି ଜନକଲ୍ୟାଣକାରୀ ରୂପେ ବ୍ୟବହୃତ ହୋଇ ଦେଶର ବିକାଶଧାରାରେ ସଂପାଦିତ ହୋଇପାରୁଛି ତାହାର ସବିଶେଷ ବିବରଣୀ ପିପିଟି ମାଧ୍ୟମରେ ସୂଚ୍ଚାଇ ଥିଲେ। ଶିକ୍ଷାର୍ଥୀଙ୍କ ପ୍ରଶିକ୍ଷଣ ପରେ ଦ୍ୱିତୀୟ ସୂତ୍ରର ସମସ୍ତ ଶିକ୍ଷାର୍ଥୀ ନିମନ୍ତେ ପରମାଣୁ ଉର୍ଜ୍ଜା ସମ୍ବନ୍ଧୀୟ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ମଧ ଆୟୋଜିତ କରାଯାଇଥିଲା। ପାଠଚକ୍ର ସଂଯୋଜକ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଏଲ୍. ଭାନୁଚ୍ନ୍ଦ୍ର ରାଓ ସଭା ସଂଯୋଜନା କରିଥିଲେ ଏବଂ ମଞ୍ଚାସୀନ ଅତିଥିଙ୍କ ପରିଚ୍ଚୟ ପ୍ରଦାନ କରିଥିଲେ। ବିଜ୍ଞାନ ଛାତ୍ର ଓମକାର ପ୍ରିୟଦର୍ଶୀ ଦାଶ ଓ ଗ୍ରୁପ ହିନ୍ଦୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ବେଦଜ୍ଞ ଧନଞ୍ଜୟ ମହାପାତ୍ରଙ୍କ ବେଦମନ୍ତ୍ର ଧ୍ୱନୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପଦାରବିନ୍ଦରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ସମସ୍ତ ଅତିଥିଙ୍କୁ ଉପଢୌକନ ସହ ସ୍ମରଣଚିହ୍ନ ପ୍ରଦାନ କରାଯାଇଥିଲା। ଆଖପାଖ ଅଂଚଳ ଅତିଥି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିବାର ନଜିର ରହିଥିଲା। ସଭା ସମନ୍ୱୟକାରୀ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀନାରାୟଣ ଷଡ଼ଙ୍ଗୀ ପାଠଚକ୍ରର ଉଭୟ ସତ୍ର ସଂଚାଳନ କରିଥିଲେ।

ତିଥି :(ତୃତୀୟା): (ବିଶାଖା ତୁଳା)
ଅମୃତ ବେଳା:ରାତ୍ରୀ ଘ ୬।୨୮ ଗତେ ଘ ୯।୪୦ ମଧ୍ୟେ

ଆଜିର ଅନୁଚିନ୍ତନ

ଯେ କେବେ ହର୍ଷିତ ହୁଏ ନାହିଁ, ଦ୍ୱେଷ କରେ ନାହିଁ, ଶୋକ କରେ ନାହିଁ କି କାମନା କରେ ନାହିଁ ଏବଂ ଯେ ଶୁଭାଶୁଭ କର୍ମର ଉର୍ଦ୍ଧ୍ୱରେ, ସେହି ଭକ୍ତିମାନ ମନୁଷ୍ୟ ମୋର ପ୍ରିୟ ଅଟେ ।।

- ଶ୍ରୀମଦ୍ ଭଗବଦ୍ ଗୀତା

ରିଲ୍ସ ବନାମ ଜୀବନ

ରିଲ୍ସ କରି ଯେଉଁମାନେ ଶସ୍ତା ଲୋକପ୍ରିୟତା ହାସଲ କରିବାକୁ ଉଦ୍ୟମ କରନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଏପରି ପ୍ରକ୍ରିୟାବେଳେ ଜୀବନକୁ ବିପଦରେ ପକାନ୍ତି । ରିଲ୍ସ ଓ ଜୀବନ ଭିତରୁ ଜୀବନ ମୂଲ୍ୟବାନ ବୋଲି ବୁଝିବା ପୂର୍ବରୁ ଦୁର୍ଘଟଣାରେ ଅନେକ ଜୀବନ ହରାଇଥାଆନ୍ତି । ପ୍ରାୟ ଏହି ଦୁର୍ଘଟଣା ସର୍ବତ୍ର ଧାରାବାହିକ ହୋଇଗଲାଣି । ଭଦ୍ରକ ଜିଲ୍ଲା ସାଳନ୍ଦୀ ନଦୀ ଭିତରକୁ ଦୁଇ ଯୁବକ ନିକଟରେ ଡେଉଁ ପଡ଼ିଥିଲେ । ଉଦ୍ଦେଶ୍ୟ ଥିଲା ରିଲ୍ସ ସୁଟିଂ କରିବା ଓ ପରେ ତାହାକୁ ସୋସିଆଲ ମିଡିଆରେ ଛାଡ଼ିବା । ନଦୀରେ ସୁଅ ଥିଲା ପ୍ରଖର । ଦୁଇ ଯୁବକଙ୍କ ମଧ୍ୟରୁ ଜଣେ ନିରାପଦରେ କୂଳକୁ ଫେରିଥିବାବେଳେ ଫେରିନଥିଲେ ଅନ୍ୟଜଣଙ୍କ । ଏହା ପୂର୍ବରୁ ପୁରୀ ଜିଲ୍ଲା ପିପିଲି ଥାନା କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନ ପୁବାଶାସନ ନିକଟ ଭାର୍ଗବୀ ନଦୀର ପ୍ରବାହିତ ସୁଅ ଭିତରେ ରିଲ୍ସ କରିବା ନିକଟରେ ସାଜିଥିଲା କାଳ । ପରୀକ୍ଷା ସରିଥିବାରୁ ଅବିର ଓ ରଙ୍ଗ ବୋଳାବୋଳି ହୋଇ ୪ଜଣ ଗାଧୋଇବା ପାଇଁ ଏହି ନଦୀକୁ ଡେଇଁ ଥିଲେ ହେଁ କୂଳକୁ ଫେରିଥିଲେ ୩ ଜଣ । ମାତ୍ର ଜଣଙ୍କର ପତ୍ତା ମିଳି ନ ଥିଲା । ଉଦ୍ଧାରକାରୀ ଅଗ୍ନିଶମବାହିନୀ ମୃତକର ମୃତଦେହ ଉଦ୍ଧାର କରିଥିଲେ । ତେବେ ସବୁଠୁ ଦୁର୍ଭାଗ୍ୟର ବିଷୟ ଯେ ଅଗ୍ନିଶମବାହିନୀ ଖୋଜାଖୋଜି କରୁଥିବାବେଳେ ତାହାର ଦୃଶ୍ୟକୁ କିଛି ଯୁବକଯୁବତୀ ରିଲ୍ସ ପ୍ରସ୍ତୁତ କରୁଥିବା ଘଟଣା ଦିନ ଦେଖିବାକୁ ମିଳିଥିଲା । ଏପରି ବର୍ଣ୍ଣନା କରିଛନ୍ତି ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀମାନେ ।

ସୋସିଆଲ ମିଡିଆରେ ରିଲ୍ସ ପକାଇ 'ଭିଉଜ' ଓ 'ଲାଇକ୍ସ' ଲୋଭ କରି ଜୀବନକୁ ବହୁ ସମୟରେ ମରଣ ମୁହଁକୁ ଠେଲି ଦେଉଥିବା ଉଦ୍‌ଭ୍ରାନ୍ତ ଯୁବକଯୁବତୀ, କିଶୋରକିଶୋରୀମାନେ ଏପରି ଉଶୃଙ୍ଖଳିତ ହେବା ପାଇଁ ସେମାନଙ୍କୁ ଯେଉଁ କାରକ ଆକର୍ଷିତ କରିଥାଏ ତାହା ହେଉଛି ପ୍ରଶଂସା ପାଇବାର ଅହେତୁକ ଲୋଭ । ଏହି ଲୋଭ ବହୁ ସମୟରେ ଘାତକ ସାଜୁଥିବା ଦିଗକୁ ଆଜିକାଲି ଉପେକ୍ଷା ହିଁ କରାଯାଉଛି । କେବଳ ସାଳନ୍ଦୀ କି ଭାର୍ଗବୀ ନୁହେଁ, ରାଜ୍ୟରେ ବିଭିନ୍ନ ଆକର୍ଷଣୀୟ ଜଳପ୍ରପାତ, ଝରଣା, ନଦୀ, ଟ୍ରେନ କିମ୍ବା ଟ୍ରେନଧାରଣାରେ ରିଲ୍ସ କରିବା ବହୁ ସମୟରେ ବିପଜ୍ଜନକ ସାଜୁଛି । ଏ ସଂପର୍କିତ ଖବର ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରଚାରିତ ତଥା ପ୍ରସାରିତ ହେଉଥିଲେ ହେଁ ପରବର୍ତ୍ତୀ ସମୟରେ ତାହାକୁ ଲୋକେ ଭୁଲି ଯାଉଛନ୍ତି । ଭୁଲି ଯାଉଛନ୍ତି ପ୍ରଶାସନ । ପୁଣି ପରବର୍ତ୍ତୀ ଘଟଣା ଘଟୁଛି । ଏକ ରିପୋର୍ଟ ଅନୁଯାୟୀ ବାଲକାଟୀ ନିକଟ ଭାର୍ଗବୀ ନଦୀର ସାଇଫନରେ ପାଣିର ସ୍ରୋତ ସାଙ୍ଗକୁ କୁଳୁକୁଳୁ ନାଦରେ ଆକର୍ଷିତ ହୋଇ ରିଲ୍ସ କରିବାକୁ ଆସୁଥିବା ଯୁବକଯୁବତୀଙ୍କ ଅସାବଧାନତା ହେତୁ ବହୁ ସମୟରେ ଅଘଟଣ ଘଟୁଛି ଅବା ଜୀବନ ଯାଉଛି ।

ଗତ ପାଞ୍ଚ ବର୍ଷ ମଧ୍ୟରେ କେବଳ ଆଲୋଚ୍ୟ ସ୍ଥାନରେ ଅତି କମ୍‌ରେ ୧୩ ଜଣଙ୍କ ଜୀବନ ଯାଇଥିଲେ ବି ନା ପ୍ରଶାସନ ପକ୍ଷରୁ ଏଠାରେ ଆବଶ୍ୟକ ସକ୍ରିୟତା ପ୍ରକାଶ ପାଇଛି ଅବା ଏଠାରେ ସ୍ଥାୟୀ ସତର୍କ ସୂଚନା ଫଳକ ଲଗାଯାଇଛି ଅଥବା ପୋଲିସ ପାଟ୍ରୋଲିଂ ଏଥିପ୍ରତି ନିୟମିତ ଭାବରେ ଧ୍ୟାନ ଦେଇଛି । ଏପରି ଅଭିଯୋଗ ହୋଇଆସୁଥିଲେ ହେଁ ସ୍ଥିତି ଯଥାପୂର୍ବଂ ତଥା ପରଂ ହୋଇରହିବା ଦୁର୍ଭାଗ୍ୟର ବିଷୟ । ସତର୍କତାର ସହ ଗାଧୋଇବାରେ ବାରଣ ନାହିଁ, ମାତ୍ର ବିପଜ୍ଜନକ ଭାବରେ ଯେଉଁମାନେ ରିଲ୍ସ କରୁଛନ୍ତି ସେହି ଅମାନିଆମାନଙ୍କ ଉପରେ ମୋଟ ଅଙ୍କର ଜରିମାନା ଆଦାୟ, ବାଇକ,ମୋବାଇଲ ଜବତ ଏଭଳି ଯଦି କଡ଼ାକଡ଼ି ଭାବରେ ରାଜ୍ୟସାରା କରାଯାଆନ୍ତା, ତେବେ ସେମାନେ ହୁଏତ ଡରନ୍ତେ । ଏ ଦିଗରେ ପ୍ରଶାସନ କେବେ ସକ୍ରିୟ ହେବ, ତାହାକୁ ହିଁ ଅପେକ୍ଷା ।

'ଅଟିଜିମ୍ ଓ ମାନବିକତା - ପ୍ରତିଟି ଜୀବନ ମୂଲ୍ୟବାନ'

ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ଅଟିଜିମ୍ କୌଣସି ରୋଗ ନୁହେଁ ବରଂ ଏହା ମାନସିକ ବିକାଶର ଏକ ଭିନ୍ନତା । ଏହାର ଶୀଘ୍ର ଚିହ୍ନଟ ହେଲେ ଆରୋଗ୍ୟ ଓ ଉପଶମର ସମ୍ଭାବନା ଯଥେଷ୍ଟ । ଅଟିଜିମକୁ ସାମ୍ନା କରୁଥିବା ପିଲାଟି ପ୍ରାୟତଃ ନିଜ ଭିତରେ ସବୁବେଳେ ନିଜକୁ ନିମଜ୍ଜିତ ରଖିଥାଏ । ପିଲାବେଳୁ ଏହାର ଲକ୍ଷଣ ଦେଖିବାକୁ ମିଳେ ଏବଂ ସାରା ଜୀବନ ଏହା ଜାରି ରହିଥାଏ । ତୃଣମୂଳ ସ୍ତରରେ ତ୍ୱରିତ୍ ଚିହ୍ନଟ ପାଇଁ ଆଶା କର୍ମୀ, ଅଙ୍ଗନବାଡ଼ି, ବିଦ୍ୟାଳୟର ଶିକ୍ଷକଙ୍କ ସହଯୋଗ ନେବା ଉଚିତ । ଅଟିଜିମ୍ ପ୍ରତିରୋଧ ପାଇଁ ଗର୍ଭାବସ୍ଥାରୁ ମାଆମାନେ ସଚେତନ ରୁହନ୍ତୁ । ସୁଷମ ଖାଦ୍ୟ ସହ ପର୍ଯ୍ୟାପ୍ତ ବିଶ୍ରାମ, ଫାଷ୍ଟଫୁଡ଼ ଓ ଅତ୍ୟଧିକ ମୋବାଇଲ ବ୍ୟବହାରରୁ ଦୂରେଇ ରୁହନ୍ତୁ । ବିଶ୍ୱ ପରିସଂଖ୍ୟାନର ଚିତ୍ର ସୂଚୀତ କରେ ଯେ ଅଟିଜିମ ଭୋଗୁଥିବା ପିଲାମାନଙ୍କ ସଂଖ୍ୟା ସାତ କୋଟିରୁ ଅଧିକ । କନ୍ୟାମାନଙ୍କ ତୁଳନାରେ ପୁତ୍ର ସନ୍ତାନ ଏହାକୁ ଭୋଗିବାର ଆଶଙ୍କା ଅଧିକ ରହିଥାଏ । ୨୦୦୭ ମସିହାରେ ମିଳିତ ଜାତିସଂଘ ସାଧାରଣ ପରିଷଦରେ ଅଟିଜିମ ନେଇ ସଚେତନତାର ଆବଶ୍ୟକତାକୁ ଅନୁଭବ କରି ଏହାକୁ ସାମ୍ନା କରୁଥିବା ପୀଡ଼ିତ ପିଲାମାନଙ୍କ ମାନବ ଅଧିକାର ହେଉ ବା ମୌଳିକ ସ୍ୱାଧୀନତା, ଅନ୍ୟମାନଙ୍କ ଠାରୁ ଭଲ ପାଇବା ହେଉ ବା ସମାଜରେ ଅଂଶ ଗ୍ରହଣର ସମାନ ଅଧିକାର ପ୍ରସଙ୍ଗ ଏହି ସବୁକୁ ଦେଖି ପ୍ରତିବର୍ଷ ଅପ୍ରେଲ ୨ରୁ ୯ ପର୍ଯ୍ୟନ୍ତ ବିଶ୍ୱ ଅଟିଜିମ ସଚେତନତା ଦିବସ ପାଳିତ ହେଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି - 'ଅଟିଜିମ୍ ଓ ମାନବିକତା - ପ୍ରତିଟି ଜୀବନ ମୂଲ୍ୟବାନ' ।

ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନର ସଦ୍ୟତମ ତଥ୍ୟ ଅନୁଯାୟୀ ପ୍ରତି ୩୧ଜଣ ଶିଶୁଙ୍କ ମଧ୍ୟରେ ଜଣେ ଅଟିଜିମ୍ ସ୍ପେକ୍ଟ୍ରମ ଡିଜଅର୍ଡ଼ର ପ୍ରଭାବିତ ବୋଲି ଜଣାପଡ଼ିଛି । ଦେଶରେ ପ୍ରାୟ ୧.୮ କୋଟି ଅଟିଜିମ ପ୍ରଭାବିତ ବୋଲି ତଥ୍ୟ କହୁଛି । ତେବେ ଜନ ସଚେତନତା ଅଭାବରୁ ଗ୍ରାମାଞ୍ଚଳରେ ଅନେକ ପ୍ରଭାବିତ ଶିଶୁ ଆଢୁଆଳରେ ରହି ଯାଉଛନ୍ତି । ସୂଚନା ଥାଉକି ରାଜ୍ୟରେ ସରକାରୀ ଅନୁଦାନ ପ୍ରାପ୍ତ ପଞ୍ଜୀକୃତ ୧୦୮ଟି ଥେରାପି ସେଣ୍ଟର ରହିଛି ଯେଉଁଠାରେ ଅଟିଜିମ୍ ପ୍ରଭାବିତ ପିଲାଙ୍କ ପାଇଁ ମାଗଣା ସେବା ଯୋଗାଇବାର ବ୍ୟବସ୍ଥା ରହିଛି । ସେହିପରି ରାଜ୍ୟରେ ତିନୋଟି ଯଥା: ଭୁବନେଶ୍ୱର, ଜଟଣୀ, ବ୍ରହ୍ମପୁରରେ ଏସଆଇଇପି ସେଣ୍ଟର ରହିଛି । ସେଠାରେ ଅଟିଜିମ ଆକ୍ରାନ୍ତଙ୍କୁ ଥେରାପି ଓ ସେମାନଙ୍କ ବାପା ମାଆଙ୍କୁ ସଚେତନ ଏବଂ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ରହିଛି ।

ଅଟିଜମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ । ସାଙ୍ଗସାଥୀମାନଙ୍କ ସହ ଖେଳବୁଲ ନ କରି ଏକା ରହିବାକୁ ଚାହିଁଥାଏ । କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ । ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ । ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ । ପ୍ରଥମରୁ ଚିକିତ୍ସା କଲେ ଏହା ଭଲ ହୋଇପାରିବ ନିଶ୍ଚୟ । ଅଟିଜିମ୍‌କୁ ସାମ୍ନା କରୁଥିବା ପିଲାଟି ପାଇଁ କେବଳ ଅଭିଭାବକ ନୁହେଁ ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ରହିଛି । ସେମାନଙ୍କ ନିତିଦିନିଆ ଜୀବନ ଶୈଳୀ ଓ ପାଠପଢ଼ା ବଡ଼ ଆହ୍ୱାନ ସୃଷ୍ଟି କରିଥାଏ । ଏ କ୍ଷେତ୍ରରେ ଶିଶୁ ରୋଗ ବିଶେଷଜ୍ଞ, ଅକୁପେସନାଲ ଥେରାପିଷ୍ଟ, ମନୋଚିକିତ୍ସକ ଓ ଡେଭଲପମେଣ୍ଟାଲ ପେଡିଆଟ୍ରିସିଆନଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ତେବେ ଅଟିଜିମ୍ ପୀଡ଼ିତ ପିଲାମାନଙ୍କୁ କେବଳ ଭଲ ପାଇବା ଦରକାର । ସେମାନଙ୍କ ଚଳଣି ବ୍ୟବହାର ଓ ଅଭିବ୍ୟକ୍ତି ଅଲଗା ହୋଇପାରେ କିନ୍ତୁ ସେମାନେ ଯେ ପାଗଳ ନୁହନ୍ତି ଏହାକୁ ବୁଝିବା ଉଚିତ ଏବଂ ସେମାନଙ୍କ ପ୍ରତି କୌଣସି ଭେଦଭାବ ନ କରି ଅନ୍ୟ ପିଲାମାନଙ୍କ ପରି ସମାନ ଦୃଷ୍ଟିରେ ଶ୍ରଦ୍ଧା ଆପଣାଇବାର ଅମୃତ ସ୍ପର୍ଶ ଦେଲେ ପିଲାଟି ନିତିଦିନିଆ ଜୀବନରେ କିଛିଟା ସ୍ୱାଭାବିକ ଆନନ୍ଦ ପାଇପାରିବ ।

ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,

ଇରାନ ଯୁଦ୍ଧ ଓ ହିଲିୟମ୍ ସଂକଟ

ଡା. ରାଜକିଶୋର ପଣ୍ଡା

"ସେମିକଣ୍ଡକ୍ଟର ଚିପ୍ ଶିଳ୍ପରେ କିନ୍ତୁ ବର୍ତ୍ତମାନ ହିଲିୟମର ଆବଶ୍ୟକତା ସବୁଠାରୁ ବେଶି ଅନୁଭୂତ ହେଉଅଛି । କାରଣ ହେଉଛି ଏହାର ଶୀତଳୀକରଣ ଗୁଣ ବା କ୍ରାୟୋଜେନିକ୍ ପ୍ରପର୍ଟି । କ୍ରାୟୋଜେନିକ ହେଉଛି ପଦାର୍ଥ ବିଦ୍ୟାର ଏକ ଶାଖା, ଯେଉଁଠାରେ ଅତି ନିମ୍ନ ତାପମାତ୍ରାର ସୃଷ୍ଟି ଏବଂ ଉପଯୋଗିତା ବିଷୟରେ ଗବେଷଣା କରାଯାଇଥାଏ । ସେମିକଣ୍ଡକ୍ଟର ଶିଳ୍ପରେ ଅତ୍ୟଧିକ ତାପମାତ୍ରାର ସୃଷ୍ଟିକୁ ପ୍ରତିରୋଧ କରିବାରେ ହିଲିୟମର କ୍ରାୟୋଜେନିକ୍ ଗୁଣ ସହଯୋଗ କରିଥାଏ । ସେହିପରି ଯେହେତୁ ଏହା ଏକ ନିଷ୍କ୍ରିୟ ଗ୍ୟାସ୍ ତେଣୁ ଚିପ୍ ନିର୍ମାଣ ପ୍ରକ୍ରିୟାରେ ଏକ ସୁରକ୍ଷାତ୍ମକ ଓ ଅଣପ୍ରତିକ୍ରିୟାଶୀଳ ପରିବେଶ ମଧ୍ୟ ଯୋଗାଇ ଦେଇଥାଏ । ହିଲିୟମର ଆକାର ଅତି ଛୋଟ ଥିବାରୁ ସେମିକଣ୍ଡକ୍ଟରର ନିର୍ମାଣରେ କୌଣସି ଛିଦ୍ରର ଚିହ୍ନଟ ସକାଶେ ମଧ୍ୟ ଏହାକୁ ବ୍ୟବହାର କରାଯାଇଥାଏ । ଚିପ୍ ନିର୍ମାଣରେ ହିଲିୟମର ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ଏହାର ଅଭାବରେ ସେମିକଣ୍ଡକ୍ଟର ଶିଳ୍ପ ବର୍ତ୍ତମାନ ସ୍ଥାଣୁ ପାଲଟିଯିବା ଆଶଙ୍କା ସୃଷ୍ଟି ହେଲାଣି ।"

ଫେବୃୟାରୀ ଅଠେଇଶି ତାରିଖରେ ଇରାନ ଯୁଦ୍ଧ ଓ ତତ୍‌ଜନିତ ମଧ୍ୟପ୍ରାଚ୍ୟ ସଙ୍କଟ ଆରମ୍ଭ ହେବା ପରଠାରୁ ତୈଳ ଏବଂ ଗ୍ୟାସ୍‌ର ଅଭାବ ସମଗ୍ର ବିଶ୍ୱରେ ଏକ ବଡ଼ ଖବର ପାଲଟିଛି । ଏହି ପ୍ରସଙ୍ଗକୁ ନେଇ ସବୁଠାରୁ ବଡ଼ ଅଭିଯୋଗ ଆସୁଛି ସାଧାରଣ ଗ୍ରାହକମାନଙ୍କ ଠାରୁ । କିନ୍ତୁ ଏ ମଧ୍ୟରେ ବୈଶ୍ୱିକ ଶକ୍ତି ଯୋଗାଣ କ୍ଷେତ୍ରରେ ଆଉ ଗୋଟିଏ ଗମ୍ଭୀର ସମସ୍ୟା ମଧ୍ୟ ମୁଣ୍ଡ ଟେକିଛି । ଏହା ହେଉଛି ହିଲିୟମ ଗ୍ୟାସ୍‌ର ଅଭାବଜନିତ ସଂକଟ । ଏହା ବ୍ୟବହୃତ ହୋଇଥାଏ ସେମିକଣ୍ଡକ୍ଟରର ନିର୍ମାଣରେ ଓ ଏମ.ଆର.ଆଇ.ର ସଞ୍ଚାଳନରେ । ସେମିକଣ୍ଡକ୍ଟର କହିଲେ ଆମେ ସରଳ ଭାବରେ ବୁଝିବା ଛୋଟ ଛୋଟ ଚିପ୍ ସମୂହକୁ, ଯାହା ବ୍ୟବହୃତ ହୋଇଥାଏ ବୈଦ୍ୟୁତିକ ଯାନବାହନ ଠାରୁ ସ୍ମାର୍ଟଫୋନ୍ ପର୍ଯ୍ୟନ୍ତ ନିର୍ମାଣ ପ୍ରକ୍ରିୟାରେ । ଏହା ସହିତ ହିଲିୟମର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଓ ନିଦାନ ସମ୍ପର୍କିତ ବ୍ୟବହାର ହେଉଛି ଏମ୍.ଆର.ଆଇ. ସ୍କାନ୍‌ରେ ଏହାର ବହୁଳ ଆବଶ୍ୟକତା । ମଣିଷ ଶରୀରରେ କର୍କଟ ରୋଗ, ହୃଦ୍‌ରୋଗ, ମସ୍ତିଷ୍କାଘାତ, ସ୍ନାୟୁରୋଗ ଓ ଅସ୍ଥିରୋଗର ଚିହ୍ନଟ ପାଇଁ ଏମ୍.ଆର.ଆଇ. ର ବ୍ୟବହାର କରାଯାଇଥାଏ । ତେଣୁ କହିବା ବାହୁଲ୍ୟ ଉପରୋକ୍ତ ଗ୍ୟାସ୍‌ଟିର ଅଭାବରୁ ବୈଦ୍ୟୁତିକ ଯନ୍ତ୍ରପାତିର ନିର୍ମାଣ ଓ ଜଟିଳ ରୋଗର ଚିହ୍ନଟ ବ୍ୟବସ୍ଥା ଅନ୍ଧକାରମୟ ହୋଇଯିବ । ପ୍ରବନ୍ଧଟିରେ ଆଗକୁ ଯିବା ପୂର୍ବରୁ "ହିଲିୟମ୍" ଗ୍ୟାସ ବିଷୟରେ ପାଠକମାନେ କିଛି ସାଧାରଣ ସୂଚନା ପାଇବା ନିତାନ୍ତ ଆବଶ୍ୟକ ।

୧୮୬୮ ମସିହାରେ ଏହି ଗ୍ୟାସଟି ଆବିଷ୍କୃତ ହୋଇଥିଲା, ଏକ ପରାଗ ସମୟରେ, ସୂର୍ଯ୍ୟାଲୋକର ପରୀକ୍ଷଣ ଦ୍ୱାରା । ଏହାର ଆବିଷ୍କର୍ତ୍ତା ଥିଲେ ଜର୍ଜ ରାୟେଟ୍, ସି.ଟି. ହେଗ୍, ନର୍ମାନ ପଗ୍‌ସନ ଓ ଜନ୍ ହରଶେଲ୍ ପ୍ରଭୃତି ବୈଜ୍ଞାନିକଗଣ । ହିଲିୟମ୍ ଶବ୍ଦଟି ରୋମାନ ଶବ୍ଦ "ହେଲିଓସ୍" ରୁ ଆସିଅଛି, ଯାହାର ଅର୍ଥ "ସୂର୍ଯ୍ୟ" । ଏହାର ସାଙ୍କେତିକ ଚିହ୍ନ ରସାୟନ ବିଦ୍ୟାରେ ହେଉଛି "ଐର" ଓ ପରମାଣୁ କ୍ରମାଙ୍କ "ଦୁଇ" ଅଟେ । ଏହା ରଙ୍ଗହୀନ, ଗନ୍ଧହୀନ, ବିଷହୀନ, ନିଷ୍କ୍ରିୟ ଓ ମନୋଆଟୋମିକ୍ ଗ୍ୟାସ୍ ଅଟେ । ଏହା ମଧ୍ୟ ରସାୟନ ଶାସ୍ତ୍ରରେ ବ୍ୟାପକ ଭାବରେ ବ୍ୟବହୃତ ହେଉଥିବା ପେରିଓଡିକ୍ ଟେବୁଲ୍‌ର ନୋବେଲ୍ ଗ୍ୟାସ୍ ବର୍ଗର ପ୍ରଥମ ସଦସ୍ୟ ଅଟେ । ମନୋଆଟୋମିକ୍‌ର ଅର୍ଥ ହେଉଛି ଏହାର ପରମାଣୁଗୁଡ଼ିକ ପରସ୍ପର ସହିତ କୌଣସି ବନ୍ଧନ ସୃଷ୍ଟି କରନ୍ତି ନାହିଁ । ସମସ୍ତ ନୋବେଲ୍ ବର୍ଗର ଗ୍ୟାସ୍ ଏହି ମନୋଆଟୋମିକ୍ ପର୍ଯ୍ୟାୟଭୁକ୍ତ ଅଟନ୍ତି ।

ଯେହେତୁ ହିଲିୟମ ରଙ୍ଗହୀନ, ଗନ୍ଧହୀନ ଏବଂ ଓଜନରେ ହାଲୁକା ଦୃଷ୍ଟିରୁ ଦ୍ୱିତୀୟ, ଏହାର ବହୁତ ପ୍ରୟୋଗ ରହିଆସିଛି । ସେଗୁଡ଼ିକ ହେଉଛି ଏମ.ଆର.ଆଇ, ଅପ୍ଟିକାଲ୍ ଫାଇବରର ନିର୍ମାଣ, ୱେଲଡିଙ୍ଗ୍, କୌଣସି ବ୍ୟବସ୍ଥାରେ ଛିଦ୍ରର ଚିହ୍ନଟ ଏବଂ ଉତ୍ସବାଦୀରେ ବ୍ୟବହୃତ ହେଉଥିବା ବେଲୁନର ପ୍ରସ୍ତୁତି ଇତ୍ୟାଦି । ସେମିକଣ୍ଡକ୍ଟର ଚିପ୍ ଶିଳ୍ପରେ କିନ୍ତୁ ବର୍ତ୍ତମାନ ହିଲିୟମର ଆବଶ୍ୟକତା ସବୁଠାରୁ ବେଶି ଅନୁଭୂତ ହେଉଅଛି । କାରଣ ହେଉଛି ଏହାର ଶୀତଳୀକରଣ ଗୁଣ ବା କ୍ରାୟୋଜେନିକ୍ ପ୍ରପର୍ଟି । କ୍ରାୟୋଜେନିକ ହେଉଛି ପଦାର୍ଥ ବିଦ୍ୟାର ଏକ ଶାଖା, ଯେଉଁଠାରେ ଅତି ନିମ୍ନ ତାପମାତ୍ରାର ସୃଷ୍ଟି ଏବଂ ଉପଯୋଗିତା ବିଷୟରେ ଗବେଷଣା କରାଯାଇଥାଏ । ସେମିକଣ୍ଡକ୍ଟର ଶିଳ୍ପରେ ଅତ୍ୟଧିକ ତାପମାତ୍ରାର ସୃଷ୍ଟିକୁ ପ୍ରତିରୋଧ କରିବାରେ ହିଲିୟମର କ୍ରାୟୋଜେନିକ୍ ଗୁଣ ସହଯୋଗ କରିଥାଏ । ସେହିପରି ଯେହେତୁ ଏହା ଏକ ନିଷ୍କ୍ରିୟ ଗ୍ୟାସ୍ ତେଣୁ ଚିପ୍ ନିର୍ମାଣ ପ୍ରକ୍ରିୟାରେ ଏକ ସୁରକ୍ଷାତ୍ମକ ଓ ଅଣପ୍ରତିକ୍ରିୟାଶୀଳ ପରିବେଶ ମଧ୍ୟ ଯୋଗାଇ ଦେଇଥାଏ । ହିଲିୟମର ଆକାର ଅତି ଛୋଟ ଥିବାରୁ ସେମିକଣ୍ଡକ୍ଟରର ନିର୍ମାଣରେ କୌଣସି ଛିଦ୍ରର ଚିହ୍ନଟ ସକାଶେ ମଧ୍ୟ ଏହାକୁ ବ୍ୟବହାର କରାଯାଇଥାଏ । ଚିପ୍ ନିର୍ମାଣରେ ହିଲିୟମର ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ଏହାର ଅଭାବରେ ସେମିକଣ୍ଡକ୍ଟର ଶିଳ୍ପ ବର୍ତ୍ତମାନ ସ୍ଥାଣୁ ପାଲଟିଯିବାର ଆଶଙ୍କା ସୃଷ୍ଟି ହେଲାଣି ।

ଏବେ ନଜର ପକାଇବା ହିଲିୟମର ଉତ୍ପାଦନ ଉପରେ । ଯଦିଓ ପ୍ରାକୃତିକ ଭାବରେ ଏହା ବାୟୁମଣ୍ଡଳରେ ବିଦ୍ୟମାନ ଅଛି, ଔଦ୍ୟୋଗିକ ବା ବ୍ୟାବହାରିକ ଭାବରେ ଏହା କିନ୍ତୁ ଆସିଥାଏ, ପ୍ରାକୃତିକ ଗ୍ୟାସର ଖଣିରୁ ଏବଂ ଲିକ୍ୟୁଇଫାଇଡ୍ ନାଚୁରାଲ୍ ଗ୍ୟାସ (ଏଲ.ଏନ.ଜି)ର ଉତ୍ତୋଳନ ପ୍ରକ୍ରିୟାର ଗୋଟିଏ ଉପଜାତ ଦ୍ରବ୍ୟ ହିଁ ହେଉଛି ଏହି ହିଲିୟମ୍ ।

ସୂଚନାଯୋଗ୍ୟ ହିଲିୟମ୍‌ର ଉତ୍ପାଦନ ଏକ ଅତ୍ୟନ୍ତ ଲାଭଜନକ ବ୍ୟବସାୟ ଅଟେ । ୨୦୨୬ ଜାନୁୟାରୀ ମାସରେ ଆମେରିକାର ଜିଓଲୋଜିକାଲ୍ ସର୍ଭେ ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସମଗ୍ର ବିଶ୍ୱରେ ଭୂତଳ ସ୍ତରରେ ପ୍ରାୟ ଏକତିରିଶି ବିଲିଅନ କ୍ୟୁବିକ୍ ମିଟର ଉତ୍ତୋଳନ ଯୋଗ୍ୟ ହିଲିୟମ୍ ଗଚ୍ଛିତ ଅଛି । ଏଥି ମଧ୍ୟରୁ ଯୁକ୍ତରାଷ୍ଟ୍ରରେ ୮.୪୯ ବିଲିଅନ କ୍ୟୁବିକ୍ ମିଟର, ଆଲ୍‌ଜେରିଆରେ ୮.୨, ରୁଷିଆରେ ୬.୮ ଏବଂ କ୍ଷୁଦ୍ର କାତାରରେ ଅଛି ୧୦.୧ ବିଲିଅନ କ୍ୟୁବିକ୍ ମିଟର ଯାହାକି ବିଶ୍ୱରେ ସର୍ବାଧିକ ।

ଗତବର୍ଷ ସମଗ୍ର ବିଶ୍ୱରେ ଥିଲା ହିଲିୟମର ଏକ-ତୃତୀୟାଂଶରୁ ଅଧିକ କାତାରରୁ ହିଁ ଉତ୍ପାଦିତ ହୋଇଥିଲା । ଏବେ ପରିବର୍ତ୍ତିତ ପରିସ୍ଥିତିରେ ୟୁକ୍ରେନ ଯୁଦ୍ଧ ଯୋଗୁଁ ରୁଷିଆର ହିଲିୟମ୍ ଉପରେ କଟକଣା ଲଗାଇଛି ୟୁରୋପୀୟ ସଂଘ ଏବଂ ଇରାନ୍ ଉପରେ ଆକ୍ରମଣ ପରେ କାତାର ମଧ୍ୟ ଏଲ.ଏନ.ଜି ର ଉତ୍ପାଦନକୁ ସ୍ଥଗିତ ରଖିଛି, ଯାହାକି ବାଟ କଢ଼ାଇ ନେଉଛି ହିଲିୟମର ସମ୍ଭାବ୍ୟ ଅଭାବକୁ ।

ଆହୁରି ଏହି ଅଭାବର ଅନ୍ୟ ଏକ ମୁଖ୍ୟ କାରଣ ହେଉଛି ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନର ଅବରୋଧ କରିବା, ଯେଉଁଥିରେ ସମଗ୍ର ବିଶ୍ୱର ଏକ-ତୃତୀୟାଂଶ ହିଲିୟମ ଜାହାଜ ମାଧ୍ୟମରେ କାତାରରୁ ରପ୍ତାନି ହୋଇଥାଏ । ହିଲିୟମର ପରିଚାଳନାଗତ ବ୍ୟାପାର ମଧ୍ୟ ଜଟିଳ । ଏହାର ଅଧିକାଂଶ ଭାଗକୁ ଅତ୍ୟନ୍ତ ନିମ୍ନ ତାପମାତ୍ରାରେ ତରଳ ପଦାର୍ଥ ଆକାରରେ ନେବା ଆଣିବା କରାଯାଇଥାଏ । ବାକି କିଛି ଅଂଶକୁ ସଙ୍କୁଚିତ ଗ୍ୟାସ ମାଧ୍ୟମରେ ପରିବହନ କରାଯାଇଥାଏ । ଗ୍ୟାସ ହିସାବରେ ଏହାକୁ ଦୀର୍ଘଦିନ ପର୍ଯ୍ୟନ୍ତ ଗଚ୍ଛିତ କରି ରଖାଯାଇପାରେ, କିନ୍ତୁ ଏ ମାଧ୍ୟମଟି ସୀମିତ । ସେହିପରି ମଧ୍ୟ ସୀମିତ ଅଟେ ଏହାକୁ ତରଳ ପଦାର୍ଥ ଆକାରରେ ଗଚ୍ଛିତ କରିବାର ବ୍ୟବସ୍ଥା, ଯାହାକି ମୁଖ୍ୟତଃ ଟ୍ୟାଙ୍କ୍ ଆଧାରିତ । କାତାରରୁ ଏସିଆ ଓ ଇଉରୋପକୁ ହିଲିୟମ ଆସିବା ପାଇଁ କେତେ ସପ୍ତାହ ଲାଗିଯାଇଥାଏ । ଯଦିଓ ଏବେ ନିର୍ମାତାମାନଙ୍କ ପାଖରେ ଭବିଷ୍ୟତ ବ୍ୟବହାର ସକାଶେ ହିଲିୟମ ଗଚ୍ଛିତ ଆକାରରେ ଅଛି, ଯୁଦ୍ଧ ଯୋଗୁଁ ହର୍ମୁଜ୍ ଜଳପଥକୁ କ୍ରମାଗତ ଭାବରେ ଅବରୋଧ କରାଗଲେ, ନୂତନ ହିଲିୟମ ନ ଆସିପାରିବାର ଓ ଏହାର ମୂଲ୍ୟରେ ବୃଦ୍ଧି ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି ।

ସେମିକଣ୍ଡକ୍ଟର ଇଣ୍ଡଷ୍ଟ୍ରି ଆସୋସିଏସନ୍ ତରଫରୁ ଅବଗତ କରାଯାଇଛି ଯେ, ବିଗତ ୨୦୨୫ରେ ବିଶ୍ୱରେ ସେମିକଣ୍ଡକ୍ଟରର ବ୍ୟବସାୟ ପ୍ରାୟ ୭୯୧ ବିଲିଅନ ଡଲାରକୁ ଛୁଇଁଥିଲା, ଯାହାକି ୨୦୨୪ଠାରୁ ପଚିଶ ପ୍ରତିଶତ ଅଧିକ । ଏହି ବୃଦ୍ଧି ସହିତ ହିଲିୟମ୍‌ର ଯୋଗାଣ ଓ ଆବଶ୍ୟକତାର ଏକ ପ୍ରତ୍ୟକ୍ଷ ସମ୍ପର୍କ ରହିଆସିଛି । ଆଉ ଗୋଟିଏ ଚିନ୍ତାଜନକ ତଥ୍ୟ ହେଉଛି, ସେମିକଣ୍ଡକ୍ଟରର ନିର୍ମାଣରେ ଏକ ସ୍ୱତନ୍ତ୍ର ପ୍ରକାରର ହିଲିୟମର ଆବଶ୍ୟକତା ହୋଇଥାଏ । ଏହା ହେଉଛି ଗ୍ରେଡ୍- ୫.୫, ଯାହାକି ୯୯.୯୯୫ ପ୍ରତିଶତରୁ ଅଧିକ ସ୍ୱଚ୍ଛ ଏବଂ ପରିଷ୍କୃତ । ଏହି ହିଲିୟମଟି ମୁଖ୍ୟତଃ ଆସିଥାଏ ଋଷିଆ ଓ ମଧ୍ୟପ୍ରାଚ୍ୟରୁ ଏବଂ ଉଭୟେ ବର୍ତ୍ତମାନ ଯୁଦ୍ଧଗ୍ରସ୍ତ । ପ୍ରବନ୍ଧର ଶେଷ ଭାଗରେ ଆମେ ହିଲିୟମର ଏମ୍.ଆର.ଆଇ ରେ ଆବଶ୍ୟକତା ବିଷୟରେ ଆଲୋଚନା କରିବା । ଏମ୍.ଆର.ଆଇ ର ପୂରାନାମ ହେଉଛି - "ମ୍ୟାଗ୍ନେଟିକ୍ ରିଜୋନାନ୍ସ ଇମେଜିଙ୍ଗ୍" । ଏଥିରେ ଚୁମ୍ବକୀୟ ପରିବହନ ବ୍ୟବସ୍ଥାକୁ ଶୀତଳୀକରଣ କରିବା, ଚୁମ୍ବକୀୟ କ୍ଷେତ୍ରରେ ସ୍ଥିରତା ବଜାୟ ରଖିବା ଓ ମେସିନଟିକୁ ଅଚଳ ହେବାରୁ ସୁରକ୍ଷା ଦେବାରେ ହିଲିୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ହିଲିୟମକୁ ଏମ୍.ଆର.ଆଇ ବ୍ୟବସ୍ଥାର ମେରୁଦଣ୍ଡ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ । ତେଣୁ ଏହାର ଅଭାବରେ ଅତି ମହତ୍ତ୍ୱପୂର୍ଣ୍ଣ ରୋଗ ନିଦାନ ବ୍ୟବସ୍ଥା ପଙ୍ଗୁ ପାଲଟିଯିବା ସହିତ ଜନସ୍ୱାସ୍ଥ୍ୟ ବିଶେଷ ପରିମାଣରେ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି । ଯଦିଓ ବିଶ୍ୱସ୍ତରରେ ହିଲିୟମର ରିସାଇକ୍ଲିଂ ପ୍ରକ୍ରିୟା ଏହା ମଧ୍ୟରେ ଆରମ୍ଭ କରାଯାଇଛି, ଏହା କିନ୍ତୁ ଏବେ ପ୍ରାଥମିକ ପର୍ଯ୍ୟାୟରେ ରହିଛି ।

ଓଡ଼ିଶା ସ୍ୱାସ୍ଥ୍ୟ ସେବା
ମୋ- ୮୧୪୪୦୪୨୯୯୭

ଉପହାର ସାମାଜିକ ସମ୍ପର୍କର ମାପକାଠି କି ?

ଡ. ମନୋଜ କୁମାର ମହାନ୍ତି

"ସାମାଜିକ ଦୃଷ୍ଟିକୋଣରୁ ଅର୍ଥ ଉପହାର ଏକ ସହଯୋଗ । ବନ୍ଧୁଘରକୁ କେବେ ବୁଲିବାକୁ ଗଲେ କିଛି ନହେଲେ ମିଠାଧରି ଯିବାକୁ ହୁଏ । ବିନା ମିଠାରେ ସମ୍ପର୍କ ପାଣିଚିଆ । ଆଗରେ ନ ହେଲେ ପଛରେ କଥା ହେବେ କିଛି ଆଣିନଥିଲେ, ଖାଲି ହାତରେ କେମିତି ଆସୁଛନ୍ତି ? ଛୁଆପିଲା ଘର । ଏକଥା ମୁଁ ଲୋକମାନଙ୍କ ମୁହଁରେ ପ୍ରାୟ ଶୁଣିବାକୁ ପାଏ । ଫେରିବାବେଳେ ପୁଣି ମୁନାମୁନିଙ୍କ ହାତରେ ଟଙ୍କାପଇସା ଦେଇ ଆସିବାକୁ ପଡ଼େ । ପର୍ବପର୍ବାଣିରେ ପୋଷାକପତ୍ର ଦିଆନିଆ ଏକପ୍ରକାର ସାମାଜିକ ରୀତିନୀତି । ଭୋଜିଭାତରେ କୌଣସି କାରଣରୁ ବନ୍ଧୁଘରକୁ ଯାଇ ନ ପାରିଲେ ଶାଢି ଟଙ୍କା ନଚେତ୍ କିଛି ଆଭୂଷଣ ବନ୍ଧୁବେଭାର ହିସାବରେ ପଠାଯାଏ, ନଚେତ୍ ବନ୍ଧୁ କଟିଯାଏ । ସବୁ ସମ୍ପର୍କ ପଛରେ ଅର୍ଥ ହେଉ କି ଜିନିଷ ଏକ ଉପହାର ସଦୃଶ । ଉପହାର ଏକ ଆକର୍ଷଣ ଯାହା ଅଧିକାଂଶ ସମ୍ପର୍କକୁ ଯୋଡ଼େ, ମଜଭୁତ କରେ, କିନ୍ତୁ ତାର ବ୍ୟତିକ୍ରମରେ ସମ୍ପର୍କ ଭାଙ୍ଗେ । ଏହା ଏକ ନିରାଟ ସତ୍ୟ ।"

ଜଙ୍ଗଲ ଓ ନଦୀକୂଳରୁ ଜୀବନ ବିକଶିତ ହୋଇ ସାମାଜିକ ସାଂସାରିକ ମାୟାର ବନ୍ଧନରେ ବାନ୍ଧି ମଣିଷ ନିଜକୁ ସାମାଜିକ ପ୍ରାଣୀର ପରିଚୟ ଦେଇଛି । ସମାଜ ଏକ ସୁନ୍ଦର ପରିକଳ୍ପନା ଓ ଅନୁଷ୍ଠାନ । ସମାଜ ବିନା ମଣିଷର ପରିଚୟ କାହିଁ । ବାସ୍ତବରେ ସମାଜ ହିଁ ମଣିଷ ପାଇଁ ସବୁକିଛି । ମାନସମ୍ମାନ-ଅପବାଦ, ପ୍ରେମ-ଘୃଣା, ସହନଶୀଳତା-ତ୍ୟାଗ, ହିଂସା-ପ୍ରତିବାଦ ଏବଂ ଆନ୍ତରିକତା ଏ ସମସ୍ତ ସାମାଜିକ ଚଳଣିର ପରିଭାଷା ।

ସମାଜ ଓ ସାମାଜିକ ସମ୍ପର୍କ ପ୍ରତ୍ୟେକ ମଣିଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହା ବ୍ୟକ୍ତିଗତ, ପାରିବାରିକ, ବୃତ୍ତିଗତ ସହ ସାମୂହିକ ସମ୍ପର୍କ ମାଧ୍ୟମରେ ପ୍ରତିଫଳିତ ହୋଇଥାଏ । ସାମାଜିକ ସମ୍ପର୍କ ବିନା ବ୍ୟକ୍ତିର ଅସ୍ତିତ୍ୱ ଥାଇପାରେ, କିନ୍ତୁ ବ୍ୟକ୍ତିତ୍ୱର ପରିଚୟ ଦେଖିବାକୁ ମିଳେନାହିଁ । ସମାଜ ମାଧ୍ୟମରେ ବ୍ୟକ୍ତିତ୍ୱ ଝଲସେ ଓ ପରିପ୍ରକାଶିତ ହୁଏ । ସାମାଜିକ ସମ୍ପର୍କରୁ ବ୍ୟକ୍ତିତ୍ୱ ସୃଷ୍ଟି ହୁଏ ଓ ତାର ପରିବ୍ୟାପ୍ତ ମଧ୍ୟ ହୁଏ ।

ବ୍ୟକ୍ତି ଓ ବ୍ୟକ୍ତି ମଧ୍ୟରେ ଗଢ଼ିଉଠିଥିବା ସମ୍ପର୍କକୁ ସାମାଜିକ ସମ୍ପର୍କର ଆଖ୍ୟା ଦିଆଯାଏ । ସାମାଜିକ ସମ୍ପର୍କର ଅସ୍ତିତ୍ୱ ବ୍ୟକ୍ତିକୈନ୍ଦ୍ରିକ ଯାହା ବ୍ୟକ୍ତି ନିର୍ଦ୍ଧାରଣ କରେ । ସେ କାହା ସହ ମିଶିବ ଓ ତା ଭାବନାକୁ ପ୍ରକାଶ କରିବ ତାହା ବ୍ୟକ୍ତି ଉପରେ ନିର୍ଭରଶୀଳ । ନିଜକୁ ମଣିଷଜାତିର ପରିଚୟ ଦେଉଥିବା ବ୍ୟକ୍ତି କେବେକେବେ ନିଜକୁ ଅନ୍ୟଠାରୁ ସ୍ୱତନ୍ତ୍ର, ଶ୍ରେଷ୍ଠ ଶକ୍ତିଶାଳୀ, ବିଚକ୍ଷଣ, କୌଶଳସମ୍ପନ୍ନ, ଚତୁର ଏବଂ ବିଜ୍ଞ ଅନୁଭବ କରେ । ସାମାଜିକ ସମ୍ପର୍କ ମାଧ୍ୟମରେ ବ୍ୟକ୍ତି ନିଜକୁ ଦକ୍ଷ, ସର୍ବଜ୍ଞ ଓ ଗୁଣୀରୂପେ ପରିଚୟ ସହ ସମ୍ପର୍କରେ ନିବିଡ଼ତା, ଅହଙ୍କାର, କୃପଣତା, ଶଠତା,ଦାନୀ ଓ ମାନୀର ପରିଚୟ ସୃଷ୍ଟି କରିଥାଏ । ସମାଜ ଦ୍ୱାରା ମଣିଷର ସ୍ୱଭାବ ତଥା ବ୍ୟକ୍ତିତ୍ୱ ମାପ କରାଯାଏ । ବ୍ୟକ୍ତିର ପ୍ରକୃତି, ଚରିତ୍ର ତଥା ସ୍ୱଭାବ ଚିତ୍ରଣ କେବଳ ସାମାଜିକ ସମ୍ପର୍କ ମାଧ୍ୟମରେ ପ୍ରତିଫଳିତ ହୁଏ । ଭାବର ଆଦାନ ଓ ପ୍ରଦାନରେ ସାମାଜିକ ବ୍ୟବସ୍ଥା ନିହିତ ।

ପାର୍ଥିବ ଶରୀର ଓ ପାର୍ଥିବ ଦୁନିଆରେ ସାମାଜିକ ଓ ସାଂସାରିକ ସମ୍ପର୍କ ହିଁ ଶ୍ରେଷ୍ଠ ସମ୍ପର୍କ । ବସ୍ତୁବାଦୀ ଦୁନିଆର ବସ୍ତୁ ହିଁ ସର୍ବସ୍ୱ । ଅଧିକାଂଶ ସମ୍ପର୍କ ବସ୍ତୁଗତ । ବସ୍ତୁର ଆଦାନପ୍ରଦାନରେ ତଥା ଗ୍ରହଣରେ ହିଁ ସାମାଜିକ ସମ୍ପର୍କ ନ୍ୟସ୍ତ । ଏଠି ହସ ଏବଂ ଲୁହ ସବୁକିଛି ବସ୍ତୁ ସହ ଜଡ଼ିତ । ବସ୍ତୁର ଉପସ୍ଥିତି ଓ ଅନୁପସ୍ଥିତି ଅନେକ କ୍ଷେତ୍ରରେ ସୁଖ, ଶାନ୍ତି, ଆନନ୍ଦ ଓ ଉତ୍ସବମୟ ପାଇଁ ସମ୍ପୂର୍ଣ୍ଣଦାୟୀ । ସେ ଖାଦ୍ୟ ହେଉ କି ବସ୍ତ୍ର, ବାସଗୃହ ହେଉକି ପରିବେଶ । ଶାରୀରିକ ଓ ମାନସିକ ଆନନ୍ଦ ସଂସାରର ବସ୍ତୁଭିତ୍ତିକ । ଦିଆନିଆର ସଂସାର । ପ୍ରେମରୁ ପ୍ରେମ ଉତ୍ପତ୍ତି ହୁଏ । ଯେମିତି ସମ୍ମାନ ଓ ଶ୍ରଦ୍ଧା କଲେ ପୁନଶ୍ଚ ତାହା ମିଳେ । ସାମାଜିକ ସମ୍ପର୍କ ଦେବାନେବାରେ ପ୍ରତିଷ୍ଠିତ । କାରଣ ମଣିଷ ସମାଜର ଅଧିକାଂଶ କର୍ମ ସର୍ତ୍ତମୂଳକ ତଥା ଉଦ୍ଦେଶ୍ୟପୂର୍ଣ୍ଣ । ପ୍ରତ୍ୟେକ ବ୍ୟକ୍ତିର ତାହା ଏକ ସାମାଜିକ ଚଳଣି । ଉଦ୍ଦେଶ୍ୟହୀନ ତଥା ସର୍ତ୍ତବିହୀନ ସାମାଜିକ ଚଳନୀର କିଛି ମାନେନାହିଁ ।

ସମାଜରେ ବସବାସ କରୁଥିବା ବ୍ୟକ୍ତି ମଧ୍ୟରେ ସାମାଜିକ କାର୍ଯ୍ୟକ୍ରମ ଯଥା: ଘର ପ୍ରତିଷ୍ଠା, ଜନ୍ମଦିନ, ଏକୋଇଶା ବ୍ରତଘର, ବାହାଘର, ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଆମ ସାମାଜିକ ଜୀବନ ସହ ସଂଶ୍ଳିଷ୍ଟ । ଏ ସମସ୍ତ ସାମାଜିକ କାର୍ଯ୍ୟକ୍ରମରେ ସଂପର୍କୀୟ ତଥା ପରିଚିତ ବ୍ୟକ୍ତିଙ୍କୁ ନିମନ୍ତ୍ରଣ ସହ ସେମାନଙ୍କର ଉପସ୍ଥିତିକୁ ଆମେ ସର୍ବଦା ଅନୁଭବ କରନ୍ତି । ସେମାନଙ୍କ ଉପସ୍ଥିତ ଓ ସହଯୋଗ ଆମ ପାଇଁ ଏକ ଶକ୍ତି ଓ ସାହସ । ନିମନ୍ତ୍ରଣ ପାଇଥିବା ଲୋକଟି କୌଣସି କାର୍ଯ୍ୟକ୍ରମରେ ନିଜକୁ ଯୋଡ଼ିବା ପୂର୍ବରୁ ପ୍ରଥମେ ଚିନ୍ତାକରେ ମୋତେ ଉପହାରରେ କ'ଣ ଦେବାକୁ ହେବ । ଖାଲି ହାତରେ କୌଣସି କାର୍ଯ୍ୟକ୍ରମକୁ ସାମିଲ ହେବା ମଣିଷର ପରିକଳ୍ପନା ବାହାରେ । ଉପହାର ପ୍ରଦାନ ଓ ଗ୍ରହଣ ଏକ ମାନସିକ ଅବସ୍ଥା ଓ ସାମାଜିକ ବ୍ୟବସ୍ଥା । ଲୋକ ଚଳଣି ପ୍ରସଙ୍ଗରେ ଭିନ୍ନ ଭିନ୍ନ ସାମାଜିକ କାର୍ଯ୍ୟକ୍ରମକୁ ନେଇ ଆଲୋଚନା କରନ୍ତି, ଯେମିତିକି ବାହାଘର କାର୍ଯ୍ୟକ୍ରମରେ ପଚରାଉଚରା କରନ୍ତି; ତୋ ପୁଅ ବାହା କଲୁ କଣ ସବୁ ପାଇଲୁ, କେତେ ଯୌତୁକ ଆଣିଲୁ । ବାହାଘରକୁ କିଏ ଆସିଥିଲେ ଓ କ'ଣ ବେଭାର ଦେଲେ ? ବୋହୂକୁ ମୁହଁଦେଖା କିଏ କଣ ସବୁ ଦେଲେ । ଏସବୁ ପରିବାର, ସଂପର୍କୀୟ ତଥା ସାହିପଡ଼ିଶାଙ୍କ ବାର୍ତ୍ତାଳାପ । ଜ୍ୱାଇଁପୁଅକୁ ପଖାଳଖିଆରେ କଣ ଦେଲ ?

ଆରମ୍ଭ କରିବା ମଣିଷର ଜନ୍ମରୁ । ଜନ୍ମ ଏକୋଇଶା ଓ ଜନ୍ମଦିନ ଏକ ସାମାଜିକ ବ୍ୟବସ୍ଥା । ସନ୍ତାନପ୍ରାପ୍ତିର ଆଗମନ ତଥା ଖୁସିରେ କିଛି କାର୍ଯ୍ୟକ୍ରମର ଆୟୋଜନ ଅବସରରେ ନିମନ୍ତ୍ରିତ ବ୍ୟକ୍ତି, ଅତିଥି, ଆଗନ୍ତୁକ ସେମାନଙ୍କ ପରିବାର ସହ ଯୋଗଦେବା ସମୟରେ ଲଫାପାରେ କିଛି ଅର୍ଥ ନଚେତ୍ ଉପହାର ସାମଗ୍ରୀ ରଙ୍ଗିନ ଜରି ଆଚ୍ଛାଦିତ ଧରି ଆସି ଶୁଭେଚ୍ଛା ଜଣାଇ ଉପହାର ବଢାଇବା ପରେ ହିଁ ଭୋଜିଭାତ ଖାଇବାକୁ ଆଗାନ୍ତି । ଆଜିକାଲି ସହର ହେଉ କି ଗାଁ ବିନା ଉପହାରରେ କୌଣସି ଭୋଜିରେ ଯୋଗଦାନ କରିବାର ପରିକଳ୍ପନା ଅସମ୍ଭବ । ଆଜିର ଏହା ଫ୍ୟାସନ୍ । ଉପହାର ଧରି ପେଣ୍ଡାଲରେ ସମସ୍ତଙ୍କ ସମ୍ମୁଖରେ ଉପସ୍ଥିତ ଏକ ସମ୍ମାନ ସୂଚକ । ସାମାଜିକ ଦୃଷ୍ଟିକୋଣରୁ ଅର୍ଥ ଉପହାର ଏକ ସହଯୋଗ । ବନ୍ଧୁଘରକୁ କେବେ ବୁଲିବାକୁ ଗଲେ କିଛି ନହେଲେ ମିଠାଧରି ଯିବାକୁ ହୁଏ । ବିନା ମିଠାରେ ସମ୍ପର୍କ ପାଣିଚିଆ । ଆଗରେ ନ ହେଲେ ପଛରେ କଥା ହେବେ କିଛି ଆଣିନଥିଲେ, ଖାଲି ହାତରେ କେମିତି ଆସୁଛନ୍ତି ? ଛୁଆପିଲା ଘର । ଏକଥା ମୁଁ ଲୋକମାନଙ୍କ ମୁହଁରେ ପ୍ରାୟ ଶୁଣିବାକୁ ପାଏ । ଫେରିବାବେଳେ ପୁଣି ମୁନାମୁନିଙ୍କ ହାତରେ ଟଙ୍କାପଇସା ଦେଇ ଆସିବାକୁ ପଡ଼େ । ପର୍ବପର୍ବାଣିରେ ପୋଷାକପତ୍ର ଦିଆନିଆ ଏକପ୍ରକାର ସାମାଜିକ ରୀତିନୀତି । ଭୋଜିଭାତରେ କୌଣସି କାରଣରୁ ବନ୍ଧୁଘରକୁ ଯାଇ ନପାରିଲେ ଶାଢି ଟଙ୍କା ନଚେତ କିଛି ଆଭୂଷଣ ବନ୍ଧୁବେଭାର ହିସାବରେ ପଠାଯାଏ, ନଚେତ୍ ବନ୍ଧୁ କଟିଯାଏ । ସବୁ ସମ୍ପର୍କ ପଛରେ ଅର୍ଥ ହେଉକି ଜିନିଷ ଏକ ଉପହାର ସଦୃଶ । ଉପହାର ଏକ ଆକର୍ଷଣ ଯାହା ଅଧିକାଂଶ ସମ୍ପର୍କକୁ ଯୋଡେ, ମଜଭୁତ କରେ, କିନ୍ତୁ ତାର ବ୍ୟତିକ୍ରମରେ ସମ୍ପର୍କ ଭାଙ୍ଗେ । ଏହା ଏକ ନିରାଟ ସତ୍ୟ ।

ମୋର ଜଣେ ପଡ଼ୋଶୀଙ୍କ ସଂପର୍କୀୟଙ୍କ ଝିଅ ବାହାଘର କାର୍ଯ୍ୟକ୍ରମରେ କୌଣସି କାରଣରୁ ସେ ଅନୁପସ୍ଥିତ ରହିବା ସହ ଆର୍ଥିକ ସହଯୋଗ କରିପାରିନଥିବାରୁ ତାଙ୍କ ସହ ବନ୍ଧୁ କଟିଗଲା ବୋଲି ତାଙ୍କ କହିବା କଥା । ସ୍ତ୍ରୀକୁ ଜନ୍ମଦିନରେ, ବିବାହ ବାର୍ଷିକରେ ଉପହାର ନଦେଲେ ସେ ଯା ତା ଦାୟିକା ଦିଏ । ଛଅମାସ ଛୁଆକୁ ଧରି ଆସିଥିବା ଜଣେ ସଂପର୍କୀୟଙ୍କୁ ହାତରେ ଟଙ୍କା ନ ଯାଚିଥିବାରୁ ସେ ଅନ୍ୟ ବନ୍ଧୁଙ୍କ ଆଗରେ ଗାଇଲେ ଛୁଆଟା ହାତରେ କିଛି ଦେଲେନି । ଆମେ ବି ଆସିଲେ କିଛ ଦେବୁନି । ଉପହାର ଦେଲେନେଲେ ସବୁ ଆପଣାର । ପାନରୁ ଚୂନ ଖସିଲେ ସଭିଏଁ ବେକାର, ଆଉ ପର । କାହାକୁ କହିବା ! ଏ ସବୁ ବସ୍ତୁବାଦୀ ଦୁନିଆର ସାଧାରଣଜନତାଙ୍କ ମାନସିକ ଅବସ୍ଥା । ଏସବୁ ସତ୍ତ୍ୱେ ମନରେ ଅନେକ ସମୟରେ ପ୍ରଶ୍ନଉଠେ, ଯଦି ଉପହାର ସାମାଜିକ ସମ୍ପର୍କର ମାପକାଠି, ତେବେ ସାମାଜିକ ମୂଲ୍ୟବୋଧ ଏକ ମିଥ୍ୟା ପ୍ରହସନ ନୁହେଁ ତ ?

ଦର୍ଶନ ବିଭାଗ, ମୁଖ୍ୟ
ବିଏନଏମଏ ମହାବିଦ୍ୟାଳୟ
ଭଦ୍ରକ, ମୋ-୮୮୯୫୩୪୧୦୩୩

5 04.2026.pmd 1 4/4/2026, 5:28 PM

ସାମସିଂହାରେ ଗାଁରେ ପାନୀୟ ଜଳ ସମସ୍ୟା

- ମେଗା ଜଳ ପ୍ରକଳ୍ପ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ
- ୨ଦିନ ମଧ୍ୟରେ ଜଳ ସମସ୍ୟା ସମାଧାନ ନ ହେଲେ ମେଗା ଜଳ ପ୍ରକଳ୍ପ କାର୍ଯ୍ୟାଳୟରେ ପଡ଼ିବ ତାଲା

ରେଢ଼ାଖୋଲ,୪ ।୪ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଞ୍ଚଳରେ ବହୁ ଗ୍ରାମରେ ଏବେ ଦିନକୁ ଦିନ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏବେ ଗ୍ରୀଷ୍ମ ପ୍ରବାହ ଅଧିକରୁ ଅଧିକ ଜାରି ରହି ଥିବାରୁ ବନ୍ଧ,କଟା, ନଈ ନାଳ ଆଦି ଶୁଖି ଯାଉ ଥିବାରୁ ଲୋକେ ପାନୀୟ ଜଳଠୁ ନେଇ ଗାଧୋଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉ ଥିବା ଦେଖିବାକୁ ମିଳିଛି। ହେଲେ ରେଢ଼ାଖୋଲ ବ୍ଲକ୍ କଦଳୀଗଡ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାମସିଂହା ଗ୍ରାମରେ ଉତ୍କଟ ପାନୀୟଜଳ ସମସ୍ୟା ଅଧିକ ଦେଖାଦେଇଛି। ଗ୍ରାମରେ ପ୍ରାୟ ୨ ଶହ ପରିବାର ବସବାସ କରୁ ଥିବା ବେଳେ ଯଦିଓ ପାଇପ ଯୋଗେ ଜଳ ଯୋଗାଣ ହେଉଛି । ତଥାପି ସବୁ ପରିବାରଙ୍କୁ ଆବଶ୍ୟକ ପାଣି ମିଳି ପାରୁ ନାହିଁ ବୋଲି ଗ୍ରାମର ମହିଳାମାନେ ପ୍ରକାଶ କରିଛନ୍ତି। ଗ୍ରାମର କେତେ ପରିବାର ପାଇପ ପାଣି ପାଉ ଥିବା ବେଳେ ଅଧିକ ପରିବାର ପାଣି ପାଇଁ ହଇରାଣ ହରକତ ହେଉ ଥିବା ଜଣା

ଯାଇଛି। ଯାହାକୁ ନେଇ ଗ୍ରାମବାସୀମାନେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଗ୍ରାମବାସୀ ଓ ଗ୍ରାମର ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ପୂର୍ବରୁ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଆସୁ ଥିଲେ ମଧ୍ୟ ଏ ଦିଗରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ଏହାକୁ ନେଇ ଦିନକୁ ଦିନ ଜଳ ସମସ୍ୟା ଜଟିଳ ହେଉ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ରତର ହେବା ପରେ ଶୁକ୍ରବାର ଦିନ ଗ୍ରାମବାସୀ ଓ ଗ୍ରାମର ମହିଳାମାନେ କଦଳୀଗଡ ମେଗା ଜଳ ପ୍ରକଳ୍ପ କାର୍ଯ୍ୟାଳୟକୁ ଯାଉ ଘେରାଉ କରି ଥିଲେ। ଖବର ପାଇ ମେଗା ଜଳ ପ୍ରକଳ୍ପର ପରିଚାଳକ କାର୍ଯ୍ୟାଳୟକୁ ଆସି ଘେରାଉ କରି ଥିବା ଗ୍ରାମବାସୀ ଓ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ୩ ଦିନ ମଧ୍ୟରେ ସାମସିଂହା ଗ୍ରାମରେ ଥିବା ଜଳ ସମସ୍ୟାର ସମାଧାନ କରା ଯିବ ବୋଲି ପ୍ରକାଶ କରିଥିଲେ। ଯଦି ୩ ଦିନ ମଧ୍ୟରେ ଗ୍ରାମବାସୀଙ୍କ ଜଳ ସମସ୍ୟା ଓ ଆବଶ୍ୟକ ଜଳ ଯୋଗାଇ ଦିଆ ନ ଯାଏ ତା ହେଲେ ୩ ଦିନ ପରେ ମେଗା ଜଳ ପ୍ରକଳ୍ପ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରା ଯିବ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ଏଣୁ ଗ୍ରୀଷ୍ମ ପ୍ରବାହ ସମୟରେ ଗ୍ରାମବାସୀଙ୍କ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଉକ୍ତ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।

ଏବିଭିପି ପକ୍ଷରୁ ଜିଲ୍ଲା ସମୀକ୍ଷା ଓ ଯୋଜନା ବୈଠକ

ଭଦ୍ରକ,୪ ।୪ (ନିପ୍ର): ଆଗାମୀ ଶିକ୍ଷାବର୍ଷ ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀପରିଷଦ(ଏବିଭିପି) ଭଦ୍ରକ ପକ୍ଷରୁ ଗାନ୍ଧୀପଡ଼ିଆ ସ୍ଥିତ ସୀତାରାମ କଲ୍ୟାଣ ମଣ୍ଡପ ପରିସରରେ ଜିଲ୍ଲା ସମୀକ୍ଷା ଓ ଯୋଜନା ବୈଠକ ଜିଲ୍ଲା ସମିତିର କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଗତ ଏକ ବର୍ଷର ବିଭିନ୍ନ ସାଙ୍ଗଠନିକ ଓ ସାମାଜିକ କାର୍ଯ୍ୟର ସମୀକ୍ଷା ଏବଂ ଆଗାମୀ ଏକ ବର୍ଷ ପାଇଁ ଯୋଜନା ହୋଇଥିଲା। ସଙ୍ଗଠନର ସଦସ୍ୟତା, କ୍ୟାମ୍ପସ ଓ ନଗର ଶାଖା ଗଠନ, ୬ ଟି ସାଂଗଠାନିକ ରାଷ୍ଟ୍ରୀୟ ଦିବସ ପାଳନ, ଶିକ୍ଷା ଓ ସାମାଜିକ ସ୍ଥିତିକୁ ନେଇ ଆନ୍ଦୋଳନ, ଛାତ୍ର ସଂସଦ ନିର୍ବାଚନ, ରକ୍ତଦାନ, ବୃକ୍ଷ ରୋପଣ, ସ୍ୱଚ୍ଛ ଭାରତ, ରୋଗୀଙ୍କୁ ଫଳ ବଣ୍ଟନ, ଜଳ ଛତ୍ର ଆଦି ସାମାଜିକ ସେବା କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଏବିଭିପିର ବାଲେଶ୍ୱର ବିଭାଗ ପ୍ରମୁଖ ପ୍ରାଧାପକ ରମେଶ ଚନ୍ଦ୍ର ବେହେରା, ବିଭାଗ ସଙ୍ଗଠନ ସମ୍ପାଦକ ସନ୍ମିତ ପ୍ରସାଦ ରାଉତ, ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ଜିଲ୍ଲା ସହ ପ୍ରମୁଖ ଡ. ବସନ୍ତ କୁମାର ଦୀକ୍ଷିତ ଓ ଜ୍ୟୋତି ପ୍ରକାଶ ସାହୁ, ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ସହ ସଂଯୋଜିକା ପୂଜାରାଣୀ ମଲ୍ଲିକ, ପ୍ରାନ୍ତ ସୋସିଆଲ ମିଡ଼ିଆ ସହ ସଂଯୋଜକ ଦେବୀ ପ୍ରସାଦ ଦାସ, ପ୍ରାନ୍ତ ଖେଲୋ ଭାରତ ସହ ସଂଯୋଜକ ଆୟୁଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ରତନପୁର ଗ୍ରାମକୁ ରାସ୍ତା ନିର୍ମାଣ ନେଇ ପ୍ରଶାସନର ସୂଚନା

ଖଣ୍ଡପଡ଼ା ୪ ।୪ (ନି.ପ୍ର) ଖଣ୍ଡପଡ଼ା ବ୍ଲକର ବଡବାଣପୁର ପଞ୍ଚାୟତ ଅଧୀନସ୍ଥ ରତନପୁର ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ନେଇ ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଜଣାଯାଇଛି। ଉକ୍ତ ଗ୍ରାମକୁ ରାସ୍ତା ନିର୍ମାଣରେ ପ୍ରତିବନ୍ଧକ ସାଜିଥିବା ଜବରଦଖଲକାରୀଙ୍କୁ ପ୍ରଶାସନ ପକ୍ଷରୁ ବାରମ୍ବାର ନୋଟିସ ପରେ ଆସନ୍ତା ୬ ତାରିଖରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।ପ୍ରାରମ୍ଭିକ ପର୍ଯ୍ୟାୟରେ ରାସ୍ତା ନିର୍ମାଣ ନେଇ ଚିହ୍ନଟ ହୋଇଥିବା ସ୍ଥାନରୁ ପୁଲିସ,ବନ ବିଭାଗ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଗଛ ଗୁଡିକ କଟାଯିବ ବୋଲି ଜଣାପଡିଛି। ରାସ୍ତା ନିର୍ମାଣ ନିମନ୍ତେ ଆବଶ୍ୟକ ପଡୁ ଥିବା ଜାଗାରୁ ଗଛଗୁଡିକ କଟାଯିବା ପରେ ରତନପୁର ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି।ଦୀର୍ଘ ବର୍ଷ ପରେ ଗ୍ରାମକୁ ରାସ୍ତା ନିର୍ମାଣ ନେଇ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିବାରୁ ରତନପୁର ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

ମା ମହିଷାଶୁଣୀଙ୍କ ପୀଠରେ ହାଣ୍ଡି ଭଙ୍ଗା ପର୍ବ

ଖଣ୍ଡପଡା ୪ ।୪ (ନି.ପ୍ର) ଖଣ୍ଡପଡ଼ା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତର ମହୁଲପଡ଼ା ଗ୍ରାମର ଆରାଧ୍ୟ ମା'ମହିଷାଷୁଣୀ ଠାକୁରାଣୀଙ୍କ ପୀଠରେ ହାଣ୍ଡିଭଙ୍ଗା ପର୍ବ ଚୈତ୍ର ପୂର୍ଣ୍ଣମୀ ଅବସରରେ ପାଳିତ ହୋଇଯାଇଛି। ମହୁଲପଡା,ଦରଦା ସମେତ ଆଖପାଖ ଗ୍ରାମର ଗୃହିଣୀମାନେ ପ୍ରାତଃ ସମୟରୁ ସ୍ନାନ ସାରି ଶୁଦ୍ଧପୂତ ଭାବେ ଘରୁ ରୋଷେଇ ସାମଗ୍ରୀ ନେଇ ମା' ମହିଷାଷୁଣୀଙ୍କ ପୀଠ ନିକଟରେ ଚୁଲି ଖୋଳି ମାଟି ହାଣ୍ଡିରେ ଭୋଗ ସାମଗ୍ରୀ ପ୍ରସ୍ତୁତ କରିବା ପରେ ମା' ଙ୍କ ନିକଟରେ ପରିବାରର ମଙ୍ଗଳ ମନାସି ପ୍ରସ୍ତୁତ ଭୋଗ ସାମଗ୍ରୀ ଗୁଡ଼ିକ ଲାଗି କରିଥିଲେ। ପରେ ଗ୍ରାମବାସୀମାନେ ଏକତ୍ରୀତ ହୋଇ କାଠ ଫାଳିଆ ସହାୟତାରେ ଭୋଗ ସାମଗ୍ରୀ ପ୍ରସ୍ତୁତରେ ବ୍ୟବହୃତ ହୋଇଥିବା ମାଟି ହାଣ୍ଡି ଗୁଡିକୁ ରାସ୍ତା କଡରେ ବାଡେଇ ଭାଙ୍ଗିଥିଲେ।ମାନସିକଧାରୀ ମହିଳାମାନେ ନିକଟସ୍ଥ ପୁଷ୍କରିଣୀରେ ସ୍ନାନ ସାରି ବାସଗୃହକୁ ଫେରିବାର ପରମ୍ପରା ଦୀର୍ଘ ବର୍ଷ ଧରି ପ୍ରଚଳିତ ହୋଇ ଆସୁଛି। ଏହି ନିଆରା ପରମ୍ପରା ଯୋଗୁଁ ମା ମହିଷାଶୁଣୀଙ୍କ ପୀଠ ପରିସର ଉତ୍ସବ ମୁଖରିତ ହୋଇ ଉଠିଥିଲା।

ବୀରନରସିଂହପୁରରେ ବୁଣାକାର ସଚେତନତା ଶିବିର

ବୌଦ୍ଧ,୪/୪ (ନିପ୍ର):ହସ୍ତତନ୍ତ ଓ ବୟନ କଳା ହେଉଛି ବୁଣାକାରଙ୍କ କୌଳିକ ବୃତ୍ତି ତଥା ଜୀବନ ଜୀବିକା । ଏହି କଳାକୁ ବଞ୍ଚାଇ ରଖିବାରେ ସିଏ କରିଥାଏ ଅକ୍ଳାନ୍ତ ପରିଶ୍ରମ । ପିଢ଼ି ପରେ ପିଢ଼ି ଏ ଭଳି ପାରମ୍ପରିକ କଳାକୁ ବଞ୍ଚେଇ ରଖି ଆସିଛି । ସବୁ ବର୍ଗର ଲୋକେ ଯଦି ବୁଣାକାରଙ୍କ ବସ୍ତ୍ର ଆଗ୍ରହ ସହ ପରିଧାନ କରିବେ ତେବେ ସେମାନଙ୍କ ସାମାଜିକ ଓ ଅର୍ଥ ନୈତିକ ଅଭିବୃଦ୍ଧି ଦିଗରେ ବିଶେଷ ସହାୟକ ହୋଇ ପାରିବ ବୋଲି ହରଭଙ୍ଗା ବ୍ଲକ ବୀରନରସିଂହ ପୁର ସ୍ଥିତ ଯାଯାବର ଗୃହରେ ଓଡ଼ିଆ ପକ୍ଷ ଓ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳନ ତଥା ଲିଙ୍ଗରାଜ ତନ୍ତୁବାୟ ସହଯୋଗ ସମିତି ଦ୍ୱାରା ଆୟୋଜିତ ବୁଣାକାର ସଚେତନତା ଶିବିରରେ ମତ ପ୍ରକାଶ ପାଇଥିଲା । ତନ୍ତୁବାୟ ସମିତିର ବରିଷ୍ଠ ବୁଣାକାର ହୃଷିକେଶ ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୁଣାକାର ସଚେତନତା ଶିବିର ଏବଂ ପାରମ୍ପରିକ ପୋଷାକ ପରିଧାନ ଦିବସରେ ମୁଖ୍ୟ ଅତିଥି ରୂପରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗ ଦେଇ ପାରମ୍ପରିକ ପୋଷାକ ପରିଧାନକୁ ଗୁରୁତ୍ୱ ଦେବା ସହିତ ବୁଣାକାର ନିଜ କୌଳିକ ବୃତ୍ତିକୁ ବଞ୍ଚେଇ ରଖିବା ପାଇଁ ଉଦ୍‌ବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ନାଏକ, ସହକାରୀ ଉପ ନିବନ୍ଧକ ରଘୁନାଥ ପୁଝାରୀ, ବୟନ ତତ୍ତ୍ୱାବଧାରକ ଦେବେନ୍ଦ୍ର ଭୋଇ, ବୟନ ନିରୀକ୍ଷକ ଜିଲୁସାହୁ, ପ୍ରିୟଙ୍କା ଗଡ଼ନାୟକ, ବୈଷୟିକ ସହାୟକ ମିତ୍ରଭାନୁ ଭୋଇ, ଶ୍ରୀରାମ ଯାନୀ, ଅଶୋକ ମେହେର, ସୌମ୍ୟ ରଞ୍ଜନ ସାହୁ ଯୋଗ ଦେଇ ବୁଣାକାରଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଥିଲା ।

ଶିଶୁ ବିକାଶ ବିଦ୍ୟା ମନ୍ଦିରର ନବମ ବାର୍ଷିକ ଉତ୍ସବ

ରମ୍ଭା,୪ ।୪ (ନିପ୍ର); ଆଇତିପୁର ପଞ୍ଚାୟତ ସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରର ନବମ ବାର୍ଷିକ ଉତ୍ସବ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ସଭାପତି କାଳୁରାମ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କିଶୋର ପଲେଇ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡଃ ନମିତା ଦାସ ଯୋଗ ଦେଇଥିବା ବେଳେ ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ରାଜ୍ୟ ସଂପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ କେଶପୁର ଡିଗ୍ରୀ କଲେଜ ଓଡ଼ିଆ ଅଧ୍ୟାପକ ବିଷ୍ଣୁ ପ୍ରସାଦ ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ତଥା ସମାଜସେବୀ ଅନୁଷ୍ଠାନର ଉପସଭାପତି ଅଶୋକ କୁମାର ତ୍ରିପାଠୀ ଓ ଖଲ୍ଲିକୋଟ ଶିଶୁ ବିକାଶ ବିଦ୍ୟା ମନ୍ଦିର ସଂପାଦକ ଭାଗିରଥି ସ୍ୱାଇଁ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ରୋହିତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ତେଜସ୍ୱିନୀ ବୈଦ୍ୟ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସମ୍ପାଦକ ରୋହିତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ମାତୃ ମଣ୍ଡଳୀ ଓ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

ଗଜପତିରେ ପରିବହନ ଆଇନକୁ ଖୋଲାଖୋଲି ଉଲ୍ଲଂଘନ
ସୁପ୍ତ ଅବସ୍ଥାରେ ଜିଲ୍ଲା ପରିବହନ ବିଭାଗ

ପାରଳାଖେମୁଣ୍ଡି,୪ ।୪ (ନିପ୍ର); ଗଜପତି ଜିଲ୍ଲାରେ ପରିବହନ ଆଇନକୁ ଖୋଲାଖୋଲି ଉଲଂଘନ କରାଯାଉଛି। ଅମାନିଆ ଗାଡ଼ି ଚାଳକଙ୍କ ସଂଖ୍ୟା ଗୋଟିଏ ପଟେ ବୃଦ୍ଧି ପାଉଥିବା ବେଳେ ଅନ୍ୟପଟେ ନିୟମ ନମାନି ଅନେକ ଚାଳକ ଭାରୀଯାନ ଚଳାଉଛନ୍ତି ଟ୍ରାଫିକ୍ ନିୟମକୁ ଉଲଂଘନ କରୁଥିବା ବେଳେ ପରିବହନ ବିଭାଗ ଓ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନି ବର୍ତ୍ତମାନ କିଛି କଲେଜ ଛାତ୍ରଛାତ୍ରୀ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଥିବା ବେଳେ ସେମାନଙ୍କ ବେପରୁଆ ଗାଡ଼ିଚାଳନା ଅନ୍ୟମାନଙ୍କୁ ବିପଦରେ ପକାଉଛି। ଫଳରେ ସାଧାରଣ ଜନତା ଦୁର୍ଘଟଣାର ଶିକାର ହେବାର ନଜିର ରହିଛି। ତଥାପି ପରିବହନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ନମ୍ବର ପ୍ଲେଟ୍ ନଥାଇ ଅନେକ ଯାନବାହନ ଚଳପ୍ରଚଳ ହେଉଥିବା ଦେଖିବାକୁ ମିଳିଛି। ଭାରୀଯାନ ଗୁଡ଼ିକ ଓଭରଲୋଡିଂ କରୁଥିବା ବେଳେ ଜିଲ୍ଲାର ଅନେକ ଯାତ୍ରୀବାହୀ ବସ୍‌ର ଇନ୍‌ସ୍ୟୁରାନସ୍, ଫିଟନେସ ଓ ପରମିଟ୍ ନାହିଁ କିନ୍ତୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଏପରିକି ଜରିମାନା ତାଗିଦ୍ ସତ୍ତ୍ୱେ ଅର୍ଦ୍ଧାଧିକ ଗାଡ଼ିରେ ଏଚ୍‌ଏସଆରପି ନମ୍ବର ପ୍ଲେଟ୍ ଲାଗିପାରିନି । ଏବେ ବି ଜିଲ୍ଲାରେ ରଙ୍ଗବେରଙ୍ଗ ନମ୍ବର ପ୍ଲେଟ୍ ଲାଗିଥିବା ଗାଡ଼ି ଚଳାଚଳ କରୁଛି। ପୁଲିସ ଓ ପରିବହନ ବିଭାଗ ମିଳିତ ଯାଞ୍ଚ କରିବା ସହ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି ହୋଇଛି।

ଭିନ୍ନ ଭିନ୍ନ ପେଟ୍ରୋଲ ପମ୍ପରୁ ତେଲ ଲୁଟ୍ କରିଥିବା ଦୁଇ ଅଭିଯୁକ୍ତ ଗିରଫ
ଦୁଇ ଖେଳଣା ବନ୍ଧୁକ, ନକଲି ନମ୍ବର ପ୍ଲେଟ ଜବତ

କେନ୍ଦୁଝର,୪ ।୪(ନିପ୍ର): ଗତ ମାର୍ଚ୍ଚ ୨୧ତାରିଖରୁ ୨୪ ଘଣ୍ଟାରେ ଜାତୀୟ ରାଜପଥର ୪ଟି ପେଟ୍ରୋଲ ପମ୍ପରୁ ତେଲ ଲୁଟ ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ କେନ୍ଦୁଝର ପୋଲିସ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଖେଳଣା ବନ୍ଧୁକ ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଦାଖଲ ହୋଇଥିବା ମାମଲା ଅନୁଯାୟୀ ଗତ ୨୨ତାରିଖରେ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥର ୨୦ନମ୍ବରର ବାଙ୍କପାଟୁଳିରୁ ଘଟଗାଁ ମଧ୍ୟରେ ଥିବା ୪ଗୋଟି ପେଟ୍ରୋଲ ପମ୍ପରୁ ଅଭିନବ ଉପାୟରେ ତେଲ ଲୁଟ ହୋଇଥିଲା ୨୧ତାରିଖ ସନ୍ଧ୍ୟା ୬. ୩୦ମିନିଟରେ ବାଙ୍କପାଟୁଳର ଶ୍ରୀ ଗଣେଶ ଫିଲିଙ୍ଗ ଷ୍ଟେସନକୁ ଗୋଟିଏ କାରରେ ଡ୍ରାଇଭର ସମେତ ଦୁଇ ଜଣ ଅପରାଧୀ ଯାଇ ୧୭ହଜାର ଟଙ୍କାର ତେଲ ନେଇ ବିଲ ମାଗିଥିଲେ। ବିଲ ଦେବା ସମୟରେ ଏହି ଦୁଇଜଣ ଅପରାଧୀ ଦ୍ରୁତ ଗତିରେ ଗାଡି ଷ୍ଟାର୍ଟ କରି ଚମ୍ପଟ ମାରିଥିଲେ। ଏହାପରେ ସନ୍ଧ୍ୟା ୭. ୦୦ସମୟରେ କଟରାବେଡାରେ ଥିବା ଦିବ୍ୟାଂଶୁ ଫିଲିଙ୍ଗ ଷ୍ଟେସନ ୧୮ହଜାର ଟଙ୍କାର ତେଲ ନେଇ ଅନୁରୂପ ଭାବେ ଚମ୍ପଟ ମାରିଥିଲେ। ରବିବାର ସନ୍ଧ୍ୟା ୬. ୪୦ରେ ମସିଣାବିଲାର ଜଗା ତାରିଣୀ ଫିଲିଙ୍ଗ ଷ୍ଟେସନରୁ ୧୭ହଜାର ୮୦୦ଟଙ୍କାର ତେଲ ଡ୍ରମରେ ନେଇ ଫେରାର ହେବା ପରେ ସେହିଦିନ ସନ୍ଧ୍ୟା ୭. ୪୦ରେ ଘଟଗାଁ ନିକଟରେ ଥିବା ବୃନ୍ଦାବନ ଫିଲିଙ୍ଗ ଷ୍ଟେସନରୁ ୧୫ହଜାର ଟଙ୍କାର ତେଲ ନେଇ ଫେରାର ହୋଇଥିଲେ। ଏହି ଘଟଣାକୁ ନେଇ ପଣ୍ଡାପଡା ଥାନା କେସ୍ ନମ୍ବର ୮୫ ତା ତା ୨. ୦୪. ୨୬ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪)/୩୦୫/୩୩୬(୩)/ ୩୪୦/୩(୫), ଅସ୍ତ୍ର ଶସ୍ତ୍ର ଆଇନର ଧାରା ୨୮ବଳରେ ଗିରଫ କରାଯାଇଛି। କେନ୍ଦୁଝର ସଦର ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗଙ୍ଗୋଇ ଶୁକ୍ରବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି ଯେ ମାର୍ଚ୍ଚ ୨୬ତାରିଖ ସନ୍ଧ୍ୟା ୬.୧୧ସମୟରେ କଟକ ଜିଲ୍ଲା ନରସିଂହପୁର ଥାନା ଅନ୍ତର୍ଗତ ପତଣ୍ଡା ଗ୍ରାମର ଅଭିଯୁକ୍ତ ଦୀପଙ୍କର ପଣ୍ଡା ଏବଂ ରାଜେଶ ପଣ୍ଡା ପଞ୍ଜୀକୃତ ନଂ ଓଡି ୧୪ ବିଏଚ ୧୪ ୬୦୭୦ ବିଶିଷ୍ଟ ଏକ ହୁଣ୍ଡାଇ କାରରେ ପଣ୍ଡାପଡାର ମା କାଳୀ ଫିଲିଂ ଷ୍ଟେସନକୁ ଯାଇଥିଲେ ଏବଂ କାରରେ ୧୫୦୦ ଟଙ୍କା ପେଟ୍ରୋଲ ଏବଂ ୧୬ହଜାର ଟଙ୍କା ପ୍ଲାଷ୍ଟିକ୍ ଜର୍କିନ୍ ଭର୍ତ୍ତି କରିଥିଲେ। ଏହା ପରେ, ସେମାନେ ବିଲ୍ ମାଗିଲେ ଏବଂ ବିକ୍ରୟକାରୀ ବିଲ୍ କରିବାକୁ ଯାଇଥିବା ସମୟରେ ସେମାନେ ଦେୟ ନ ଦେଇ ପଳାଇଗଲେ। ଏହି

ସମ୍ପର୍କରେ ପୋଲିସରେ ସୂଚନା ଦିଆଯିବା ପରେ ଶୁକ୍ରବାର ଭୋର ସମୟରେ ସୂଚନା ପାଇ କୁଆଁରେଣ ଜଙ୍ଗଲରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ବ୍ୟକ୍ତିଗତ ତଲାସୀ ସମୟରେ ସେମାନଙ୍କଠାରୁ ଦୁଇଟି ଖେଳଣା ବନ୍ଧୁକ, ନଗଦ ୯୯୦୦ ଟଙ୍କା, ଦୁଇଟି ମୋବାଇଲ୍ ଫୋନ, ପ୍ରାୟ ୫୦୦ ଲିଟର ପେଟ୍ରୋଲରେ ଭର୍ତ୍ତି ୧୧ ନମ୍ବର ପ୍ଲାଷ୍ଟିକ୍ ଜର୍କିନ ଏବଂ ୦୮ ନମ୍ବର ନକଲି ପଞ୍ଜୀକରଣ ନମ୍ବର ପ୍ଲେଟ୍ ଜବତ କରାଯାଇଛି।

ଓଡ଼ିଆରେ ନାମ ଫଳକ ଲେଖିବା ନିମନ୍ତେ ସଚେତନତା

ଗୁଣପୁର,୪ ।୪ (ନିପ୍ର): ଶ୍ରମ ବିଭାଗ ତରଫରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ନାମ ଫଳକ ଲେଖିବା ନିମନ୍ତେ ସଚେତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ତରଫରୁ ଘୋଷଣା ହୋଇଥିବା ଓଡ଼ିଆ ପକ୍ଷ ଅବସରରେ ଚଳିତ ଏକ ତାରିଖରୁ ୧୪ତାରିଖ ପର୍ଯ୍ୟନ୍ତ ଓଡ଼ିଆ ଅସ୍ମିତାର ଗୌରବ ପ୍ରସାର ପ୍ରଚାର ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ସ୍ୱରୂପ ଆଜି ଗୁଣପୁର ସାଧୁ ପାଉଲ ପ୍ରାଥମିକ ବିଦ୍ୟାଳୟରୁ ଏକ ସଚେତନ ଶୋଭାଯାତ୍ରା ଆରମ୍ଭ ହୋଇ ସହର ସାରା ବୁଲି ବିଭିନ୍ନ ଅନୁଷ୍ଠାନ ବାଣିଜ୍ୟିକ ପ୍ରତିଷ୍ଠାନରେ ଓଡ଼ିଆ ନାମ ଫଳକ ଲେଖିବା ନିମନ୍ତେ ସଚେତନ କରାଯାଇଥିଲା । ବିଭିନ୍ନ ସମୟରେ ବିଭିନ୍ନ ଅନୁଷ୍ଠାନ ଓ ବାଣିଜ୍ୟିକ ଅନୁଷ୍ଠାନ ଓଡ଼ିଆ ଫଳକ ଲେଖି ନଥିବା ଯୋଗୁଁ ଜରିମାନା ମଧ୍ୟ ଆଦାୟ କରାଯାଇଥିବା ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି । ଏହି ଶୋଭାଯାତ୍ରାକୁ ସହକାରୀ ଶ୍ରମ ଅଧିକାରୀ ସ୍ୱାତୀଲଗ୍ନା ପାତ୍ର, ସାଧୁ ପାଉଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପ୍ରଧାନ, ଅନନ୍ତ ପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସଚେତନତା ଶୋଭାଯାତ୍ରାକୁ ଶିକ୍ଷକ ମଜେଶ ଶବର, ଶିକ୍ଷୟିତ୍ରୀ ସଞ୍ଜିତା ଶବର, କର୍ମ ନିଯୋଜନ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ଦିଲ୍ଲୀପ ପଣ୍ଡା, ଶ୍ରମ କାର୍ଯ୍ୟାଳୟର ଭାସ୍କର ପଟ୍ଟନାୟକ, ଏନ ସୁନୀଲ ପ୍ରମୁଖ ପରିଚାଳନା କରିଥିଲେ ।

ରେଳବାଇ ମହାପ୍ରବନ୍ଧକଙ୍କ ରାଉରକେଲା ଗସ୍ତ ଏବଂ ରେଳ ଷ୍ଟେସନ ପରିସର ଯାଞ୍ଚ

ରାଉରକେଲା,୪ ।୪ (ନିପ୍ର): ଦକ୍ଷିଣ-ପୂର୍ବ ରେଳବାଇର ମହାପ୍ରବନ୍ଧକ ସୌମିତ୍ର ମଜୁମଦାରଙ୍କ ରାଉରକେଲାକୁ ପ୍ରଥମ ଗସ୍ତ। ତାଙ୍କ ଗସ୍ତ ସମୟରେ ସମଗ୍ର ଷ୍ଟେସନ ପରିସରକୁ ପରିଷ୍କାର ପରିଚ୍ଛନ୍ନତା କରାଯାଇ ସ୍ୱଚ୍ଛ କରାଯାଇଥିବା ଦେଖାଯାଇଥିଲା। ଏହି ଗସ୍ତକୁ ନେଇ ଚକ୍ରଧରପୁର ଡିଆରଏମ୍ ତରୁଣ ହୁରିଆ ଏବଂ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ତାଙ୍କ ସହିତ ଗସ୍ତ ସମୟରେ ଥିଲେ। ରେଳବାଇର ମହାପ୍ରବନ୍ଧକଙ୍କ ଗସ୍ତ ସମୟରେ, ଷ୍ଟେସନ ବାହାରେ ଥିବା ସେଡ୍, ନୂତନ ପାର୍କିଂ ଷ୍ଟାଣ୍ଡ, ଅଟୋ ଷ୍ଟାଣ୍ଡ ସହ ନବନିର୍ମିତ କୋଠା, ପାର୍ସଲ ୟାର୍ଡ ଏବଂ ପ୍ଲାଟଫର୍ମ ନମ୍ବର ୫ରେ ଚାଲିଥିବା ବିକାଶ କାର୍ଯ୍ୟ ସମେତ ରେଳବାଇ ଷ୍ଟେସନ ପରିସରର ବିକାଶ କାର୍ଯ୍ୟକୁ ଯାଞ୍ଚ କରିଥିଲେ। ମହାପ୍ରବନ୍ଧକ ଶ୍ରୀ ମଜୁମଦାର ରେଳ ଯାତ୍ରୀମାନଙ୍କୁ ସର୍ବାଧିକ ସୁବିଧା କିପରି ଯୋଗାଇ ଦିଆଯାଇ ପାରିବ ସେ ବିଷୟରେ ମଧ୍ୟ ବରିଷ୍ଠ ରେଳ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ରେଳବାଇ ମହାପ୍ରବନ୍ଧକ ଗ୍ରୀଷ୍ମଋତୁ ପାଇଁ ରାଉରକେଲା ଷ୍ଟେସନରେ ପାନୀୟ ଜଳ ବ୍ୟବସ୍ଥା ସମେତ ତୃତୀୟ ଲାଇନ ନିର୍ମାଣ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଏହି ଅବସରରେ, ଚକ୍ରଧରପୁର ଡିଆରଏମ ତରୁଣ ହୁରିଆ, ସିଏଓସିଆରଏସପି ଅନିଲ କୁମାର, ମୁଖ୍ୟ ପ୍ରକଳ୍ପ ପରିଚାଳକ କେ.ସି. ସାହୁ, ସିନିୟର ଡିସିଏମ ଆଦିତ୍ୟ ଚୌଧୁରୀ, ସିନିୟର ଡିଏନ୍‌ଏ କୋଅର୍ଡିନେଟର ଆର.କେ. ମୀନା, ସିନିୟର ଡିସିଏମ କୋଚିଂ ଦୀପକ କୁମାର ମୁର୍ମୁ, ରେଳବାଇ ଜିଏମଙ୍କ ସଚିବ ମନୀଷ ପାଠକ, ରାଉରକେଲା ରେଳବାଇ ଷ୍ଟେସନ ପରିଚାଳକ ଲକ୍ଷ୍ମୀଧର ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ ରେଳ ଅଧିକାରୀମାନେ ରେଳବାଇ ମହାପ୍ରବନ୍ଧକଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ।

ଗୋଷାଣୀ ବ୍ଲକ ବାଘଶାଳ ଗ୍ରାମ ଉନ୍ନତି ପାଇଁ ବୈଠକ

ପାରଳାଖେମୁଣ୍ଡି,୪ ।୪ (ନିପ୍ର): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ବାଘଶାଳ ଗ୍ରାମରେ ଥିବା ଗ୍ରାମିଣୀ ତାତମା ସ୍ମାରକ ପାଠାଗାର ଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି, ଗ୍ରାମରେ ଥିବା ବିଭିନ୍ନ ସମସ୍ୟା ନେଇ ବିଧାୟକ ରୂପେଶ ପାଣିଗ୍ରାହୀଙ୍କୁ ଅବଗତ କରିଥିଲେ ସ୍ଥାନୀୟ ଲୋକେ। ବିଧାୟକ ଏହି ସବୁ ସମସ୍ୟା ତୁରନ୍ତ ସମାଧାନ କରିବେ ବୋଲି ଗ୍ରାମବାସୀଙ୍କୁ କହିଥିଲେ। ମୁଖ୍ୟତଃ ରାସ୍ତା ପିଇବା ପାଣି,ଓ ଡ୍ରେନର ବ୍ୟବସ୍ଥା ତୁରନ୍ତ କରାଯିବ ବୋଲି ଜଣାଇଥିଲେ । ପାଠାଗାରର ନବୀକରଣ ପାଇଁ ମଧ କହିଥିଲେ, ପୂର୍ତ୍ତ ବିଭାଗ ଦ୍ୱାରା ଅଗ୍ରଖଣ୍ଡି ଠାରୁ ସାତମାଇଲ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ତଦାରଖ କରିଥିଲେ ବିଧାୟକ । ଚାଷୀମାନଙ୍କ ଜମିରେ ଜଳସେଚନ ପ୍ରକଳ୍ପ ବାବଦରେ ମଧ୍ୟ ଆଲୋଚନା କରିବା ସହ ପରିଦର୍ଶନ କରିଥିଲେ ବିଧାୟକ, ଏହି ଗସ୍ତ ସମୟରେ ବିଧାୟକ ସମେତ ସ୍ଥାନୀୟ ସରପଞ୍ଚ, ଜିଲ୍ଲାପରିଷଦ, ବିଜେଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରମ କୋଡ୍ ପ୍ରଚଳନକୁ ବିରୋଧ କରି କଳାଦିବସ ପାଳନ ଓ ପ୍ରତିବାଦ ସଭା

ଭଦ୍ରକ,୪ ।୪ (ନିପ୍ର): ଶ୍ରମିକ ବିରୋଧୀ ଶ୍ରମ କୋଡ୍ ପ୍ରଚଳନକୁ ବିରୋଧ କରି ବିଭିନ୍ନ ଟ୍ରେଡ୍ ୟୁନିୟନ ଯଥା ସିଆଇଟିୟୁ, ଏଆଇଟିୟୁସି, ଏଆଇସିସିଟିୟୁ, ଆଇଏନଟିୟୁସି, ଏଚ୍ ଏମ୍ ଏସ୍ ପକ୍ଷରୁ ମିଳିତ ଭାବେ ଭଦ୍ରକ ବନ୍ତ ଛକ ଠାରେ କଳାଦିବସ ପାଳନ କରାଯିବା ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଶିଳ୍ପ ବିବାଦ ଆଇନ ମାଧ୍ୟମରେ ଆମ ଦେଶର ଶ୍ରମିକ ଶ୍ରେଣୀ ପୂର୍ବରୁ ନିଜର ମଜୁରୀ ମାଲିକ ଶ୍ରେଣୀ ବିରୋଧରେ ମୁଲଚାଲ କରିପାରୁଥିଲା। ଶ୍ରମ କୋଡ୍ ମାଧ୍ୟମରେ ଏହି ଆଇନକୁ ଉଚ୍ଛେଦ କରାଯାଇଛି । ୧୮୮୬ ମସିହା ବିଶ୍ୱ ଶ୍ରମିକ ଶ୍ରେଣୀ ଲଢେଇ କରି ହାସଲ କରିଥିବା ଦୈନିକ ୮ ଘଣ୍ଟା ଶ୍ରମ କରିବାର ଅଧିକାର ପାଇଥିଲା । ଶ୍ରମ କୋଡ୍ ମାଧ୍ୟମରେ ଏହି ଆଇନକୁ ଉଚ୍ଛେଦ କରାଯାଇଛି । ପୂର୍ବ ଆଇନ ଅନୁଯାୟୀ ୧୦୦ ଜଣ ଶ୍ରମିକ କାମ କରୁଥିବା ଶିଳ୍ପକୁ ମାଲିକ ଶ୍ରେଣୀ ବଂଦ କରିବା ପାଇଁ ସରକାରଙ୍କ ଅନୁମତି ଚାହୁଁଥିଲେ । ଶ୍ରମ କୋଡ୍ ମାଧ୍ୟମରେ ଏବେ ମାଲିକ ଶ୍ରେଣୀ ଚାହିଁଲେ ଏହି କାରଖାନାକୁ ମନଇଛା ବଂଦ କରିଦେବେ । ମହିଳା ମାନେ ଦିନ ଦ୍ୱିପ୍ରହରେ ଧର୍ଷଣର ଶିକାର ହେଉଥିବା ବେଳେ ମୋଦି ସରକାର ଲେବର କୋର୍ଡ ମାଧ୍ୟମରେ ମହିଳା ଶ୍ରମିକ ମାନଙ୍କୁ ରାତିରେ ୧୨ ଘଣ୍ଟା କାମ କରିବା ପାଇଁ ଆଇନଗତ ଭାବେ ବାଧ କରିବା ଘଟଣାକୁ ଶ୍ରମିକ ନେତୃବୃନ୍ଦ ବିରୋଧ କରିଥିଲେ । ପୂର୍ବରୁ ୮ ଘଣ୍ଟା କାମ କରୁଥିଲେ ଦୈନିକ ମଜୁରୀ

ଯାହା ଥିଲା, ବର୍ତ୍ତମାନ ୧୨ ଘଣ୍ଟା କାମ କଲେ ବି ମଜୁରୀ ବଢିବାର କୌଣସି ବ୍ୟବସ୍ଥା କରିନଥିବାରୁ ଶ୍ରମିକ ନେତୃବୃନ୍ଦ ଦୃଢ ବିରୋଧ କରିଥିଲେ । ଏହି ପ୍ରତିବାଦ ଆନ୍ଦୋଳନରେ ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ,ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ଯୁବନେତା ବିକାଶ ନାଥ, ଏଆଇସିସିଟିୟୁ ଜିଲ୍ଲା ସଭାପତି ସମର ବଳ, ଶ୍ରମିକ ନେତ୍ରୀ ରଞ୍ଜିତା ପଣ୍ଡା,କୃଷକ ନେତା ନିରଞ୍ଜନ ପାଣି, ଓଡିଶା କ୍ଷେତମଜଦୂର ୟୁନିୟନ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ମହିଳା ନେତ୍ରୀ ଶାନ୍ତିଲତା ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ । ଆଗାମୀ ଦିନରେ ଏହି ଆନ୍ଦୋଳନକୁ ତୀବ୍ରତର କରିବାକୁ ଆହ୍ୱାନ ଜଣାଇଥିଲେ ।

ଛତାଗଡ଼ ଓ ବେତଗଡ଼କୁ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ପଞ୍ଜୀକରଣ ସହ ଗବେଷଣା
ଛତାଗଡ଼ ସୁରକ୍ଷା ପରିଷଦ ପକ୍ଷରୁ ପ୍ରତ୍ନତତ୍ତ୍ୱ ବିଭାଗ ପୁରୀ ସର୍କଲ ଅଧ୍ୟକ୍ଷଙ୍କୁ ଦାବିପତ୍ର

ରେଢ଼ାଖୋଲ,୪ ।୪ (ନିପ୍ର):ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହାତୀଧରା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଛତାଗଡ ଓ ବେତଗଡ଼ ଭଳି ବିଭିନ୍ନ ସ୍ଥାନରେ ଥିବା ଶୈଳାଶ୍ରୟ ଓ ଶୈଳ ଚିତ୍ରକୁ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ପଞ୍ଜିକରଣ କରିବା ସହ ଅଧିକରୁ ଅଧିକ ଗବେଷଣା କରା ଯିବାକୁ ଦାବି ହେଉଛି।

ଏହି ଅବସରରେ ଛତାଗଡ ସୁରକ୍ଷା ପରିଷଦ ଲୁହାପଙ୍କ ପକ୍ଷରୁ ପ୍ରତ୍ନତତ୍ତ୍ୱ ବିଭାଗ ପୁରୀ ସର୍କଲର ଅଧ୍ୟକ୍ଷ ଦିବିଶଦ ଗଡନାୟକଙ୍କୁ ନାକଟିଦେଉଳ ଠାରେ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରା ଯାଇଛି। ଛତାଗଡ ସୁରକ୍ଷା ପରିଷଦର ସଭାପତି ଅଜୟ କୁମାର ସାହୁ, ଉପ ସଭାପତି ଶୁଭ ପୃଷ୍ଟି, ସଂପାଦକ ଅରୁଣ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ପ୍ରଧାନ,ଲକ୍ଷ୍ମୀଧର ପ୍ରଧାନ

କୋଷାଧକ୍ଷ, ପ୍ରୀତମ ପ୍ରଧାନଙ୍କୁ ସୋସିଆଲ ମିଡିଆ ସେଲ, ଯୁଗଳ ପ୍ରଧାନ,ଦୁଃଶାସନ ପ୍ରଧାନ,ମାନସ ସିଂ, ଅମିତ ସାହୁ , ଚରଣ ପ୍ରଧାନ, ବିକାଶ ବଘାର, ଅମିତ୍ ସାହୁ ପ୍ରମୁଖ ସଦସ୍ୟ ସାମିଲ ହୋଇ ଏହି ଦାବିପତ୍ର ପ୍ରଦାନ କରି ଥିଲେ। ପ୍ରଦାନ କରା ଯାଇ ଥିବା ଦାବିପତ୍ରରେ ଉଲ୍ଲେଖ କରା ଯାଇଛି ଯେ, ଲୁହାପଙ୍କ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବେତଗଡ, ଦଲକି, ବୈଷ୍ଣବଝୁଲି, କୁଟାସିଙ୍ଗା, ଖରସାଳୀ, କୁସୁମଖୋଲ ଓ ମହାଲିଙ୍ଗ ଗ୍ରାମର ପ୍ରତ୍ୟେକ ତୀର୍ଥସ୍ଥଳ ଗୁଡିକ ଛତାଗଡ ଦେବୀପୀଠ ତଥା ହାତୀଧରା ପାହାଡ ମଧ୍ୟରେ ଥିବା ଶୈଳାଶ୍ରୟ ମଧ୍ୟରେ ଥିବା ୧୫ ହଜାର ବର୍ଷ ପୁରୁଣା ଶୈଳଚିତ୍ର ତଥା ପାରମ୍ପରିକ ପଦ୍ଧତିରେ କୁଠିମରା କନ୍ଧ କମାର ଜାତିର ଲୋକଙ୍କ ଦ୍ୱାରା ୧୫୦୦ ବର୍ଷ ପୂର୍ବରୁ ଲୁହା ପଥରରୁ ଲୁହା ବାହାର କରିବା ଜ୍ଞାନ କୌଶଳର ଉତ୍ପତି ସ୍ଥଳ ହୋଇ ଥିବାରୁ ଏହି ଛତାଗଡ ଅଞ୍ଚଳର ଐତିହ ଅତି ପୁରାତନ ଅଟେ । ତତ୍ ସହିତ ବେତଗଡ ଗ୍ରାମରେ ଥିବା ଦୈବୀ ପିଠ ଓ ପୂର୍ବ ଲୌହ ଶିଳ୍ପ ଥିଲା । ତେଣୁ ଖରସାଳି, ମହାଲିଙ୍ଗ, କୁସୁମଖୋଲ ଗ୍ରାମକୁ ଲାଗିଥିବା ବିନ୍ଧ୍ୟବାସିନୀ ପାହାଡ ଗୁଡିକ ଅଧିକରୁ ଅଧିକ ଗବେଷଣା କରିବା ପାଇଁ ଅନୁରୋଧ କରା ଯାଇଛି। ଏଣୁ ଏହି ଲୁହାପଙ୍କ ଅଞ୍ଚଳକୁ ଆସି ଛତାଗତର ଶୈଳଚିତ୍ରକୁ ପଞ୍ଜିକରଣ ସହିତ ଅଧିକରୁ ଅଧିକ ଗବେଷଣା କଲେ ଛତାଗତ ସୁରକ୍ଷା ପରିଷଦର ସଦସ୍ୟମାନେ ଅନୁରୋଧ କରିଛନ୍ତି।

ଇସ୍ରାଏଲର ସାମରିକ ଅଭିଯାନ ପାଇଁ ଲେବାନନରେ ଭୟଙ୍କର ସ୍ୱାସ୍ଥ୍ୟ ସଂକଟ

ବିଭିନ୍ନ ମେଡିକାଲକୁ ନିଶାଣ କରୁଛି ଇସ୍ରାଏଲ

ନୂଆଦିଲ୍ଲୀ,୪।୪: ଦକ୍ଷିଣ ଲେବାନନରେ ଇସ୍ରାଏଲର ସାମରିକ ଅଭିଯାନ ଯୋଗୁଁ ସ୍ୱାସ୍ଥ୍ୟ ଭିତ୍ତିଭୂମି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି। କହିବାକୁ ଗଲେ ଗାଜା ଭଳି ପରିସ୍ଥିତି ଦକ୍ଷିଣ ଲେବାନନରେ ସୃଷ୍ଟି ହୋଇଛି, ସ୍ୱାସ୍ଥ୍ୟ ସେବା ଉପରେ ଇସ୍ରାଏଲର ପ୍ରହାର ଯୋଗୁଁ ଚିନ୍ତାରେ ଲେବାନନ ବାସି। ଦକ୍ଷିଣ ଲେବାନନ ଏବେ ଏକ ଭୟଙ୍କର ମାନବୀୟ ସଙ୍କଟ ଦେଇ ଗତି କରୁଛି। ଇସ୍ରାଏଲର କ୍ରମାଗତ ଏୟାର ଷ୍ଟ୍ରାଇକ କେବଳ ସାଧାରଣ ନାଗରିକଙ୍କୁ ନୁହେଁ, ବରଂ ହସ୍ପିଟାଲ ଏବଂ ଆମ୍ବୁଲାନ୍ସଗୁଡ଼ିକୁ ମଧ ଛାରଖାର କରିଦେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚେତାବନୀ ସତ୍ତ୍ୱେ, ମେଡିକାଲ କର୍ମୀଙ୍କୁ ସିଧାସଳଖ ଟାର୍ଗେଟ କରାଯାଉଛି। ଏହା କେବଳ ଏକ ଯୁଦ୍ଧ ନୁହେଁ, ବରଂ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଧ୍ୱଂସ କରିବାର ଏକ ସୁଚିନ୍ତିତ ଯୋଜନା ବୋଲି ଲେବାନନର ବିଶେଷଜ୍ଞମାନେ କହୁଛନ୍ତି। ଲେବାନନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଏକ ମାସ ମଧ୍ୟରେ ଆକ୍ରମଣର ବଢ଼ିବା ପରେ ପ୍ରାୟ ୧୫୦ ରୁ ଅଧିକ ଥର ମେଡିକାଲ ସେଣ୍ଟର ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଆକ୍ରମଣ। ଏଥିମଧ୍ୟରୁ ଯେଉଁଠି ଉଦ୍ଧାରକାରୀ ଦଳ ପହଞ୍ଚିବା ପରେ ପୁଣିଥରେ ବୋମାମାଡ଼ କରାଯାଉଛି। ଅତିକମରେ ୫୩ ଜଣ ସ୍ୱାସ୍ଥ୍ୟ କର୍ମୀ ପ୍ରାଣ ହରାଇଛନ୍ତି। ୨୦୨୩ ଅକ୍ଟୋବରଠାରୁ ସଂଖ୍ୟା ୨୫୦ ଅତିକ୍ରମ କରିସାରିଲାଣି। ପ୍ରାୟ ୮୭ ଟି ଆମ୍ବୁଲାନ୍ସ ଏବଂ ୧୪ରୁ ଅଧିକ ମେଡିକାଲ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ । ଆକ୍ରମଣ ଭୟରେ ଦକ୍ଷିଣ ଲେବାନନର ୫ ଟି ପ୍ରମୁଖ ହସ୍ପିଟାଲ ବନ୍ଦ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ, ଏକ ମାସ ମଧ୍ୟରେ ପ୍ରତି ୬ ଘଣ୍ଟାରେ ଅତିକମରେ ଗୋଟିଏ ମେଡିକାଲରେ ଆକ୍ରମଣ ଘଟୁଛି। ଇସ୍ରାଏଲ୍ ସାମରିକ ବାହିନୀ ବିନା କୌଣସି ପ୍ରମାଣରେ ଆମ୍ବୁଲାନ୍ସଗୁଡ଼ିକୁ ସାମରିକ ଗତିବିଧି ପାଇଁ ବ୍ୟବହାର କରାଯାଉଥିବା ଅଭିଯୋଗ ଆଣି ସେଗୁଡ଼ିକୁ ଧ୍ୱଂସ କରିବାରେ ଲାଗିଛି। ଏହି ଆକ୍ରମଣ ଯୋଗୁଁ ଦକ୍ଷିଣ ଲେବାନନରୁ ପ୍ରାୟ ୧୨ ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇସାରିଲେଣି। ସେମାନଙ୍କ ପାଇଁ ଏବେ ନା ଅଛି ଔଷଧ, ନା ଅଛି ଚିକିତ୍ସା। ହସ୍ପିଟାଲଗୁଡ଼ିକ ଏବେ ରୋଗୀଙ୍କୁ ସେବା ଦେବା ପରିବର୍ତ୍ତେ ନିଜେ ଯୁଦ୍ଧର ଶିକାର ହେଉଛନ୍ତି।

ନିର୍ବାଚନ କମିଶନ ଭଳି ସଂସ୍ଥା ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ଉଚିତ: ସୁପ୍ରିମକୋର୍ଟ ବିଚାରପତି

ନୂଆଦିଲ୍ଲୀ,୪।୪: ନିର୍ବାଚନ ଆୟୋଗ ଭଳି ସଂସ୍ଥାଙ୍କୁ ସ୍ୱତନ୍ତ୍ର ଭାବେ କାମ କରିବା ଦରକାର ଏବଂ ସେମାନଙ୍କ ଉପରେ ରାଜନୈତିକ ପ୍ରତିକ୍ରିୟାର କୌଣସି ପ୍ରଭାବ ନପଡ଼ିବା ଦରକାର। ଶନିବାର ପାଟନାର ଚାଣକ୍ୟ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହି ବଡ଼ ବିବୃତ୍ତି ରଖିଛନ୍ତି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ବି.ଭି ନାଗରତ୍ନା। ଜଷ୍ଟିସ ନାଗରତ୍ନା କହିଛନ୍ତି, ‘‘ନିର୍ବାଚନ କେବଳ ବେଳେ ବେଳେ ହେଉଥିବା ଘଟଣା ନୁହେଁ। ବରଂ ଏହା ଏକ ଏଭଳି ପଦ୍ଧତି ଯାହା ଦ୍ୱାରା ରାଜନୈତିକ ଶକ୍ତିର ଗଠନ ହୁଏ। ଆମ ସାମ୍ବିଧାନିକ ଗଣତନ୍ତ୍ର ପ୍ରମାଣ କରିଛି ଯେ, ସମୟରେ ନିର୍ବାଚନ ସରକାରରେ ସୁଗମ ପରିବର୍ତ୍ତନ ଆଣିଥାଏ। ଏହି ପ୍ରକ୍ରିୟା ଉପରେ ନିୟନ୍ତ୍ରଣ ଅର୍ଥ, ରାଜନୈତିକ ପ୍ରତିଯୋଗିତାର ସର୍ତ୍ତାବଳୀ ଉପରେ ନିୟନ୍ତ୍ରଣ।’’ବାର୍ ଆଣ୍ଡ୍ ବେଞ୍ଚର ରିପୋର୍ଟ ଅନୁସାରେ, ବିଚାରପତି କହିଥିଲେ ନିର୍ବାଚନ କମିଶନ, ନିୟନ୍ତ୍ରକ ଏବଂ ସିଏଜି ଏବଂ ଅର୍ଥ କମିଶନଙ୍କ ସମାନ ଭାବରେ ଗଠନ ହୋଇଛନ୍ତି। ଏହି ପ୍ରତିଷ୍ଠାନଗୁଡ଼ିକ ସ୍ୱତନ୍ତ୍ର, ବାହ୍ୟ ପ୍ରଭାବ ମୁକ୍ତ ଏବଂ ଯେଉଁ କ୍ଷେତ୍ରରେ ସାଧାରଣ ରାଜନୈତିକ ପ୍ରକ୍ରିୟା ଦ୍ୱାରା ନିରପେକ୍ଷତା ସୁନିର୍ଣ୍ଣିତ କରିବା ଯଥେଷ୍ଟ ହୋଇନଥାଏ ସେଗୁଡ଼ିକର ତଦାରଖ ଦାୟିତ୍ୱ ଦିଆଯାଇଛି ।ସୁପ୍ରିମକୋର୍ଟ ବିଚାରପତି କହିଛନ୍ତି, ‘ଏହି ପ୍ରତିଷ୍ଠାନଗୁଡ଼ିକ ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ଏବଂ ରାଜନୈତିକ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ନହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।’ ଭାରତରେ ଗଣତନ୍ତ୍ରରେ ନିର୍ବାଚନ କମିଶନଙ୍କ ଭୂମିକା ଉପରେ ମତାମତ ଦେଇ ଜଷ୍ଟିସ ନାଗରତ୍ନା କହିଛନ୍ତି ଯେ, ନିର୍ବାଚନ କେବଳ ସାମୟିକ ଘଟଣା ନୁହେଁ, ବରଂ ଏକ ଏଭଳି ପଦ୍ଧତି ଯାହାଦ୍ୱାରା ରାଜନୈତିକ ଶାସନର ଗଠନ ହୋଇଥାଏ।’

ମାସକରେ ବିଦେଶୀ ମୁଦ୍ରା ଭଣ୍ଡାର ୪୦ ବିଲିଅନ ଡଲାର କମିଲା

ମୁମ୍ବାଇ,୪।୪: ମାର୍ଚ୍ଚ ୨୭ରେ ଶେଷ ହୋଇଥିବା ସପ୍ତାହ ସୁଦ୍ଧା ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୧୦.୩ ବିଲିଅନ ଡଲାର ହ୍ରାସ ପାଇ ୬୮୮.୧ ବିଲିଅନ ଡଲାରକୁ ଖସିଆସିଛି। ବିଦେଶୀ ମୁଦ୍ରା ପରିସମ୍ପତ୍ତି ୬.୬ ବିଲିଅନ ଡଲାର ଏବଂ ଗଚ୍ଛିତ ସୁନା ମୂଲ୍ୟ ୩.୭ ବିଲିଅନ ଡଲାର ହ୍ରାସ ପାଇବାରୁ ବିଦେଶୀ ମୁଦ୍ରା ଭଣ୍ଡାର କମିଛି। ବିଦେଶୀ ମୁଦ୍ରା ଭଣ୍ଡାର ଗତ ୪ ସପ୍ତାହରେ ୪୦ ବିଲିଅନ ଡଲାର ହ୍ରାସ ପାଇଲାଣି। ମାର୍ଚ୍ଚ ୨୦ରେ ଶେଷ ହୋଇଥିବା ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାର ୧୧.୪ ବିଲିଅନ ଡଲାର, ମାର୍ଚ୍ଚ ୧୩ରେ ଶେଷ ହୋଇଥିବା ସପ୍ତାହରେ ୭.୧ ବିଲିଅନ ଡଲାର କମିଥିଲା। ମାସକ ତଳେ ବିଦେଶୀ ମୁଦ୍ରା ଭଣ୍ଡାର ରେକର୍ଡ ୭୨୮ ବିଲିଅନ ଡଲାରରେ ପହଞ୍ଚିଥିଲା। କିନ୍ତୁ ଗତ ମାସକ ମଧ୍ୟରେ ଏଥିରେ ୫.୫ ପ୍ରତିଶତ ହ୍ରାସ ପାଇଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଦେଖାଦେଉଥିବା ହ୍ରାସକୁ ରୋକିବା ପାଇଁ ରିଜର୍ଭ ବ୍ୟାଙ୍କ ହସ୍ତକ୍ଷେପ କରିବା କାରଣରୁ ବିଦେଶୀ ମୁଦ୍ରା ଭଣ୍ଡାର ତଳକୁ ଖସୁଛି। ସୂଚନା ଅନୁଯାୟୀ, ଗତ ମାସକ ମଧ୍ୟରେ ବିଦେଶୀ ମୁଦ୍ରା ୩.୮ ପ୍ରତିଶତ ହ୍ରାସ ପାଇଛି। ଏହା ୫୭୩ ବିଲିଅନ ଡଲାର ସ୍ତରରୁ ୫୫୧ ବିଲିଅନ ଡଲାର ସ୍ତରକୁ ଖସିଆସିଛି। ସେହିଭଳି ସୁନା ପରିମାଣ ଗତ ମାସକ ମଧ୍ୟରେ ୧୩.୬ ପ୍ରତିଶତ କମିଛି। ଏହା ୧୩୨ ବିଲିଅନ ଡଲାରରୁ ଖସିଆସି ୧୧୪ ବିଲିଅନ ଡଲାରରେ ରହିଛି। ୨୦୨୪ ଏପ୍ରିଲ ୪ରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୬୭୬ ବିଲିଅନ ଡଲାରରେ ରହିଥିଲା।

ନାଇଟ୍ରୋଜେନ ଗ୍ୟାସ୍ ଗୋଦାମରେ ବିସ୍ଫୋରଣ :୪ମୃତ

ନୂଆଦିଲ୍ଲୀ ୪।୪; ଶନିବାର ସକାଳେ କେନ୍ଦ୍ର ଶାସିତ ଅଞ୍ଚଳ ଦାଦର ଏବଂ ନଗର ହବେଲୀରେ ବଡ଼ ଦୁଃଖଦ ଘଟଣା ଘଟିଛି। ଦେମାନି ରୋଡରେ ଅବସ୍ଥିତ ଏକ ଗୋଦାମରେ ନାଇଟ୍ରୋଜେନ ଏବଂ ଅକ୍ସିଜେନ ଗ୍ୟାସ ସିଲିଣ୍ଡର ଫାଟିବା ପରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏହି ଘଟଣାରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଆଠ ଜଣ ଗୁରୁତର ଆହତ ହୋଇଥିଲେ। ଆହତମାନଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହା ଗୋଦାମର ଛାତ ଏବଂ କାନ୍ଥ ଉଡ଼ିଯାଇଥିଲା। ବିସ୍ଫୋରଣର ଶବ୍ଦ ୩୦ ମିଟର ବ୍ୟାସାର୍ଦ୍ଧ ପର୍ଯ୍ୟନ୍ତ ଶୁଣାଯାଇଥିଲା। ଯାହା ଫଳରେ ସ୍ଥାନୀୟ ବାସିନ୍ଦା ଭୂମିକମ୍ପ ପରି ଏକ ଝଟକା ଅନୁଭବ କରିଥିଲେ। ଏହି ସମୟରେ, ରାସ୍ତାରେ ଭଗ୍ନାବଶେଷ ପଡ଼ିବା ଏବଂ ପ୍ରଚଣ୍ଡ ଶବ୍ଦ ନିକଟସ୍ଥ ଏକ ସ୍କୁଲର ପିଲା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା।

ଶଶି ଥରୁରଙ୍କ କାରକେଡ୍ ଉପରକୁ ଆକ୍ରମଣ

ଡ୍ରାଇଭର୍ ଏବଂ ସୁରକ୍ଷାକର୍ମୀ ଆହତ

କେରଳ,୪।୪ : କଂଗ୍ରେସ ସାଂସଦ ଶଶି ଥରୁରଙ୍କ କାରକେଡ୍ ଉପରକୁ ଆକ୍ରମଣ । ନିର୍ବାଚନ ପ୍ରଚାର ପାଇଁ ଯାଉଥିବା ବେଳେ କିଛି ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି । ଆକ୍ରମଣରେ ଡ୍ରାଇଭର୍ ଏବଂ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି । ଶଶି ଥରୁର କେରଳ ମଲ୍ଲପୁରମ୍ ଜିଲ୍ଲାର ୱାଣ୍ଡୁରରେ ଏକ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯିବା ବେଳେ ସନ୍ଧ୍ୟା ୭.୩୦ ମିନିଟରେ ଥିରୁବଲ୍ଲୀ ଚେଲ୍ଲିଥୋଡୁ ପୋଲ ନିକଟରେ କିଛି ଲୋକ ତାଙ୍କୁ ଅଟକାଇଥିଲେ । ତାଙ୍କ କାରକେଡକୁ ଅଟକାଇ ମାରପିଟ୍ କରିଥିଲେ । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ୩ ଜଣଙ୍କୁ ଅଟକ ରଖିବା ସହିତ ଦୁଇଟି ଗାଡି ଜବତ କରିଛି। ଶଶି ଥରୁର ଏହି ଘଟଣା ବେଳର ଭିଡିଓ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରିଛନ୍ତି । ସେ ଲେଖିଛନ୍ତି ଯେ, ଗତକାଲି ରାତିରେ ମୋ ସୁରକ୍ଷାକର୍ମୀଙ୍କ ଉପରକୁ ହୋଇଥିବା ଆକ୍ରମଣ ଘଟଣାକୁ ନେଇ ମୁଁ ଚିନ୍ତିତ । ସେ ଏବେ ଠିକ୍ ଅଛନ୍ତି । ମୋର ସମସ୍ତ ଶୁଭଚିନ୍ତକଙ୍କୁ ଧନ୍ୟବାଦ । ଏହି ବାଧା ସାମ୍ନାରେ ମଧ ସମସ୍ତ କାର୍ଯ୍ୟକ୍ରମକୁ ସଫଳ ଭାବେ ପୂରଣ କରିଛି। ଆଗକୁ ବି ଏହି ଧାରା ଜାରି ରହିବ ।

ଆପ୍ ଉପରେ ରାଘବ ଚଡ୍ଡାଙ୍କ ପାଲଟା ଆକ୍ରମଣ

ମୁଁ ଆହତ, ଏଥିପାଇଁ ଘାତକ

ନୂଆଦିଲ୍ଲୀ,୪।୪: ଗୁରୁବାର ଆମ ଆଦମୀ ପାର୍ଟୀ ସାଂସଦ ରାଘବ ଚଡ୍ଡାଙ୍କୁ ଦଳ ରାଜ୍ୟସଭା ଉପନେତା ପଦରୁ ହଟାଇଥିଲା। ଖାଲି ସେତିକି ନୁହେଁ ଏହି କାର୍ଯ୍ୟାନୁଷ୍ଠାନ ବାଦ୍ ଦଳୀୟ ନେତାମାନେ ମଧ ତାଙ୍କ ଉପରେ ଅନେକ ଅଭିଯୋଗ ଆଣିଥିଲେ। ସେମାନେ ଅଭିଯୋଗ ଲଗାଇଥିଲେ ଯେ, ରାଘବ ପାର୍ଟି ଅନୁସାରେ କାମ କରୁନାହାଁନ୍ତି। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାରଙ୍କ ବିରୋଧ କରୁନାହାଁନ୍ତି କି’ କକ୍ଷତ୍ୟାଗ ସମୟରେ ସଂସଦର ବାହାରକୁ ଯାଉନାହାଁନ୍ତି। ଏମିତିରେ ଏସବୁ ଭିତରେ ଶନିବାର ରାଘବ ଚଡ୍ଡା ଏସବୁ ଅଭିଯୋଗର ଜବାବ ଦେଇଛନ୍ତି। ଏକ ଭିଡିଓ କରି ରାଘବ ନିଜ ଉପରେ ଲାଗିଥିବା ତିନି ବଡ଼ ଅଭିଯୋଗର ଜବାବ ରଖିଛନ୍ତି। ଶେଷରେ ସେ କହିଛନ୍ତି, ‘ମୁଁ ଆହତ, ଏଥିପାଇଁ ଘାତକ।’ ଭିଡିଓରେ ରାଘବ ଚଡ୍ଡା କହିଛନ୍ତି, କାଲିଠାରୁ ମୋ ବିରୋଧରେ ଏକ ସୁପରିକଳ୍ପିତ କ୍ୟାମ୍ପେନ ଚାଲିଛି। ସମାନ ଭାଷା, ସମାନ କଥା, ସମାନ ଅଭିଯୋଗ। ଏହା କୌଣସି ସଂଯୋଗ ନୁହେଁ। ବରଂ ଏକ ସାମୂହିକ ଆକ୍ରମଣ। ପ୍ରଥମେ ଭାବୁଥିଲି ଏହାର ଜବାବ ଦେବିନାହିଁ। କିନ୍ତୁ ଗୋଟିଏ ମିଛକୁ ୧୦୦ ଥର କହିଲେ କିଛି ଲୋକ ଏହାକୁ ସତ ମାନିନିଅନ୍ତି। ସେଥିପାଇଁ ଏହାର ଜବାବ ଦେଉଛି। ସେ କହିଛନ୍ତି ପାର୍ଟି ତିନି ଅଭିଯୋଗ ଆଣିଛି। ଏହି ତିନି ଅଭିଯୋଗ କାରଣରୁ ରାଘବ ଚଡ୍ଡାଙ୍କୁ ସଂସଦରେ କହିବାକୁ ସୁଯୋଗ ଦିଆଯିବ ନାହିଁ।’’ ସଂସଦରେ ଫାଲତୁ ପ୍ରସଙ୍ଗ ଉଠାଇବା ଅଭିଯୋଗରେ ରାଘବ ଚଡ୍ଡା କହିଛନ୍ତି, ‘ମୁଁ ସଂସଦରେ ହୋହାଲ୍ଲା କରିବା କିମ୍ବା ଗାଳି ଦେବାକୁ ଯାଉନାହିଁ। ମୁଁ ରାଜ୍ୟସଭାରେ ସାଧାରଣ ଲୋକଙ୍କ ସହ ଜଡ଼ିତ ପ୍ରସଙ୍ଗ ଉଠାଇବାକୁ ଯାଉଛି। ମୁଁ ଲୋକଙ୍କ କଥା କହିବାକୁ ଯାଉଛି।’ ସେ କହିଛନ୍ତି ‘ମୁଁ ଚାଲେଞ୍ଜ ଦେଉଛି। ଥରେ ମୋତେ ପ୍ରମାଣ ଦିଅନ୍ତୁ ଯେ, କେତେବେଳେ ବିରୋଧୀ ସଦସ୍ୟଙ୍କ ସହ ୱକଆଉଟ କରିନାହିଁ। ସଂସଦରେ କ୍ୟାମେରା ଲାଗିଛି। ଆପଣ କ୍ୟାମେରା କାଢ଼ି ଦେଖାନ୍ତୁ।’’ରାଘବ କହିଛନ୍ତି ‘‘ମୋ ଉପରେ ଅଭିଯୋଗ ଲାଗିଛି ଯେ, ମୁଖ୍ୟ ନିର୍ବାଚନ ଆୟୋଗଙ୍କ ବିରୋଧରେ ଆସିଥିବା ପ୍ରସ୍ତାବରେ ଦସ୍ତକ୍ଷତ କରିନାହିଁ। ଏହି ଅଭିଯୋଗ ଉପରେ ଜବାବ ଦେଇ ସେ କହିଛନ୍ତି, ମୁଁ ହସ୍ତାକ୍ଷର ସେତେବେଳେ କରିଥାନ୍ତି , ଯଦି କେହି ମତେ ଏନେଇ ଆନୁଷ୍ଠାନିକ ଭାବରେ କିମ୍ବା ଅଣଆନୁଷ୍ଠାନିକ ଭାବରେ କହିଥାନ୍ତା। ମତେ ଏନେଇ କେହି କିଛି କହିନଥିଲେ।’’ ସେ ଆହୁରି କହିଛନ୍ତି, ‘ରାଜ୍ୟସଭାରେ ଆପର ୧୦ ସାଂସଦ ଅଛି। ଯେଉଁଥିରୁ ୬ରୁ ୭ ସାଂସଦ ହିଁ ଦସ୍ତକ୍ଷତ କରିନାହାଁନ୍ତି। କିନ୍ତୁ ପ୍ରଶ୍ନ କେବଳ ମୋ ଉପରେ ଉଠାଯାଇଛି।’’ରାଘବ ଚଡ୍ଡା ଆହୁରି କହିଛନ୍ତି ତୃତୀୟ ଅଭିଯାଗ ହେଉଛି ରାଘବ ଚଡ୍ଡା ଡରିଯାଇଛନ୍ତି। ଏଥିପାଇଁ ବେକାର ପ୍ରସଙ୍ଗ ଉଠାଉଛନ୍ତି। ଏହାର ଜବାବ ଦେଇ ସେ କହିଛନ୍ତି, ପ୍ରଥମତଃ ମୁଁ ସଂସଦକୁ ହୋହାଲ୍ଲା କରିବା, ଚିଲ୍ଲେଇବା, ମାଇକ ଭାଙ୍ଗିବା କିମ୍ବା ଗାଳି ଦେବାକୁ ଯାଇନାହିଁ। ମୁଁ ସେଠାକୁ ଜନତାଙ୍କ ପ୍ରସଙ୍ଗ ଉଠାଇବାକୁ ଯାଇଛି। ଏମିତି କେଉଁ ପ୍ରସଙ୍ଗ ନାହିଁ ଯାହା ମୁଁ ଉଠାଇନାହିଁ। ମୁଁ ଜିଏସଟି ଠାରୁ ଇନକମ ଟ୍ୟାକ୍ସ ପର୍ଯ୍ୟନ୍ତ ସବୁ କଥା ଉଠାଇଛି।

ବିଶ୍ୱସ୍ତରୀୟ ସଙ୍କଟ ସତ୍ତ୍ୱେ ଭାରତର ସାମର୍ଥ୍ୟ ଅତୁଟ: ଜୟଶଙ୍କର

ରାୟପୁର,୪।୪: ବିଶ୍ୱବ୍ୟାପୀ ଯୁଦ୍ଧ ଓ ଅସ୍ଥିରତା ସତ୍ତ୍ୱେ ଭାରତ ନିଜର ଦୃଢ଼ ସାମର୍ଥ୍ୟ ପ୍ରମାଣିତ କରିବା ସହ ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ଚ୍ୟାଲେଞ୍ଜକୁ ସଫଳତାର ସହ ମୁକାବିଲା କରିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ପ୍ରକାଶ କରିଛନ୍ତି। ଶନିବାର ଆଇଆଇଏମ ରାୟପୁରର ୧୫ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ସେ କହିଛନ୍ତି ଯେ, ବିଶ୍ୱ ଅର୍ଥନୀତିରେ ଭାରତ ବର୍ତ୍ତମାନ ଶୀର୍ଷ ପାଞ୍ଚଟି ଦେଶ ମଧ୍ୟରେ ସ୍ଥାନ ପାଇଥିବା ବେଳେ ଗତ ୧୦ ବର୍ଷର ନିରନ୍ତର ବିକାଶ ଦେଶବାସୀଙ୍କ ମଧ୍ୟରେ ଏକ ନୂତନ ଆଶା ଓ ଆତ୍ମବିଶ୍ୱାସ ସୃଷ୍ଟି କରିଛି, ବିଶେଷକରି ବଦଳୁଥିବା ବିଶ୍ୱ ପରିସ୍ଥିତିରେ ପ୍ରଯୁକ୍ତିବିଦ୍ୟା, ଶକ୍ତି ଓ ସଂଯୋଗୀକରଣ କ୍ଷେତ୍ରରେ ଭାରତ ନିଜର ଜାତୀୟ ଦକ୍ଷତା ବୃଦ୍ଧି କରି ଏକ ଦୃଢ଼ ନେତୃତ୍ୱ ମାଧ୍ୟମରେ ନିଜକୁ ସୁରକ୍ଷିତ ରଖିପାରିଛି। ବର୍ତ୍ତମାନର ଜଟିଳ ଭୂ-ରାଜନୈତିକ ସ୍ଥିତି, ବିଶେଷକରି ଇସ୍ରାଏଲ-ଇରାନ ସଂଘର୍ଷ ଯୋଗୁଁ ବିଶ୍ୱ ବଜାରରେ ତୈଳ ଦର ଏବଂ ନିରାପତ୍ତା ବ୍ୟବସ୍ଥା ପ୍ରଭାବିତ ହେଉଥିବା ବେଳେ ଜୟଶଙ୍କରଙ୍କ ଏହି ବକ୍ତବ୍ୟ ବେଶ୍ ଗୁରୁତ୍ୱ ରଖୁଛି। ସେ ଦର୍ଶାଇଛନ୍ତି ଯେ ବିଶ୍ୱ ଶାସନ ପ୍ରଣାଳୀରେ ପରିବର୍ତ୍ତନ ଆସୁଥିବା ବେଳେ ଭାରତ ଡିଜିଟାଲ ବିପ୍ଳବ ଓ ନିଷ୍ପତ୍ତିମୂଳକ ନେତୃତ୍ୱ ଉପରେ ଗୁରୁତ୍ୱ ଦେଉଛି। ଆଗାମୀ ପିଢ଼ିକୁ ପରାମର୍ଶ ଦେଇ ସେ କହିଛନ୍ତି ଯେ ଭାରତ ବର୍ତ୍ତମାନ କେବଳ ଏକ ବଜାର ନୁହେଁ, ବରଂ ବିଶ୍ୱ ସମସ୍ୟାର ଏକ ପ୍ରମୁଖ ସମାଧାନକାରୀ ଦେଶ। ଦେଶକୁ ଅଧିକ ସଶକ୍ତ କରିବା ପାଇଁ ନିଜସ୍ୱ ସାମର୍ଥ୍ୟ ବଢ଼ାଇବା ସହ ବିଶ୍ୱସ୍ତରରେ ବିଶ୍ୱସନୀୟ ସହଭାଗୀତା ସ୍ଥାପନ କରିବା ଏବେକାର ସମୟର ସବୁଠାରୁ ବଡ଼ ଆବଶ୍ୟକତା।

ଆଫଗାନିସ୍ତାନରେ ଭୂକମ୍ପ: ୮ମୃତ

ନୂଆଦିଲ୍ଲୀ,୪।୪: ପାକିସ୍ତାନ ଏବଂ ଆଫଗାନିସ୍ତାନରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଦେଶର ବିଭିନ୍ନ ସ୍ଥାନରେ ୬.୧ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଭୂମିକମ୍ପର କେନ୍ଦ୍ର ଭୂପୃଷ୍ଠରୁ ୧୯୦ କିଲୋମିଟର ଗଭୀରତାରେ ଥିଲା। ଆଫଗାନିସ୍ତାନର ହିନ୍ଦୁକୁଶ ଅଞ୍ଚଳରେ ୫.୯ ତୀବ୍ରତାର ଭୂମିକମ୍ପ ଅନୁଭୂତ ହେବା ପରେ ଦିଲ୍ଲୀ-ଏନସିଆର ଏବଂ ଉତ୍ତର ଭାରତର ବିଭିନ୍ନ ସ୍ଥାନରେ ପ୍ରବଳ ଭୂମିକମ୍ପ ଅନୁଭୂତ ହୋଇଥିଲା। ଆଫଗାନିସ୍ତାନରେ ୮ ଜଣଙ୍କର ମୃତ୍ୟୁ ହୋଇଛି।

କଂଗ୍ରେସ ଓ ବାମ ଦଳ ମିଛ କହିବାରେ ସିଦ୍ଧହସ୍ତ: ମୋଦି

ନୂଆଦିଲ୍ଲୀ,୪।୪: କେରଳରେ ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ଓ ବାମପନ୍ଥୀଙ୍କୁ ପୁଣି ତୀବ୍ର ସମାଲୋଚନା କରିଛନ୍ତି। କେରଳ ଷ୍ଟୋରୀ ଓ ଧୁଆଁଧାର ପରି ଚଳଚ୍ଚିତ୍ରର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ ଏଲଡିଏଫ୍ ଓ ୟୁଡିଏଫ୍ ମିଛ କହିବାରେ ସିଦ୍ଧହସ୍ତ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଏହିସବୁ ଚଳଚ୍ଚିତ୍ରର କାହାଣୀକୁ ସେମାନେ ମିଛ କହୁଥିବାବେଳେ ବାସ୍ତବରେ ମିଛ କହିବାରେ ସେମାନଙ୍କ ପାରଙ୍ଗମ ହୋଇଯାଇଛନ୍ତି। କଂଗ୍ରେସ ଓ ବାମଦଳଙ୍କୁ ମିଥ୍ୟାର ଫ୍ୟାକ୍ଟ୍ରି ବୋଲି କହି ପ୍ରଧାନମନ୍ତ୍ରୀ ସମାଲୋଚନା କରିବା ସହିତ ବିଦେଶ ଅନୁଦାନ (ନିୟନ୍ତ୍ରଣ) ଆଇନ (ଏଫସିଆରଏ) ଓ ସମାନ ନାଗରିକ ସଂହିତା (ୟୁସିସି)କୁ ସମ୍ପର୍କରେ ଦୁଇ ଦଳ ମିଥ୍ୟା ପ୍ରଚାର କରିବା ସହିତ ଆତଙ୍କ ସୃଷ୍ଟି କରୁଛନ୍ତି ବୋଲି କହିଥିଲେ।

ତୃତୀୟ କନ୍ୟା ଭୟରେ ଗର୍ଭବତୀ ପତ୍ନୀ ଓ ୨ଝିଅଙ୍କୁ ବୁଡ଼ାଇ ହତ୍ୟା

ହାଇଦ୍ରାବାଦ,୪।୪: ତେଲେଙ୍ଗାନାର ହନମକୋଣ୍ଡାରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ତାଙ୍କ ଗର୍ଭବତୀ ପତ୍ନୀ ଏବଂ ଦୁଇ ଝିଅଙ୍କୁ ଏକ ସୁଇମିଂ ପୁଲରେ ବୁଡ଼ାଇ ମାରିଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ତୃତୀୟ ଥର କନ୍ୟା ସନ୍ତାନ ଜନ୍ମ ହେବାର ଭୟ। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତ ଆଝାରୁଦ୍ଦିନ ପ୍ରେମ ବିବାହ କରିଥିଲେ। ତାଙ୍କ ସ୍ତ୍ରୀ ତୃତୀୟ ଥର ପୁଣି କନ୍ୟା ସନ୍ତାନ ଜନ୍ମ ଦେବାକୁ ଯାଉଥିବାରୁ ସେ ଦୁଃଖିତ ଥିଲେ। କୁହାଯାଉଛି ଯେ, ଆଝାରୁଦ୍ଦିନ ପୂର୍ବରୁ ତାଙ୍କ ପତ୍ନୀଙ୍କୁ ଗର୍ଭପାତ କରିବାକୁ କହିଥିଲେ, କିନ୍ତୁ ପତ୍ନୀ ଫରହତ୍ ଏହାକୁ ବିରୋଧ କରିଥିଲେ। ଏହି ଅପରାଧ ଘଟାଇବା ପାଇଁ ଅଭିଯୁକ୍ତ ଏକ ଚତୁର ଯୋଜନା ପ୍ରସ୍ତୁତ କରିଥିଲେ। ଯେତେବେଳେ ତାଙ୍କ ସ୍ତ୍ରୀ ଗର୍ଭପାତ କରିବାକୁ ମନା କରିଦେଲେ, ସେ ତାଙ୍କ ପରିବାରକୁ ଏକ ସୁଇମିଂ ପୁଲକୁ ନେଇଯାଇ ସେମାନଙ୍କୁ ବୁଡ଼ାଇ ମାରିଦେଇଥିଲେ। ମୃତକମାନେ ହେଲେ ୨୬ ବର୍ଷୀୟ ଫରହତ୍। ତାଙ୍କ ଝିଅ, ଉମେରା ଓ ଆୟେଶା, ଯଥାକ୍ରମେ ୮ ଏବଂ ୬ ବର୍ଷ ବୟସର ବୋଲି ପୁଲିସ କହିଛି। ପରିବାରର ୱାରାଙ୍ଗଲ-ଖମ୍ମାମ୍ ଜାତୀୟ ରାଜପଥ ନିକଟରେ ଏକ ସୁଇମିଂ ପୁଲ୍ ଥିଲା, ଯାହାକୁ ସେମାନେ ପରିଦର୍ଶକମାନଙ୍କୁ ଭଡାରେ ଦେଉଥିଲେ। ଏହା ପରିବାରର ଆୟର ମୁଖ୍ୟ ଉତ୍ସ ଥିଲା। ବୁଧବାର ରାତିରେ, ଫରହତ୍ ଏବଂ ତାଙ୍କ ଝିଅମାନେ ପରିବାରର ଅନ୍ୟ ସଦସ୍ୟଙ୍କ ସହିତ ପାଣି ପାଖକୁ ଯାଇଥିବା ଜଣାପଡ଼ିଛି। କିଛି ମିନିଟ୍ ପରେ, ସେମାନେ ପୋଖରୀରେ ପଡ଼ିଥିବା ଦେଖିବାକୁ ପାଇଥିଲେ।

ହର୍ମୁଜ୍ ପ୍ରଣାଳୀ ପାର କଲା ଜାହାଜ ‘ଗ୍ରୀନ୍ ସାନ୍ଭି’

ଏପର୍ଯ୍ୟନ୍ତ ସ୍ୱଦେଶ ଫେରିଛନ୍ତି ୧,୩୨୦ ରୁ ଅଧିକ ଭାରତୀୟ ନାବିକ

ନୂଆଦିଲ୍ଲୀ,୪।୪ (ପିଆଇବି):ଭାରତ ସରକାର ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପ୍ରସ୍ତୁତି ଏବଂ ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଚାଲିଛନ୍ତି। ପଶ୍ଚିମ ଏସିଆର ପରିସ୍ଥିତିର ପୃଷ୍ଠଭୂମି ପରିପେକ୍ଷୀରେ, ନିମ୍ନଲିଖିତ ଅପଡେଟ୍ ଶକ୍ତି ଯୋଗାଣ, ସାମୁଦ୍ରିକ କାର୍ଯ୍ୟ ଏବଂ ଏହି କ୍ଷେତ୍ରରେ ଭାରତୀୟ ନାଗରିକମାନଙ୍କୁ ସହାୟତା କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପଗୁଡ଼ିକର ବିବରଣୀ ନିମ୍ନ ପ୍ରକାରେ :ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ପରିପ୍ରେକ୍ଷୀରେ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସାରା ଦେଶରେ ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସକ୍ରିୟ ପଦକ୍ଷେପ ନେଉଛି। ମନ୍ତ୍ରଣାଳୟ ଅନୁଯାୟୀ:ସାଧାରଣ ପରାମର୍ଶ ଏବଂ ନାଗରିକ ସଚେତନତାସରକାର ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରୟାସ କରୁଛନ୍ତି, ଏବଂ ନାଗରିକମାନଙ୍କୁ ପେଟ୍ରୋଲ ଏବଂ ଡିଜେଲର ଆତଙ୍କିତ କ୍ରୟ ଏବଂ ଅନାବଶ୍ୟକ ଏଲପିଜି ବୁକିଂ ଏଡାଇବାକୁ ପରାମର୍ଶ ଦିଆଯାଇଛି ।ନାଗରିକମାନଙ୍କୁ ଗୁଜବ ପ୍ରତି ସତର୍କ ରହିବାକୁ ଏବଂ ସଠିକ୍ ସୂଚନା ପାଇଁ କେବଳ ସରକାରୀ ଉତ୍ସ ଉପରେ ନିର୍ଭର କରିବାକୁ ପରାମର୍ଶ ଦିଆଯାଇଛି ।ଏଲପିଜି ପାଇଁ, ନାଗରିକମାନଙ୍କୁ ଏଲପିଜି ସିଲିଣ୍ଡର ବୁକିଂ ପାଇଁ ଡିଜିଟାଲ୍ ମୋଡ୍ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି ।ନାଗରିକମାନଙ୍କୁ ପିଏନଜି, ଇଣ୍ଡକ୍ସନ୍ ଏବଂ ବୈଦ୍ୟୁତିକ କୁକଟପ୍ ଭଳି ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ଉତ୍ସାହିତ କରାଯାଇଛି ।ବର୍ତ୍ତମାନର ପରିସ୍ଥିତିରେ, ସମସ୍ତ ନାଗରିକଙ୍କୁ ସେମାନଙ୍କର ଦୈନନ୍ଦିନ ବ୍ୟବହାରରେ ଶକ୍ତି ସଂରକ୍ଷଣ ପାଇଁ ଆବଶ୍ୟକ ପ୍ରୟାସ କରିବାକୁ ଅନୁରୋଧ କରାଯାଇଛି ।ସରକାରୀ ପ୍ରସ୍ତୁତି ଏବଂ ଯୋଗାଣ ପରିଚାଳନା ପଦକ୍ଷେପଏହି ଯୁଦ୍ଧ ପରିସ୍ଥିତି ସତ୍ତ୍ୱେ, ସରକାର ଘରୋଇ ଏଲପିଜି ଏବଂ ପିଏନଜି କୁ ସର୍ବାଧିକ ପ୍ରାଥମିକତା ଦେଇଛନ୍ତି। ଏହା ସହିତ ହସ୍ପିଟାଲ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ ଉଚ୍ଚ ପ୍ରାଥମିକତା ଦେଇଛନ୍ତି ।ସରକାର ଯୋଗାଣ ଏବଂ ଚାହିଦା ଉଭୟ ଦିଗରେ ଅନେକ ଯୁକ୍ତିଯୁକ୍ତ ପଦକ୍ଷେପ କାର୍ଯ୍ୟକାରୀ କରିସାରିଛନ୍ତି, ଯେଉଁଥିରେ ରିଫାଇନାରୀ ଉତ୍ପାଦନ ବୃଦ୍ଧି କରିବା, ସହରାଞ୍ଚଳରେ ବୁକିଂ ବ୍ୟବଧାନକୁ ୨୧ ରୁ ୨୫ ଦିନ ଏବଂ ଗ୍ରାମାଞ୍ଚଳରେ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବା ଏବଂ ଯୋଗାଣ ପାଇଁ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେବା ଅନ୍ତର୍ଭୁକ୍ତ ।ଏଲପିଜି ଚାହିଦା ଉପରେ ଚାପ କମ କରିବା ପାଇଁ କିରୋସିନ ଏବଂ କୋଇଲା ଭଳି ବିକଳ୍ପ ଇନ୍ଧନ ବିକଳ୍ପ ପ୍ରଦାନ କରାଯାଇଛି। କୋଇଲା ମନ୍ତ୍ରଣାଳୟ ପୂର୍ବରୁ କ୍ଷୁଦ୍ର, ମଧ୍ୟମ ଏବଂ ଅନ୍ୟାନ୍ୟ ଗ୍ରାହକଙ୍କୁ କୋଇଲା ବଣ୍ଟନ ପାଇଁ ରାଜ୍ୟଗୁଡ଼ିକୁ ଅଧିକ ପରିମାଣ ଆବଣ୍ଟନ କରିବାକୁ କୋଲ୍ ଇଣ୍ଡିଆ ଏବଂ ସିଙ୍ଗାରେନି କୋଲିଆରିଜଗୁଡ଼ିକୁ ନିର୍ଦ୍ଦେଶ ଜାରି କରିଛି ।ଘରୋଇ ଏବଂ ବାଣିଜ୍ୟିକ ଗ୍ରାହକ ଉଭୟଙ୍କ ପାଇଁ ନୂତନ ପିଏନଜି ସଂଯୋଗକୁ ସହଜ କରିବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି। ସମ୍ପ୍ରତି, ସଚିବ (ଏମ୍‌ଓପିଏନଜି) ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶର ଅତିରିକ୍ତ ମୁଖ୍ୟ ସଚିବ ଏବଂ ପ୍ରମୁଖ ସଚିବ (ଖାଦ୍ୟ ଏବଂ ଯୋଗାଣ)ଙ୍କ ସହିତ ଏକ ବୈଠକର ଅଧ୍ୟକ୍ଷତା କରି ଇନ୍ଧନ ଯୋଗାଣ ପରିସ୍ଥିତି ସମୀକ୍ଷା କରିଥିଲେ ଏବଂ ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ଆଲୋକପାତ କରିଥିଲେ।

ବାଇକ୍ ଚୋରି ଅଭିଯୋଗରେ ଯୁବକ ଗିରଫ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅଞ୍ଚଳର ଜଣେ ଯୁବକ ରିଲସ ନିଶାରେ ଏକ ଦାମୀ ବାଇକ୍ ଚୋରୀ କରି ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି । ଗିରଫ ଯୁବକ ହେଲେ କୁଚିଣ୍ଡା ଥାନା ନୂଆଗାଁର ଅନନ୍ତ ସେଉଳ(୨୦) । ଧିରଜ ପଟେଲଙ୍କ ରିପୋର୍ଟ କ୍ରମେ ପୋଲିସ କୁଚିଣ୍ଡା ଥାନା କେଶ ନଂ ୬୭/୨୬ ଦଫା ୩୦୩(୨)ବିଏନଏସରେ ମାମଲା ରୁଜୁ କରି ତଦନ୍ତ କରୁଥିଲା । କୁଚିଣ୍ଡା ପୋଲିସ ଅଭିଯୁକ୍ତଙ୍କୁ ତାଙ୍କ ନୂଆଗାଁ ସ୍ଥିତ ଘରୁ ଗିରଫ କରି ଶନିବାର କୁଚିଣ୍ଡା ଏସଡ଼ିଜେଏମ୍ କୋର୍ଟକୁ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ପୋଲିସ ଚୋରୀ ହୋଇଥିବା କେଟିଏମ ବାଇକ (ନଂ.ଓଡି ୧୫ଆର ୯୫୨୨)କୁ ଜବତ କରି ମାଲିକଙ୍କୁ ହସ୍ତାନ୍ତର କରିଛି । ସୂଚନା ଅନୁଯାୟୀ, ମହୁଲପାଲି ଥାନା ତୁରେଇକିମାଲ ଗ୍ରାମର ଧିରଜ ପଟେଲ ଘରଭଡ଼ା ନେଇ କୁଚିଣ୍ଡାରେ ରହୁଥିଲେ ।

ଝାଞ୍ଜିରେ ଅସ୍ତବ୍ୟସ୍ତ ଜନଜୀବନ: ଖୋଲୁନି ଜଳଛତ୍ର

ଭାପୁର, (ନିପ୍ର): ରାଜ୍ୟରେ ଜାରି ରହିଛି ପ୍ରବଳ ଗ୍ରୀଷ୍ମ ପ୍ରବାହ । ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ତାପମାତ୍ରା ୪୦ଡିଗ୍ରୀ ପାଖାପାଖି କିନ୍ତୁ, ବର୍ତମାନ ସୁଦ୍ଧା ବ୍ଲକ ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗର ନିଦ ଭାଙ୍ଗି ନାହିଁ ଅର୍ଥାତ, ନା ସ୍ୱାସ୍ଥ୍ୟ ସଚେତନତା, ନା ଜଳଛତ୍ର ର ସୁବିଧା, ନା ଶ୍ରମିକ କଲ୍ୟାଣ ନିୟମ ଭାପୁର ବ୍ଲକରେ କାର୍ଯ୍ୟକାରୀ ହୋଇଛି । ମଧ୍ୟାହ୍ନରେ ଝାଞ୍ଜି ପ୍ରବଳ ଭାବରେ ବୋହୁଥିବାରୁ ଘରୁ ବାହାରିବା କଷ୍ଟକର ହେବା ସହିତ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ସେତେବେଳେ ଶ୍ରମିକ ଟିଏ ଅନ୍ୟର ମୁଲ ଲାଗି ରୋଜଗାର କରୁଛି । ବର୍ତମାନ ବହୁ ନଳକୂପ ଅକାମି ହୋଇପଡ଼ିଛି । ରାସ୍ତାକଡ଼ ଜଳଛତ୍ର ଖୋଲିନଥିବାରୁ ୪୮ ନମ୍ବର ରାଜ୍ୟ ରାଜପଥ ର ଫତେଗଡ଼ ଗ୍ରାମଠାରୁ ପଥରଚକଡା ଗ୍ରାମ ପର୍ଯ୍ୟନ୍ତ ୧୦ କିମି ରାସ୍ତା କଡରେ ହାତଗଣତି ୪/୫ ଗୋଟି ନଳକୂପ କାର୍ଯ୍ୟ କରୁଥିବାବେଳେ ଖଣ୍ଡପଡା ରାସ୍ତାର ଅବସ୍ଥା ସେହିଭଳି ଫଳରେ,ତୃଷାର୍ତ୍ତ ପଥଚାରି ଟିଏ ପାଣି ବିନା ଛଟପଟ ହୋଇ ପ୍ରାଣ ପଳେଇବା ନିଶ୍ଚିତ । ଭାପୁର ବ୍ଲକ ତଥା ସ୍ୱାସ୍ଥ୍ୟ ବିଭାଗ ପ୍ରଶାସନ ସାଧାରଣ ଜନତା ଙ୍କ ସେବା କୁ ଭୁଲି ଯାଇ ଶାସକ ଦଳର ସେବା କୁ ପ୍ରାଧାନ୍ୟ ଦେଉଥିବା ନେଇ ସାଧାରଣରେ ଆଲୋଚ୍ୟ ବିଷୟବସ୍ତୁ ପାଲଟିଛି ଫଳରେ, ସାଧାରଣ ଜନତାଙ୍କ ଭାପୁର ପ୍ରଶାସନ ପ୍ରତି ଆସ୍ଥା ତୁଟୁଥିବାରୁ ଜିଲ୍ଲା ପ୍ରଶାସନ ତୁରନ୍ତ ପ୍ରତି ଛକରେ ଜଳଛତ୍ର ଖୋଲିବା ପାଇଁ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବି ମାନେ ଦାବୀ କରିଛନ୍ତି ।

ବ୍ରାଉନସୁଗାର ସହ ୬ ଗାଡ଼ି ଓ ନଗଦ ଟଙ୍କା ଜବତ: ୨ ଗିରଫ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜାନକିଆ ଥାନା ଅନ୍ତର୍ଗତ ହାଜ ପଞ୍ଚାୟତ ଅଫିସ ନିକଟସ୍ଥ ଶାଗୁଆନ ଜଙ୍ଗଲରେ ପୋଲିସ ଏକ ବଡ଼ ଧରଣର ନିଶା କାରବାରକୁ ପଣ୍ଡ କରିଦେଇଛି । ଏହି ଚଢ଼ାଉରେ ପୋଲିସ ପ୍ରାୟ ୫୨ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିବା ସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଆଜି ପୂର୍ବାହ୍ନ ପ୍ରାୟ ୧୦:୨୮ ମିନିଟ ସମୟରେ ଜାନକିଆ ଥାନା ଏସ.ଆଇ କେଶବ ଚନ୍ଦ୍ର ବେହେରା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ଯେ, ହଜ ପଞ୍ଚାୟତ ନିକଟସ୍ଥ ଜଙ୍ଗଲ ମଧ୍ୟରେ କିଛି ବ୍ୟକ୍ତି ବ୍ରାଉନସୁଗାର କାରବାର କରୁଛନ୍ତି । ଏହି ଖବର ଆଧାରରେ ସେ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ନିର୍ଦ୍ଦେଶରେ ନିଜର ପୋଲିସ ଫୋର୍ସ ଏବଂ ଦୁଇଜଣ ସରକାରୀ ସାକ୍ଷୀଙ୍କ ସହ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ । ପୋଲିସ ଘଟଣାସ୍ଥଳରୁ ଦୁଇଜଣ ବ୍ୟକ୍ତିଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ୫୨ ଗ୍ରାମ ବ୍ରାଉନସୁଗାର ,ନଗଦ ଟଙ୍କା ୨୮,୪୦୦ ଟଙ୍କା, ଗୋଟିଏ ମାରୁତି ସୁଜୁକି ୱାଗନର , ଗୋଟିଏ ମାରୁତି ସୁଜୁକି ଡିଜାୟାର, ଗୋଟିଏ ହିରୋ ସ୍ପ୍ଲେଣ୍ଡର ପ୍ଲସ ମୋଟର ସାଇକେଲ ଗୋଟିଏ ଟିଭିଏସ ଇଲେକ୍ଟ୍ରିକ ସ୍କୁଟି, ଗୋଟିଏ ବଜାଜ ପଲସର ଓ ଗୋଟିଏ ହିରୋ ଗ୍ଲାମର ମୋଟର ସାଇକେଲ ଜବତ୍ କରିଛି ।ଏହି ଘଟଣାରେ ଜଙ୍କିଆ ପୋଲିସ କେସ୍ ନଂ-୨୩୮, ତା ୦୪.୦୪.୨୦୨୬ ରିଖରେ ଏନଡିପିଏସର ଧାରା ୨୧(ଭ)/୨୯ ଅନୁଯାୟୀ ଏକ ମାମଲା ରୁଜୁ କରିଛି । ଗିରଫ ହୋଇଥିବା ଅଭିଯୁକ୍ତ ହଜ ଗୋଡିସାହି ଅଞ୍ଚଳର ସନ୍ତୋଷ କୁମାର ବଳିଆରସିଂହ ଓରଫ ବାବି (୪୫) ଏବଂ ମଳିପଡ଼ା ମାଝିସାହିର ଅନିଲ ବଳିଆରସିଂହ ଓରଫ ଲିପା (୩୫) । ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ନେଇ ସୂଚନା ମିଳିଛି । ଏହି କାରବାର ପଛରେ ଆଉ କାହାର ସଂପୃକ୍ତି ରହିଛି, ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

୨୭ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ୨ ଗିରଫ

କଟକ,(ନିପ୍ର): ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ କଟକ ଅବକାରୀ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼ ଶନିବାର ସ୍ଥାନୀୟ କ୍ୟାଣ୍ଟେନମେଣ୍ଟ ଥାନା ଅନ୍ତର୍ଗତ ବକ୍ସିବଜାର ଦମକଳ କେନ୍ଦ୍ର ନିକଟରୁ ଓ କ୍ୟାଣ୍ଟେନମେଣ୍ଟ ଥାନା ଅନ୍ତର୍ଗତ ବାଲିଯାତ୍ରା ପଡ଼ିଆ ମଝିରୁ ଚଢ଼ାଉ କରି ୨ ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ପୁରୀଘାଟ ଥାନା ଅନ୍ତର୍ଗତ ନିମସାହି ଅଞ୍ଚଳର ଶ୍ରୀତମ ଦାସ (୨୪) ଓ ମଙ୍ଗଳାବାଗ ଥାନା ଅନ୍ତର୍ଗତ କେଶରପୁର ଅଞ୍ଚଳର ମୀର ଲତିପୁର ରେହେମାନ ଓରଫ ଜାବେଦ (୨୬) । ଗିରଫ ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ପୋଲିସ ମୋଟ ୨୬୬ଗ୍ରାମ ବ୍ରାଉନସୁଗାର ଓ ୨ଟି ମୋବାଇଲ ଜବତ କରିଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୭ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଇନସପେକ୍ଟର ହୀରା ଦଳପତି, ଏସଆଇ ଶେଖ ସାକିଲ ଉଲ୍ଲା, ଏଏସଆଇ ଏଆର ମଲ୍ଲିକ ଓ କର୍ଣ୍ଣ ଓରାମ, କନେଷ୍ଟବଳ ଗୌରାଙ୍ଗ ନାୟକ, ଅନ୍ନପୂର୍ଣ୍ଣା ଗଣ୍ଡ, ଚନ୍ଦ୍ରକାନ୍ତ ସାହୁ, ରଂଜିତ ସାହୁ, ପବିତ୍ର ଦାଶ ଓ ସୁମିତ ନାୟକ ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ଗଞ୍ଜେଇ ଜବତ, ୨ ଗିରଫ

କଟକ, (ନିପ୍ର): ଚୋରା ଗଞ୍ଜେଇ ଚାଲାଣ କରିବା ଅଭିଯୋଗରେ କଟକ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ଶନିବାର କଟକ ସଦର ଥାନା ଅନ୍ତର୍ଗତ କୁଆଖାଇ ବ୍ରିଜ ନିକଟ କାଜିପାଟଣା ରୋଡ଼ ନିକଟରେ ଚଢ଼ାଉ କରି ୨ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅନ୍ତର୍ଗତ ମେକାନି ସାହିର ଅମିତ ବେହେରା (୪୨) ଓ କନ୍ଧମାଳ ଜିଲ୍ଲା ଖଜୁରିପଡ଼ା ଥାନା ଅନ୍ତର୍ଗତ ଗୋରେଖ ଗଣ୍ଡ ଗ୍ରାମର ନରେଶ ଗଣ୍ଡ(୪୨) । ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ପୋଲିସ ୧୫କେଜି ଗଞ୍ଜେଇ ଓ ଗୋଟିଏ ଧଳା ରଙ୍ଗର ଚାରିଚକିଆ ଏରଟିଗା (ଓଡ଼ି୨୬ସି୮୧୬୬)ଗାଡ଼ି ଜବତ କରିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୧ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି । ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଭକ୍ତ ବତ୍ସଳ ବର୍ମା, ଏସଆଇ ଅକ୍ଷୟ ଜେନା, ଏଏସଆଇ ଜୟପ୍ରକାଶ ବେଉରିଆ, କନେଷ୍ଟବଳ ଅଜୟ ଜେନା, ଦେବବ୍ରତ ଓଝା, ଶଙ୍କର ସିଂହ ଓ ଦମୟନ୍ତି ନାଥ ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ବିଭିନ୍ନ ସ୍ଥାନରେ 'ପ୍ରବେଶ ଉତ୍ସବ' ଓ 'ଖଡ଼ି ଛୁଆଁ' ପର୍ବ

କଟକ: ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଏବଂ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ଆୟୋଜନରେ ଶନିବାର ୪୨ମୌଜା ସ୍ଥିତ ବେକାର ହାଇସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଓ ଶିଶୁ ବାଟିକାର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ସ୍ୱାଗତ ଭାଷଣ ପ୍ରଦାନ ଅବସରରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆଙ୍କର ସ୍ୱାଭିମାନ, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଅପ୍ରେଲ ପହିଲାଠାରୁ ଓଡ଼ିଆ ପକ୍ଷ ଆରମ୍ଭ ହୋଇଛି । ଆଜି ପକ୍ଷର ଚତୁର୍ଥ ଦିବସରେ ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହେଉଛି ବୋଲି ଶ୍ରୀ ବାରିକ ମତବ୍ୟକ୍ତ କରିଥିଲେ । ଉତ୍ସବରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖଡ଼ିଛୁଆଁ ଆମ ଓଡ଼ିଆ ସଂସ୍କୃତିରେ ଏକ ପବିତ୍ର ପରମ୍ପରା ବୋଲି ଅଭିହିତ କରିଥିଲେ । ବିଦ୍ୟାଳୟରେ ଉପସ୍ଥାନ ସଂଖ୍ୟା ବୃଦ୍ଧି କରିବା ଦିଗରେ ଏହା ଏକ ଉତ୍ତମ ପ୍ରୟାସ ବୋଲି ମୁଖ୍ୟ ଅତିଥି ଶ୍ରୀ ସେଠୀ କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ୱତିରଂଜନ ଦେଓ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମନୋରଂଜନ ବାରିକ ଓ ସନ୍ତୋଷ ସେଠୀ ଆଦି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଆ ପକ୍ଷର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ ।

ବୁଗୁଡା: ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟର ବିଦ୍ୟାଳୟ ଗୁଡିକରେ 'ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ' ଅନୁଷ୍ଠିତ ହେଉଅଛି । ଏଥିସହ ଏପ୍ରିଲ ୦୧ ତାରିଖ ଠାରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' ପାଳନ ହେଉଛି । ଏପ୍ରିଲ ୦୪ ତାରିଖ ଉଭୟ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ଅଟେ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ନିଜ ଗ୍ରାମ ହେଉଛି ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ ଅନ୍ତର୍ଗତ ଘୋଳପୁର । ମନ୍ତ୍ରୀ ଶ୍ରୀ ମଲ୍ଲିକ ନିଜ ଗ୍ରାମର ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ । ଏଆଜି ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଗ୍ରାମୀଣ ପୋଷାକ ମଠା ଧୋତି ଓ ଧଳା ଗଞ୍ଜି ପରିଧାନ କରି ଏବଂ ତଉଲିଆ କାନ୍ଧରେ ପକାଇ ନିଜ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବରେ ଅତିଥିଭାବେ ଯୋଗଦେଇଥିଲେ । ତଳେ ବସି କୁନି ଶିଶୁମାନଙ୍କୁ କୋଳରେ ବସାଇ ବିଦ୍ୟାଳୟରେ ଖଡ଼ିଛୁଆଁର ଶୁଭାରମ୍ଭ କରିଥିଲେ ।

ହିଞ୍ଜିଳିକାଟୁ : ଓଡ଼ିଆ ପକ୍ଷ ପାଳନ ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ବିଦ୍ୟାଳୟ ଗୁଡିକରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ହିଞ୍ଜିଳିକାଟୁ ପୌରାଞ୍ଚଳ ପିଏମଶ୍ରୀ ସରକାରୀ ବୃନ୍ଦାବନ ବିଦ୍ୟାଳୟରେ କୁନି କୁନି ପିଲାଙ୍କୁ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ସାବତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହିଞ୍ଜିଳିକାଟୁ ପୌରପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲେଇ, ଗୋଷ୍ଠୀ ଶିକ୍ଷାଧିକାରୀ ଚାନ୍ଦିନୀ ପଣ୍ଡା, ପ୍ରମୁଖ ମଞ୍ଚାସିନ ଥିଲେ ।ଏହି ଅବସରରେ ସମସ୍ତ ଅତିଥିବୃନ୍ଦ କୁନି କୁନି ପିଲା ମାନଙ୍କୁ ଖଡ଼ିଛୁଆଁଇ ଥିଲେ । ସେଠାରେ ପିଲାମାନଙ୍କୁ ଶିକ୍ଷଣୀୟ କିଟ୍ ପ୍ରଦାନ କରାଯାଇଥିଲା । ଏଥିସହ ପିଲାଙ୍କୁ ପାଠପଢ଼ା ପ୍ରତି ସଚେତନତା କରିବା ପାଇଁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଶିକ୍ଷା ସଚେତନତା ରଥକୁ ଅତିଥି ବୃନ୍ଦ ପତକା ଦେଖାଇ ଶୁଭାରମ୍ଭ କରିଥିଲେ ।

ନିମାପଡ଼ା,: ନାଗବସ୍ତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ବାଟିକା ଠାରୁ ସମସ୍ତ ଶ୍ରେଣୀରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସାଙ୍ଗକୁ ପ୍ରତି ପିଲାଙ୍କୁ ବିଦ୍ୟାଳୟ ପରିସରରେ ଆନନ୍ଦମୟ ଶିକ୍ଷା ପ୍ରଦାନ ସହିତ ସ୍ନେହ ଶ୍ରଦ୍ଧାର ସହ ପାଠ ପଢ଼ାଇବା ଦିଗରେ ଆଗ୍ରହ ପ୍ରକାଶ କରିଥିଲେ । ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ନବାଗତ ଛାତ୍ର ଓ ଅଭିଭାବକ ମାନଙ୍କୁ ଫୁଲ ଚନ୍ଦନ, ଅରୁଆ ଚାଉଳ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ।

ଧାମନଗର: ଧାମନଗର ମଣ୍ଡଳ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ପର୍ବ ଆଜି ବ୍ଲକ ନିକଟସ୍ଥ ତାଳପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅତ୍ୟନ୍ତ ଉତ୍ସାହର ସହିତ ପାଳିତ ହୋଇଯାଇଛି । ନୂତନ ଶିକ୍ଷାବର୍ଷରେ ବିଦ୍ୟାଳୟକୁ ଆସୁଥିବା କୋମଳମତି ଶିଶୁମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ଶିକ୍ଷାରମ୍ଭ ନିମନ୍ତେ ଏହି ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ପଲ୍ଲୀଭାରତୀ ମହାଳିକ, ଧାମନଗର ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଏବିଇଓ ଭୀମସେନ ହୋ ଏବଂ ସତ୍ୟ ସୁନ୍ଦର ପରିଡ଼ା, ସାଂସଦ ପ୍ରତିନିଧି ମନୋଜ ମଲିକ, ଏ ବି ଡି ଓ ଶର୍ମିଷ୍ଠା ମଲିକ ଙ୍କ ସମେତ ବିଭିନ୍ନ କ୍ଲଷ୍ଟରର ସିଆରସିସିମାନେ ଉପସ୍ଥିତ ଥିଲେ ।

ପୁରୀ : ପୁରୀ ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ ଦିବସ ଆଜି ପୂର୍ବାହ୍ନରେ ଜିଲ୍ଲା ସ୍କୁଲ ଠାରେ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଯୋଗ ଦେଇ ସମସ୍ତ ପିଲା ପଢନ୍ତୁ ଓ ସମସ୍ତ ପିଲାଙ୍କ ର ସାମଗ୍ରିକ ବିକାଶ ଘଟିଲେ ସମାଜ ସୁନ୍ଦର ଓ ଶୃଙ୍ଖଳିତ ହେବ ବୋଲି କହିଥିଲେ ।ସରକାର ଏଥିପାଇଁ ପିଲା ଓ ଅଭିଭାବକ ଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ରେ ପ୍ରବେଶ ଉତ୍ସବ ସହ ଖଡି ଛୁଆଁ କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।ଜିଲ୍ଲା ରେ ଚଳିତ ବର୍ଷ ପ୍ରାୟ ୧୯ ହଜାରରୁ ଉର୍ଦ୍ଧ୍ୱ ପିଲା ମାନଙ୍କର ନାମଲେଖା ର ଲକ୍ଷ୍ୟ ରଖାଯାଇଛି ବୋଲି ସୂଚନା ଦେବା ସହ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ ।

ବେଳାଭୂମିରେ ମଦ କୁଡିଆ ବନ୍ଦ ହେଉ: ସେବା ପ୍ରତିନିଧି

ଭୁବନେଶ୍ୱର,: ରାଜ୍ୟ ସରକାର ପୁରୀକୁ ଛାଡ଼ି ଅନ୍ୟାନ୍ୟ ବେଳାଭୂମିରେ ମଦ କୁଡିଆ ଖୋଲିବା ପାଇଁ ଯେଉଁ ମାର୍ଗଦର୍ଶିକା ଆଣିଛନ୍ତି, ତାହା ବନ୍ଦ କରିବାକୁ ସେବା ପ୍ରତିନିଧିର ମୁଖ୍ୟ ସଂଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା), ହିନ୍ଦୁ ସୁରକ୍ଷା ବାହିନୀ, ଓଡ଼ିଶା ବିକାଶ ମହାମନ୍ତ୍ର ପ୍ରତିନିଧିଗଣ ମହାପ୍ରଭୁ ଲିଙ୍ଗରାଜଙ୍କ ଖଳାଠାରେ ଦାବି ରଖିଛନ୍ତି । ମଦ ଦ୍ୱାରା ବହୁ ଅପରାଧ ସଂଘଟିତ ହେଉଛି । ହତ୍ୟା,ହିଂସା, ବ୍ୟଭିଚାର ଚୋରି ଡକାୟତି, ରାହାଜାନି ଇତ୍ୟାଦି ବଢ଼ି ଚାଲିଥିବା ସାଧାରଣରେ ଜଣାଶୁଣା । ଦୁଃଖ ଓ ପରିତାପର ବିଷୟ, ସରକାର ଏଥିରୁ ନିବୃତ୍ତ ପରିବର୍ତ୍ତେ ବେଳାଭୂମିରେ ଓଟି ଡିସି ଜରିଆରେ ମଦ ବେପାର କରିବାକୁ ଆଗ୍ରହୀ ହୋଇଛନ୍ତି । ଏହାଦ୍ୱାରା ବେଳାଭୂମି ଅଶାନ୍ତ ହୋଇଉଠିବ ବୋଲି ସଂଗଠନଗୁଡ଼ିକ ପକ୍ଷରୁ ଅଭିଯୋଗ ପୂର୍ବକ କ୍ଷୋଭ ପ୍ରକାଶ କରାଯାଇଛି । ମୋହନ ସରକାର ଓଡ଼ିଶାକୁ ମଦ ମୁକ୍ତ କରି ଇତିହାସ ରଚନା କରନ୍ତୁ ବୋଲି ମଧ ଶ୍ରୀ ମିଶ୍ର ମତ ରଖିଛନ୍ତି । ଆୟୋଜିତ ଧାରଣାରେ ଅଶୋକ କୁମାର ମହାରଣା, ଗିରିଜା ଶଙ୍କର ମହାପାତ୍ର, ଉଲ୍ଲାସ ଚନ୍ଦ୍ର ମହାପାତ୍ର, ବିପିନ୍ ବିହାରୀ ରାଉତରାୟ, ବର୍ଣ୍ଣମାଳା ପାତ୍ର, କମଳାକାନ୍ତ ବେହେରା, ନୟନୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

ଓଡ଼ିଶା ପକ୍ଷ ପାଳନ

କେନ୍ଦ୍ରାପଡ଼ା,(ନିପ୍ର): ଓଡିଆ ପକ୍ଷ ପାଳନ ଅବସରରେ, ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନ କେନ୍ଦ୍ରାପଡ଼ାଙ୍କ ଯୁଗ୍ମ ପ୍ରୟାସରେ "ଓଡିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ, ୧୯୫୬" ଅନୁଯାୟୀ ସମସ୍ତ ଦୋକାନ, ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନରେ ଓଡିଆ ଭାଷାରେ ନାମ ଫଳକ ଲେଖିବା ପାଇଁ ଏକ ବ୍ୟାପକ ସଚେତନତା ପଦଯାତ୍ରା ଓ ସଚେତନତା ରଥ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ କେନ୍ଦ୍ରାପଡ଼ା ଶ୍ରୀ ରଘୁରାମ ଆର. ଆୟର, ପତାକା ଦେଖାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ପୂର୍ବାହ୍ନ ୧୦ଟାରେ ଶୁଭାରମ୍ଭ କରିଥିଲେ । ପଦଯାତ୍ରାଟି ନୂଆ ବସଷ୍ଟାଣ୍ଡ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଗତି କରିଥିଲା ଏବଂ ପରବର୍ତ୍ତୀତ ଅପରାହ୍ନରେ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଞ୍ଚଳରେ ମଧ ସଚେତନତା କାର୍ଯ୍ୟକ୍ରମକୁ ପରିବ୍ୟାପ୍ତ କରାଯାଇଥିଲା । ଏହି ସଚେତନତା ଅଭିଯାନ ମାଧ୍ୟମରେ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ମାଲିକମାନଙ୍କୁ ତାଙ୍କ ସଂସ୍ଥାର ନାମ ଫଳକ ସ୍ୱଷ୍ଟ ଓଡିଆ ଭାଷାରେ ଲେଖିବା ପାଇଁ ସଚେତନ କରାଯାଇଥିଲା ।

ଚୋରି ମାମଲାରେ ଅଭିଯୁକ୍ତଙ୍କୁ ଜେଲ ଦଣ୍ଡାଦେଶ

ଭୁବନେଶ୍ୱର,(ନିପ୍ର): ଆଜି ମାନ୍ୟବର ବିଚାରପତି ଇତିଶ୍ରୀ ମହାପାତ୍ର, ଜେଏମଏଫସି (ପଞ୍ଚମ), ଭୁବନେଶ୍ୱର ଚଳିତ ବର୍ଷ ଜାନୁଆରୀ ମାସରେ ଖଣ୍ଡଗିରି ଥାନା ଅଞ୍ଚଳରେ ଏକ ଆବାସିକ ଘରୁ ଘଟିଥିବା ଚୋରୀ ମାମଲାର ବିଚାର କରି ଆସାମୀ ଶେଖ ଅସରଫଙ୍କୁ ୩ ମାସର ସରଳ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଗତ ଜାନୁଆରୀ ୨୬ ତାରିଖ ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ ଆସାମୀ ଶେଖ ଅସରଫ ଡୁମୁଡୁମା, ପ୍ଲଟ୍ ନମ୍ବର ୩୦୨/୮୩୭୬ ନିକଟରେ ଥିବା ଅଭିଯୋଗକାରୀ ପ୍ରଶାନ୍ତ କୁମାର ସାହୁଙ୍କ ଘରୁ ଏକ ଲୁହା ଗ୍ରିଲ୍ ଚୋରି କରିଥିଲେ । ଏହି ଘଟଣା ଅଭିଯୋଗକାରୀଙ୍କ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥାରେ କଏଦ ହୋଇଥିଲା । ଘଟଣା ବିଷୟରେ ଜାଣିବା ପରେ ସେ ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ ।ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା କେସ ନଂ-୬୪/୨୦୨୬ ରେ ବିଏନଏସ ଧାରା ୩୦୩(୨) ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା ।

ଡାବୁଗାଁ ଅଞ୍ଚଳରେ ଗ୍ୟାସ ସମସ୍ୟା

ଜଳଖିଆ ଦୋକାନୀଙ୍କୁ କାଠଚୁଲା ଭରସା

ନବରଙ୍ଗପୁର(ନିପ୍ର): ଯୁଦ୍ଧ ଲାଗି ରହିଥିବା ବେଳେ ଏହାର ପ୍ରଭାବ ରନ୍ଧନ ଗ୍ୟାସ ଉପରେ ପଡିଛି । ଫଳରେ ହୋଟେଲ ଓ ଟିଫିନ ସେଣ୍ଟର ମାଲିକମାନେ ଜୀବନଜୀବିକା ହରାଇଛନ୍ତି । ରନ୍ଧନ ଗ୍ୟାସ ଅଭାବ ଯୋଗୁଁ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକର ଅଧିକାଂଶ ହୋଟେଲ ଓ ଜଳଖିଆ ଦୋକାନ ବନ୍ଦ ରହିଛି । ବର୍ତ୍ତମାନ ହୋଟେଲ ମାଲିକମାନଙ୍କ ରନ୍ଧନ ଗ୍ୟାସ ଅଭାବ ଲାଗି କାଠଚୁଲି ଭରସା । ଡାବୁଗାଁ ଅଞ୍ଚଳରେ କମର୍ସିଆଲ ଗ୍ୟାସ ମିଳୁ ନଥିବାରୁ ଏବଂ ହୋଟେଲ ଓ ଜଳଖିଆ ଦୋକାନ ଗୁଡ଼ିକରେ ମହଜୁଦ ଥିବା ଗ୍ୟାସ ସରିଯାଇଥିବାରୁ କେତେକ ହୋଟେଲ ବନ୍ଦ ରହିବା ସହ ଅନ୍ୟ ହୋଟେଲ ବ୍ୟବସାୟୀମାନେ କାଠଚୁଲାରେ ରୋଷେଇ କରୁଛନ୍ତି । କାଠଚୁଲାରେ ଖାଦ୍ୟ ତିଆରି ଲାଗି ଅଧିକ ସମୟ ଲାଗିଥିବାରୁ ଖାଦ୍ୟର ପ୍ରକାର କମାଇବାକୁ ପଡ଼ିବା ବ୍ୟବସାୟୀମାନେ କହିଛନ୍ତି । ହୋଟେଲରେ କାର୍ଯ୍ୟରତ ଲୋକଙ୍କ ଜୀବନଜୀବିକାକୁ ଦୃଷ୍ଟିରେ ରଖି ହୋଟେଲ ବନ୍ଦନ କରି କାଠଚୁଲା ଉପରେ ନିର୍ଭର କରୁଛନ୍ତି । କମର୍ସିଆଲ ଗ୍ୟାସ ମିଳୁ ନଥିବାରୁ ଓ ଘରୋଇ ଗ୍ୟାସ ମିଳିବାରେ ବିଳମ୍ବ ହେଉଥିବାରୁ ଅନେକ ଜଳଖିଆ ଦୋକାନୀ କାଠ ମହଙ୍ଗା ଦରରେ କିଣିବାକୁ ପଡ଼ିଛି । ଏହାର ସିଧା ସଳଖ ପ୍ରଭାବ ଖାଉଟି ମାନଙ୍କ ଉପରେ ପଡୁଛି କାରଣ ବର୍ତ୍ତମାନ ଖାଦ୍ୟର ମୂଲ୍ୟ ବୃଦ୍ଧି ପାଇଚି । ଗ୍ୟାସ ଅଭାବରୁ ହୋଟେଲ ଓ ଜଳଖିଆ ଦୋକାନ ମାଲିକମାନେ ଦର ବୃଦ୍ଧି କରିବାକୁ ବାଧ ହେଉଥିବା କିଛି ହଟେଲ ମଲିକ କହିଛନ୍ତି ।ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ସରକାରଙ୍କ ତରଫରୁ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ବୋଲି ଦାବି ହୋଇଛି ।

ଆରମ୍ଭ ହୋଇଛି ପ୍ରସିଦ୍ଧ ଦଣ୍ଡଯାତ୍ରା

ଜମୁଛି ମୟୂର ପୁଚ୍ଛ ବେପାର

ବୁଗୁଡା(ନିପ୍ର): ଚଳିତ ବର୍ଷ ବୁଗୁଡ଼ା ଅଞ୍ଚଳରେ ଦଣ୍ଡଯାତ୍ରା ପର୍ବ ଆରମ୍ଭ ହୋଇଯାଇଛି । ମେରୁ ସଂକ୍ରାନ୍ତି ଯାଏଁ ଚାଲିବାକୁ ଥିବା ଏହି ଦଣ୍ଡଯାତ୍ରା ପର୍ବ ଯୋଗୁଁ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସାଙ୍ଗକୁ ଦେବଦେବ ମହାଦେବ ଓ ମା' ମହାମାୟୀ କାଳୀଙ୍କ ପୂଜାର୍ଚ୍ଚନା ଲାଗି ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁ ଭକ୍ତଙ୍କ ସମାବେଶ ହେଉଛି । ଚାରିଆଡ଼େ ଦେଖିବାକୁ ମିଳୁଛି ଦଣ୍ଡୁଆଦଳଙ୍କ ଗହଳି ଚହଳି ଓ ନଗର ପରିକ୍ରମା । ବର୍ଷ ତମାମ ବିଭିନ୍ନ ସମୟରେ ମୟୂର ପୁଚ୍ଛ, ବାନା ଓ ଅନ୍ୟାନ୍ୟ ପୂଜା ସାମଗ୍ରୀର ବିକ୍ରିବଟା ହେଉଥିଲେ ମଧ ଦଣ୍ଡଯାତ୍ରା ସମୟରେ ମୟୂର ପୁଚ୍ଛ କାରବାର ଆଶାତୀତ ଭାବେ ବୃଦ୍ଧି ପାଇଛି । ଶ୍ରଦ୍ଧାଳୁଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୁଗୁଡ଼ା ଅଞ୍ଚଳର ଅଧିକାଂଶ ବ୍ୟବସାୟୀ ବ୍ରହ୍ମପୁରରୁ ମୟୁର ପୁଚ୍ଛ ଆଣି ବିକ୍ରି କରୁଛନ୍ତି । ଦଣ୍ଡଯାତ୍ରା ସମୟରେ ବୁଗୁଡ଼ା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ମୟୁର ପୁଚ୍ଛ କାରବାର ହେଉଛି । ମାନସିକଧାରୀ ଦଣ୍ଡୁଆମାନେ ଏହି ମୟୂର ପୁଚ୍ଛକୁ ଧାରଣ କରିଥାନ୍ତି । ବୁଗୁଡା ସହରାଞ୍ଚଳର ମୁଖ୍ୟ ସଡ଼କ,ଗଣେଶ ବଜାର, ମଦନ ମୋହନ ଛକରେ ଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ମୟୂର ପୁଚ୍ଛ, ବାନା ଓ ଅନ୍ୟାନ୍ୟ ପୂଜା ସମାଗ୍ରୀର ବିକ୍ରିବଟା ଦେଖିବାକୁ ମିଳୁଛି । ଏହିସବୁ ମୟୁର ପୁଚ୍ଛ ରାଜସ୍ଥାନର ଯୋଧପୁର, ଉତ୍ତରପ୍ରଦେଶର ଆଗ୍ରା, ପଶ୍ଚିମବଙ୍ଗର କୋଲକାତାରୁ ପ୍ରଚୁର ପରିମାଣରେ ଆସୁଥିବା ନେଇ ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି ।

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବିଧାନସଭା ପରିସରରେ ଥିବା ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାଲ୍ୟାର୍ପଣ କରୁଛନ୍ତି । ସାଥିରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା ଓ ଅନ୍ୟ ବିଧାୟକ ଗଣ । (ଫଟୋ-ଦିନଲିପି)

ମୁମ୍ବାଇ ବିପକ୍ଷରେ ଦିଲ୍ଲୀ ବିଜୟୀ

ପଏଣ୍ଟ ଟେବୁଲର ଶୀର୍ଷରେ ପହଞ୍ଚିଲା

ନୂଆଦିଲ୍ଲୀ,୪।୪: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୯ତମ ସଂସ୍କରଣର ଅଷ୍ଟମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ ହୋଇଛି । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସକୁ ୬ ୱିକେଟ୍‌ରେ ପରାସ୍ତ କରିଛି । ୧୬୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଦିଲ୍ଲୀ ଟିମ୍ ୧୮.୧ ଓଭରରେ ୪ଟି ୱିକେଟ୍ ହରାଇ ୧୬୪ ରନ୍ କରିଛି । ଦଳ ପାଇଁ ସମୀର ରିଜ୍‌ଭି ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୫୧ଟି ବଲ୍ ଖେଳି ୯୦ ରନ୍ କରିଥିଲେ, ଯେଉଁଥିରେ ୭ଟି ଚୌକା ଏବଂ ୭ଟି ଛକା ସାମିଲ କରିଥିଲେ । ଏଥି ସହିତ ଦିଲ୍ଲୀ ଟିମ୍ ଚଳିତ ଆଇପିଏଲ୍ ସଂସ୍କରଣର ପଏଣ୍ଟ ଟେବୁଲ୍‌ରେ ଶୀର୍ଷସ୍ଥାନ ଛୁଇଁଛି । ଦିଲ୍ଲୀ ଟିମ୍ ଏପର୍ଯ୍ୟନ୍ତ ୨ଟି ମ୍ୟାଚ୍ ଖେଳିଛି । ଉଭୟ ମ୍ୟାଚ୍‌ରେ ବିଜୟ ହାସଲ କରି +୧.୧୭୦ ପଏଣ୍ଟ ହାସଲ କରିଛି । ଦିଲ୍ଲୀ ତଳକୁ ପଞ୍ଜାବ (+୦.୬୩୭) ରହିଛି । ଆୟୋଜକ ଦିଲ୍ଲୀ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଫଳରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ମୁମ୍ବାଇ ବ୍ୟାଟିଂ କରିଥିଲା । ନିଜେ ସୂର୍ଯ୍ୟକୁମାର ଏହି ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିଲେ । ତାଙ୍କର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୬୨ ରନ୍ କରିଥିଲା । ମୁମ୍ବାଇ ଇଣ୍ଡିଆନ୍‌ସ ପାଇଁ ରାୟନ ରିକ୍‌ଲେଟନ୍ ଏବଂ ରୋହିତ ଶର୍ମା ଇନିଂସ ଆରମ୍ଭ କରିଥିଲେ । ମାତ୍ର ଦଳକୁ ଖୁବ୍ ଶୀଘ୍ର ପ୍ରଥମ ଝଟକା ଲାଗିଥିଲା । ସ୍କୋର ୧୮ ରନ୍‌ରେ ରିକ୍‌ଲେଟନ୍ ଆଉଟ୍ ହୋଇଥିଲେ । ସେ ବ୍ୟକ୍ତିଗତ ଭାବେ ୧୧ଟି ବଲ୍ ଖେଳି ୨ଟି ଚୌକା ସହାୟତାରେ ୯ ରନ୍ କରିଥିଲେ । ଏହା ପରେ ବିସ୍ଫୋରକ ବ୍ୟାଟର ତିଲକ ବର୍ମା ପଡ଼ିଆକୁ ଆସିଥିଲେ । କିନ୍ତୁ ସେ ମଧ୍ୟ କ୍ରିଜ୍‌ରେ ଅଧିକ ସମୟ ପର୍ଯ୍ୟନ୍ତ ରହିପାରି ନଥିଲେ । ମାତ୍ର ୨ଟି ବଲ୍ ଖେଳି ଆଉଟ୍ ହୋଇଥିଲେ । ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ସୂର୍ଯ୍ୟକୁମାର ଯାଦବ ସର୍ବାଧିକ ବ୍ୟକ୍ତିଗତ ରନ୍ ସଂଗ୍ରହ କରିଥିଲେ । ସେ ୩୬ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ବଳରେ ୫୧ ରନ୍ କରିଥିଲେ । ସୂର୍ଯ୍ୟକୁମାରଙ୍କ ପରେ ରୋହିତ ଶର୍ମାଙ୍କ ବ୍ୟକ୍ତିଗତ ସ୍କୋର ଥିଲା ଦ୍ୱିତୀୟ ବଡ଼ ଉଦ୍ୟମ । ରୋହିତ ୨୬ଟି ବଲ୍ ଖେଳି ୫ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ନମନ ଧୀର ୨୧ଟି ବଲ୍ ଖେଳି ୨୮ ରନ୍ ସଂଗ୍ରହ କରିଥିଲେ । ମିଚେଲ ସାଣ୍ଟନର ଅପରାଜିତ ୧୮ ରନ୍ ସଂଗ୍ରହ କରିଥିଲେ । ସେ ୧୩ଟି ବଲ୍ ଖେଳି ଦଳୀୟ ସ୍କୋରରେ ୧୮ ରନ୍ ଯୋଡ଼ିଥିଲେ । ଏଥିରେ ୨ଟି ଚୌକା ମଧ୍ୟ ସାମିଲ କରିଥିଲେ । କୋର୍ବିନ ବୋସ୍‌ଚ ଅପରାଜିତ ୧୧ ରନ୍ ସଂଗ୍ରହ କରିଥିଲେ । ସେ ୪ଟି ବଲ୍ ଖେଳି ୨ଟି ଚୌକା ମାରିଥିଲେ । ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ୨ଟି ୱିକେଟ୍ ନେଇଥିଲା ବେଳେ ଲୁଙ୍ଗି ଏନ୍‌ଗିଡି, ଅକ୍ଷର ପଟେଲ, ବିପ୍ର ନିଗମ ଏବଂ ଏନ୍ ନଟରାଜଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା ।

ନାମଫଳକ ଓଡ଼ିଆରେ ଲେଖନ୍ତୁ: ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର,୪।୪: ଓଡିଆ ପକ୍ଷର ପ୍ରତ୍ୟେକ ଦିନ ଓଡ଼ିଆଙ୍କ ଆଧାରିତ ବିଷୟ ବସ୍ତୁ ପ୍ରତି ସମର୍ପିତ କରାଯାଇଛି ବୋଲି ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ସେ କହିଛନ୍ତି ଯେ, ଆଜି ଓଡିଆ ନାମ ଫଳକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହେଉଛି । ଶ୍ରମ ଓ କର୍ମଚାରୀ ବିଭାଗ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି । ସରକାରୀ, ବେସରକାରୀ ବ୍ୟବସାୟୀଅନୁଷ୍ଠାନ ନାମ ଫଳକ ଓଡ଼ିଆରେ ହେଉ । ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ମୁଁ ସବୁ ବ୍ୟବସାୟୀ ପ୍ରତିଷ୍ଠାନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନକୁ ଅପିଲ କରୁଛି ନାମଫଳକ ଓଡ଼ିଆରେ ଲେଖନ୍ତୁ । ସଂସ୍କୃତି ବିଭାଗ ସଚେତନ କରୁଛି ଶ୍ରମ ବିଭାଗ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଉଛି । କିନ୍ତୁ ତା ସତ୍ତ୍ୱେବି କେବଳ ଜନ ଆନ୍ଦୋଳନରେ ଏହା ପରିଣିତ ହେଲେ ହିଁ ସମ୍ଭବ ହୋଇ ପାରିବ ବୋଲି ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।

ଥିଙ୍କ ଇଣ୍ଡିଆ ଥିଙ୍କ ଓଡ଼ିଶା ଥିମରେ ଦୌଡ଼ିବ ଓଡ଼ିଶା ପର୍ଯ୍ୟଟନ

ଭୁବନେଶ୍ୱର,୪।୪: ଥିଙ୍କ ଇଣ୍ଡିଆ ଥିଙ୍କ ଓଡିଶା ଥିମରେ ଦୌଡିବ ଓଡ଼ିଶା ପର୍ଯ୍ୟଟନ । ସଚିବ ସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । ସବୁବିଭାଗକୁ ପର୍ଯ୍ୟଟନକୁ ଫୋକସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପର୍ଯ୍ୟଟନ କ୍ଷେତ୍ରରେ କେଉଁ ବିଭାଗ କ'ଣ ଯୋଗ ଦାନ କରିପାରିବ ସେନେଇସଚିବ ସ୍ତରୀୟ ବୈଠକର ଆଲୋଚନା କରିଛନ୍ତି ଅନୁ ଗର୍ଗ । ଯେଉଁ ପର୍ଯ୍ୟଟକ ଇଣ୍ଡିଆକୁ ଆସିବାକୁ ନିଷ୍ପତ୍ତି ନେଉଛନ୍ତି ସେମାନେ ଓଡିଶା ଆସିବା ଦରକାର । ଓଡିଶା ପ୍ରଥମ ପସନ୍ଦ ହେବା ଦରକାର । ଏନେଇ ସବୁ ବିଭାଗକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ ଆଜିର ବୈଠକରେ ନିଯୁକ୍ତି ଏବଂ ସରକାରୀ ଖର୍ଚ୍ଚର ମଧ୍ୟ ସମୀକ୍ଷା ହୋଇଛି ।

ସମୟ ଓ ପ୍ରଯୁକ୍ତି ବିଦ୍ୟା ସହ ତାଳ ଦେଇ ଚାଲନ୍ତୁ ଶିକ୍ଷାର୍ଥୀ:ରାଜ୍ୟପାଳ

ଭୁବନେଶ୍ୱର,୪।୪: ସ୍ନାତକମାନେ ଚାକିରି ଖୋଜିବା ଅପେକ୍ଷା ନିଯୁକ୍ତି ସୃଷ୍ଟିକାରୀ ହେବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଏପ୍ରିଲ ୪ତାରିଖ ଶନିବାର ଦିନ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଂଟ (ଆଇଆଇଏମ) ସମ୍ବଲପୁରର ଦଶମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଭାରତରେ ଉଦ୍ୟମିତା ଏବଂ ନବସୃଜନର ବର୍ଦ୍ଧିତ ସୁଯୋଗ ଉପରେ ଆଲୋକପାତ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଉଦ୍‌ବୋଧନ ଦେଇ ଦେଶରେ 'ଅଭୂତପୂର୍ବ ଷ୍ଟାର୍ଟଅପ୍ ବିପ୍ଳବ' ଉପରେ ଆଲୋକପାତ କରି ଷ୍ଟାର୍ଟଅପ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ ଏବଂ ସ୍କିଲ୍ ଇଣ୍ଡିଆ ଭଳି ପ୍ରମୁଖ ପଦକ୍ଷେପ ଦ୍ୱାରା ଏହା ପରିଚାଳିତ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସ୍ଥିର ଭାବରେ ଷ୍ଟାର୍ଟଅପ୍, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ପାଇଁ ବିଶ୍ୱରେ ଏକ କେନ୍ଦ୍ର ଭାବରେ ଉଭା ହୋଉଛି ଯାହା ପାଣ୍ଠି, ପରାମର୍ଶ ଏବଂ ନୀତି ସମର୍ଥନର ଏକ ଦୃଢ଼ ଇକୋସିଷ୍ଟମ୍ ଦ୍ୱାରା ସମର୍ଥିତ ହୋଇଛି । ପ୍ରତିଷ୍ଠାନର କାର୍ଯ୍ୟାବଳୀକୁ ରାଜ୍ୟପାଳ ପ୍ରଶଂସା ପ୍ରକାଶ କରି ଆଇଆଇଏମ୍ ସମ୍ବଲପୁରକୁ ନବସୃଜନ, ସମାବେଶୀ ଏବଂ ଶୈକ୍ଷିକ ଉତ୍କର୍ଷତାର ପ୍ରତୀକ ଭାବରେ ବର୍ଣ୍ଣନା କରିଥିଲେ, ଯାହା ସାଂସ୍କୃତିକ ଐତିହ୍ୟକୁ ଆଧୁନିକ, ପ୍ରଯୁକ୍ତିବିଦ୍ୟା-ଚାଳିତ ଶିକ୍ଷା ସହିତ ସମିଶ୍ରଣ କରିଛି । ଏମବିଏ, ଏକଜିକ୍ୟୁଟିଭ୍ ଏମବିଏ, ଏମବିଏ ଫର ୱାରକିଂଗ ପ୍ରଫେସନାଲ ସ୍ନାତକମାନଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ ଏବଂ ଅଧ୍ୟାପକ ଓ ଅଭିଭାବକଙ୍କ ଅବଦାନକୁ ମଧ୍ୟ ପ୍ରଶଂସା କରିଥିଲେ । ଏତଦବ୍ୟତୀତ ଏହି ସମାବର୍ତ୍ତନ ଉତ୍ସବ ସଫଳତା ଏବଂ ଦାୟିତ୍ୱ ଉଭୟକୁ ଚିହ୍ନିତ କରେ ବୋଲି ରାଜ୍ୟପାଳ କହିବା ସହ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଜ୍ଞାନକୁ ସଚ୍ଚୋଟତା ଏବଂ ଉଦ୍ଦେଶ୍ୟ ସହିତ ବିଶ୍ୱର ବାସ୍ତବ ଚ୍ୟାଲେଞ୍ଜର ମୁକାବିଲା ପାଇଁ ପ୍ରୟୋଗ କରିବାକୁ ଆହ୍ୱାନ ଜଣାଇଥିଲେ । ସମୟ ଓ ପ୍ରଯୁକ୍ତିବିଦ୍ୟା ସହ ତାଳଦେଇ ଚାଲିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଏବଂ ନୋକିଆ କମ୍ପାନୀର ଉଦାହରଣ ଦେଇ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ସହିତ ତାଳ ଦେଇ ନପାରିବା କାରଣରୁ ବଜାର ପ୍ରାଧାନ୍ୟ ହରାଇଥିଲା ବୋଲି କହିଥିଲେ । ସେହିପରି ପରାଗ ଅଗ୍ରୱାଲଙ୍କ କଥା ମଧ୍ୟ ଉଲ୍ଲେଖ କରିଥିଲେ ।

ନୟାଗଡ଼ ବାଣ ବିସ୍ଫୋରଣ ମାମଲା: ଏମ୍ସରେ ଆଖି ବୁଜିଲେ ଯୁବକ

ଭୁବନେଶ୍ୱର,୪।୪: ନୟାଗଡ଼ ଜିଲ୍ଲାରେ ଘଟିଥିବା ବାଣ ବିସ୍ଫୋରଣ ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ ଘଟିଛି । ଦଶପଲ୍ଲା ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳରେ ଘଟିଥିବା ଏହି ଦୁର୍ଘଟଣା ପରେ ଗୁରୁତର ଅବସ୍ଥାରେ ଥିବା ବାପି ନାହାକଙ୍କୁ ଭୁବନେଶ୍ୱରର ଏମ୍ସରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଆଜି (ଶନିବାର) ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ମୃତ ବାପି ନାହାକ ନୟାଗଡ଼ ଜିଲ୍ଲାର ମୀନାଗାଡ଼ିଆ ଗ୍ରାମର ବସିନ୍ଦା । ଆସନ୍ତା ୭ ଏପ୍ରିଲରେ ହେବାକୁ ଥିବା ଲଙ୍କାପୋଡ଼ି ଉତ୍ସବ ପାଇଁ ସେ ଘରେ ବାଣ ତିଆରି କରୁଥିବା ବେଳେ ଅଚାନକ ବିସ୍ଫୋରଣ ଘଟିଥିଲା । ଏହି ଦୁର୍ଘଟଣାରେ ସେ ଗୁରୁତର ଭାବେ ପୋଡ଼ିଯାଇଥିଲେ । ଏହି ବିସ୍ଫୋରଣରେ ମୋଟ ୬ ଜଣ ଆହତ ହୋଇଥିଲେ, ଯାହାଙ୍କ ମଧ୍ୟରେ ଦୁଇଜଣ ମହିଳା ଓ ଜଣେ ଛୋଟ ଛୁଆ ମଧ୍ୟ ରହିଛନ୍ତି । ଘଟଣା ପରେ ସମସ୍ତ ଆହତଙ୍କୁ ପ୍ରଥମେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ପରେ ଗୁରୁତର ଅବସ୍ଥାରେ ଥିବାଙ୍କୁ ଭୁବନେଶ୍ୱରର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ବର୍ତ୍ତମାନ ଦୁଇଜଣ ଆହତ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି, ଯେତେବେଳେ ଅନ୍ୟ ତିନିଜଣଙ୍କ କଟକର ଏସସିବିରେ ଚିକିତ୍ସା ଜାରି ରହିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏପଟେ ନୂଆଗାଁ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ବିସ୍ଫୋରଣର ସଠିକ୍ କାରଣ ଖୋଜାଯାଉଛି ।

ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଘୋଷଣା

ବିଶ୍ୱବିଦ୍ୟାଳୟରେ ପୂରଣ ହେବ ୧୪୦୦ ପଦବୀ

ଭୁବନେଶ୍ୱର,୪।୪: ଖୁବଶୀଘ୍ର ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଖାଲିପଡ଼ିଥିବା ୧୪୦୦ ପଦବୀ ପୂରଣ ହେବ । ସେହିପରି କୁଳପତି ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଉଚ୍ଚ ଶିକ୍ଷା ମନ୍ତ୍ରୀ କହିଛନ୍ତି ବିଶ୍ୱବିଦ୍ୟାଳୟ ସଂରକ୍ଷଣ ସଂଶୋଧନ ଆଇନ ଆସିବା ପରେ ନିଯୁକ୍ତି ପ୍ରକ୍ରିୟା ପାଇଁ ବାଟ ଫିଟିଛି । ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଖାଲିପଡ଼ିଥିବା ୧୪୦୦ ପଦବୀ ପୂରଣ ହେବ । ଏଥିପାଇଁ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆସରିଛି । ଅଣଶିକ୍ଷକ ପଦବୀ ପୂରଣ ପାଇଁ ମଧ୍ୟ ଏସ୍‌ଏସ୍‌ବିକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଜୁଲାଇ ପୂର୍ବରୁ ୩୮୫ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ ପାଇଁ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନକୁ ଦାୟିତ୍ୱ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବଙ୍କ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ

ଭୁବନେଶ୍ୱର,୪।୪: ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏଠାରେ ସେ ବିଭିନ୍ନ ଅତ୍ୟାଧୁନିକ ଲାବୋରେଟୋରି ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜାଣି ଖୁସି ପ୍ରକାଶ କରିଥିଲେ । ଯୁବପିଢ଼ିଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ ଇଞ୍ଜିନିୟରିଂ' ଏବଂ 'ସ୍କୁଲ ଅଫ ସର୍ଭିସେସ୍' ବିଭାଗ ଅଧୀନରେ ବିଭିନ୍ନ ଅତ୍ୟାଧୁନିକ ଲାବୋରେଟୋରି ରହିଛି । ତା' ଭିତରୁ ଶ୍ରୀ ଦାସ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ, ବ୍ୟୁଟି ଆଣ୍ଡ ୱେଲନେସ ଏବଂ ସ୍କୁଲ ଅଫ୍ ହସ୍ପିଟାଲିଟି ଆଦି ବିଭାଗ ବୁଲି ଦେଖିଥିଲେ । ଏଠାକାର ଉନ୍ନତ ଭିତ୍ତିଭୂମି ଏବଂ ତାଲିମ ପାଠ୍ୟକ୍ରମକୁ ସେ ଉଚ୍ଚ ପ୍ରଶଂସା କରିଥିଲେ । ଏହି ପରିଦର୍ଶନ ବେଳେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆୟୋଜିତ ଏକ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଯୋଗ ଦେଇଥିଲେ । ବୈଠକରେ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଜାତୀୟ ଢାଞ୍ଚାରେ ତାଲିମ ପ୍ରଦାନ କରି ଆସନ୍ତା କାଲିର ଶିଳ୍ପ ସଂସ୍ଥା ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ସରକାର, ଶିଳ୍ପ ସଂସ୍ଥା ଏବଂ ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ର ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଦକ୍ଷତା ବିକାଶ କ୍ଷେତ୍ରକୁ ନୂଆ ଉଚ୍ଚତାକୁ ନେବା ଉପରେ ଆଲୋଚନା ହୋଇଥିଲା ।

ଅଗଷ୍ଟ ମାସରୁ ବ୍ରହ୍ମପୁର ସହରରେ ପିଏମ୍‌ଜି କାର୍ଯ୍ୟକ୍ରମ ଆରମ୍ଭ

ବ୍ରହ୍ମପୁର,୪।୪(ନିପ୍ର): ଆସନ୍ତା ଅଗଷ୍ଟରୁ ବ୍ରହ୍ମପୁର ସହର ବାସୀ ରନ୍ଧନ ଗ୍ୟାସ୍ ପାଇବା ଚିନ୍ତାରୁ ମୁକ୍ତି ପାଇବେ । ଗ୍ୟାସ ପାଇଁ ସିଲିଣ୍ଡର ଧରି ଡିଲର ସମ୍ମୁଖରେ ଲମ୍ବା ଧାଡି ଲଗାଇବାକୁ ଆଉ ପଡିବ ନାହିଁ । ଆସନ୍ତା ଅଗଷ୍ଟ ମାସରୁ ବ୍ରହ୍ମପୁର ସହରବାସୀଙ୍କ ପାଇପ ଦ୍ୱାରା ଗ୍ୟାସ (ପିଏମଜି) ଯୋଗାଇ ଦେବାକୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହାପରେ ସହରବାସୀ ପାଇପ ଦ୍ୱାରା ଘରେ ଥିବା ଷ୍ଟୋଭରେ ସଂଯୋଗ କରି ଜାଳେଣି ସମସ୍ୟାରୁ ମୁକ୍ତି ପାଇପାରିବେ । ଏଥିପାଇଁ ସହରରେ ଗ୍ରାହକ ପଂଜିକରଣ ମଧ୍ୟ ଆରମ୍ଭ ହୋଇ କାର୍ଯ୍ୟ ଆରମ୍ଭ ହୋଇଯାଇଛି ।

ଜୟନଗର-ପୁରୀ ଏକ୍ସପ୍ରେସରୁ ଅଚାନକ ବାହାରିଲା ଧୂଆଁ

ନୂଆଦିଲ୍ଲୀ,୪।୪: ଜୟନଗର-ପୁରୀ ଏକ୍ସପ୍ରେସରେ ଅଗ୍ନିକାଣ୍ଡ ହୋଇଛି । ଅଚାନକ ନିଆଁ ବାହାରିବା ଫଳରେ ଭୟରେ ଯାତ୍ରୀ ମାନେ ଏଣେତେଣେ ଦୌଡ଼ିଛନ୍ତି । ବିଦ୍ୟୁତ ସର୍ଟ ସର୍କିଟରୁ ଧୂଆଁ ବାହାରିଥିବା ଅନୁମାନ କରାଯାଉଥିବା ବେଳେ ରେଳ ଅଧିକାରୀମାନେ ଯାଞ୍ଚ କରୁଛନ୍ତି । ଶନିବାର ଜାମତାରାରୁ ଛାଡ଼ିଥିବା ଜୟନଗର-ପୁରୀ ଏକ୍ସପ୍ରେସ ପ୍ରାୟ ଏକ କିଲୋମିଟର୍ ଦୂର ଯିବା ପରେ ସାହାନା ଗ୍ରାମ ନିକଟରେ ଟ୍ରେନର ଜେନେରାଲ କୋଚ୍‌ରେ ହଠାତ୍ ଧୂଆଁ ବାହାରିଥିଲା । ଯାତ୍ରୀମାନେ ତୁରନ୍ତ ଟ୍ରେନକୁ ଅଟକାଇ ଏଣେତେଣେ ଦୌଡ଼ିବା ଆରମ୍ଭ କରିଥିଲେ । କିଛି ସମୟ ପାଇଁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ତେବେ ତୁରନ୍ତ ଖବର ପାଇ ଘଟଣାସ୍ଥଳରେ ରେଳ ଅଧିକାରୀ ଏବଂ ଅଗ୍ନିଶମ ବାହିନୀ ପହଁଚିଥିଲେ । ଅଧିକାରୀମାନେ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଯାତ୍ରୀମାନଙ୍କ ମଧ୍ୟରେ କୌଣସି କ୍ଷତି ହୋଇନାହିଁ । ଟ୍ରେନଟି ପ୍ରାୟ ଅଧ ଘଣ୍ଟା ପାଇଁ ସାହାନା ଗାଁ ନିକଟରେ ଅଟକି ରହିଥିଲା । ତେବେ ରେଳ ବିଭାଗ ପକ୍ଷରୁ ଯାଞ୍ଚ ଜାରି ରହିଛି ।

ଅକ୍ଷୟ ତୃତୀୟାରେ ହେବ ରଥ ନିର୍ମାଣ ଓ ଚନ୍ଦନ ଯାତ୍ରା

ପୁରୀ,୪।୪(ନିପ୍ର): ଆସନ୍ତା ୨୦ ତାରିଖରେ ପଡୁଛି ପବିତ୍ର ଅକ୍ଷୟ ତୃତୀୟା । ଏହି ଅବସରରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହେବା ସହ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ ହେବ । ମହାପ୍ରଭୁ ନରେନ୍ଦ୍ର ପୁଷ୍କରିଣୀକୁ ବିଜେକରି ନନ୍ଦା ଭଦ୍ରା ଦୁଇଟି ଚାପ ଡଙ୍ଗାରେ ଜଳକ୍ରୀଡା କରିବେ । ତେବେ ପବିତ୍ର ଚୈତ୍ର ପୂର୍ଣ୍ଣିମାରେ ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି । ବିଧି ଓ ପରମ୍ପରା ଅନୁଯାୟୀ ଚୈତ୍ର ପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କ ଚାପ ଡଙ୍ଗାକୁ ନରେନ୍ଦ୍ର ପୁଷ୍କରିଣୀ ଜଳରାଶିରୁ ଉପରକୁ ବାହାର କରାଯାଇଛି । ଭୋଇ ସେବକମାନେ ୫ଟି ଡଙ୍ଗା ନନ୍ଦା, ଭଦ୍ରା ଓ ବୈଜୟନ୍ତୀକୁ ନରେନ୍ଦ୍ର ପୁଷ୍କରିଣୀ ଜଳରାଶି ଭିତରୁ ଉପରକୁ ଆଣିଛନ୍ତି । ଏହାକୁ ଖରାରେ ଶୁଖାଯିବା ପରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏକ ମିଶ୍ରଣ ତଥା ପିତୁ ରାଳ, ଝୁଣାକୁ ଗରମ କରାଯାଇ ଏକ ମିଶ୍ରଣ ପ୍ରସ୍ତୁତ କରାଯାଇ ଡଙ୍ଗାରେ ପ୍ରଲେପ ଦିଆଯିବ । ଯାହାକି ଡଙ୍ଗାକୁ ସୁରକ୍ଷିତ ରଖିବ । ପ୍ରତ୍ୟେକ ବର୍ଷ ଚନ୍ଦନଯାତ୍ରା ଶେଷ ପରେ ମହାପ୍ରଭୁଙ୍କ ଚାପ ଡଙ୍ଗା ନନ୍ଦା, ଭଦ୍ରା ଓ ବୈଜୟନ୍ତୀକୁ ନରେନ୍ଦ୍ର ପୁଷ୍କରିଣୀ ଜଳରାଶି ତଳେ ବୁଡ଼ାଇ ରଖାଯାଏ । ପୁଣି ପରବର୍ଷ ଚନ୍ଦନଯାତ୍ରା ପୂର୍ବରୁ ଚୈତ୍ର ପୂର୍ଣ୍ଣିମାରେ ୫ଟି ଡଙ୍ଗାକୁ ନରେନ୍ଦ୍ର ପୁଷ୍କରିଣୀ ଜଳ ରାଶି ଭିତରୁ ଉପରକୁ ଅଣାଯାଇ ଆବଶ୍ୟକ ମରାମତି ଓ ପିତୁରାଳ ମିଶ୍ରଣର ପ୍ରଲେପ ଦିଆଯାଏ । ଫଳରେ କାଠରେ ନିର୍ମିତ ଡଙ୍ଗାଟି ଦୀର୍ଘ ଏକ ବର୍ଷ ଜଳ ରାଶି ଭିତରେ ରହିଲେ ବି କାଠ ଡଙ୍ଗାର କିଛି ଅସୁବିଧା ହୁଏ ନାହିଁ । ତେବେ ପରମ୍ପରା ଅନୁଯାୟୀ ଯେଉଁବର୍ଷ ମହାପ୍ରଭୁଙ୍କ ନବକଳେବର ପଡିବ ତାହାର ପର ବର୍ଷ ମହାପ୍ରଭୁଙ୍କର ନୂଆ ଚାପ ଡଙ୍ଗା ନିର୍ମାଣ ହେବାର ବିଧି ରହିଛି । ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ହେଉଛି ଜଳଯାତ୍ରା ନିମନ୍ତେ ଉଦ୍ଦିଷ୍ଟ । ମହାପ୍ରଭୁ ଯେହେତୁ ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରୁଛନ୍ତି ପ୍ରଚଣ୍ଡ ଗ୍ରୀଷ୍ମରେ ଅବସର ବିନୋଦନ ଭଳି ସୁଶୀତଳତା ପାଇଁ ମହାପ୍ରଭୁ ଜଳଯାତ୍ରା କରିବାକୁ ଇଚ୍ଛା ପ୍ରକାଶ କରିଥାନ୍ତି । ପ୍ରତ୍ୟେକ ବର୍ଷ ଅକ୍ଷୟ ତୃତୀୟାରୁ ୨୧ ଦିନ ଧରି ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏଥିରେ ଭୁଦେବୀ, ଶ୍ରୀଦେବୀ ଓ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନଙ୍କ ସହ ଶ୍ରୀକ୍ଷେତ୍ରର ପଞ୍ଚ ଶଙ୍କର ଜମ୍ବେଶ୍ୱର, ଲୋକନାଥ, କପାଳମୋଚନ, ମାର୍କଣ୍ଡେୟ ଏବଂ ନୀଳକଣ୍ଠ ଏମାନେ ମଧ୍ୟ ମହାପ୍ରଭୁଙ୍କ ସହ ଯାତ୍ରା କରିଥାନ୍ତି । ଠାକୁରମାନେ ନରେନ୍ଦ୍ର ସରୋବରରେ ଥିବା ଚନ୍ଦନ କୁଣ୍ଡରେ ଜଳମଗ୍ନ ହୋଇଥାନ୍ତି । ମହାପ୍ରଭୁ ଜଳକେଳି କରିଥାନ୍ତି । କେଳି ମାଣ୍ଡୁଅ ଭୋଗ ଲାଗିଥାଏ । ଯେହେତୁ ଗ୍ରୀଷ୍ମ ଋତୁରେ ପ୍ରବଳ ଗରମ ଅନୁଭୂତ ହୁଏ ମହାପ୍ରଭୁଙ୍କୁ ଶୀତଳତା ପାଇଁ ଏହି ପର୍ବ ଉଦ୍ଦିଷ୍ଟ । ଏହା ବାମ ଦେବ ସଂହିତାରେ ଉଲ୍ଲେଖ ରହିଛି । ଅକ୍ଷୟ ତୃତୀୟାରୁ ୨୧ ଦିନ ଧରି ମହାପ୍ରଭୁ ନରେନ୍ଦ୍ର ପୁଷ୍କରିଣୀକୁ ଜଳ ଯାତ୍ରା ପାଇଁ ଯାତ୍ରା କରୁଥିବାରୁ ଏହାକୁ ବାହାର ଚନ୍ଦନ କୁହାଯାଏ । ଜ୍ୟେଷ୍ଠ ପୂର୍ଣ୍ଣିମା ପୂର୍ବରୁ ଅନ୍ୟ ସବୁ ଦିବସରେ ଶ୍ରୀମନ୍ଦିର ଭିତରେ ଯେଉଁ ନୀତି ଅନୁଷ୍ଠିତ ହୋଇଥାଏ ତାହାକୁ ଭିତର ଚନ୍ଦନ କୁହାଯାଏ ।

GOVERNMENT OF ODISHA, DEPARTMENTOF WATER RESOURCES
Office of the Addl. Chief Engineer, Mechanical Circle, Bhubaneswar
Email Address: semechcircle104@gmail.com
e-Procurement Notice- Bid Identification No.- ACEM/MDL-60/2025-26

32001/8/2627

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDL-60/2025-26
5. Estimated Cost : Rs. 19,38,577/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt.30.03.2026(10.00 AM) to dt.16.04.2026(5.30 PM)
8. Last date/ time for receipt of bid in the Portal : dt.16.04.2026 (up to 5.30 PM)
9. Date and Place of opening of Bid : dt.17.04.2026 (11.00 AM onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer,
Mechanical Circle Bhubaneswar

OIPR-32001/32405/1/26-27/0003

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ